

ଅବସର ନେଲେ
ରୋନାଲ୍ଡୋ
▶ଖେଳ ପୃଷ୍ଠା ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-132 ♦FRIDAY ♦6 NOVEMBER 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୩୨ ♦ଶୁକ୍ରବାର ♦୬ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୬.୦୦

TATA ଉତ୍ପାଦନ

TANISHQ
Adhyantara
ମହାଜାଗତିକ ଆଶ୍ଚର୍ଯ୍ୟ, ଆପଣଙ୍କ ପାଇଁ ସୃଜିତ

ଫ୍ଲାଟ୍ ₹301 ଛାଡ଼*
ପ୍ରତି ଗ୍ରାମ ସୁନା ଅଳଙ ୍କାର ଉପରେ

20% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ
ଡାଇମଣ୍ଡ ମୂଲ୍ୟ ଉପରେ



ଆପଣଙ୍କ ପାଇଁ ଏକ ବିଜୟ।
ଭାରତ ପାଇଁ ଏକ ବିଜୟ।

સોનાનાં એક્સચેન્જની સૌથી પારદર્શક પ્રક્રિયા, જે તમને તમારા જૂનાં સોનાં માટે શ્રેષ્ઠ મૂલ્ય આપે છે અને ભારતને તેની આયાત ઘટાડવામાં મદદરૂપ થાય છે.

—WIN-WIN—
EXCHANGE

0%
ଫ୍ଲାଟ୍ 0% କଟାଣ*
ଯେକୌଣସି ଜ୍ୱେଲର୍ଙ୍କର
(18 କ୍ୟାରେଟ ଏବଂ ତା'ଠାରୁ ଅଧିକ)
ପୁରୁଣା ସୁନା ସକାଶେ।

- କୌଣସି ଲୁଚାଛପା କଟାଣ ନାହିଁ
- ବର୍ଷସାରା ବିନିମୟ
- ଏକ ବ୍ୟାପକ ସମ୍ଭାରର ନୂତନ ଏବଂ ସ୍ୱତନ୍ତ୍ର ଡିଜାଇନ୍ ସହିତ ନିଜକୁ ଅପଗ୍ରେଡ୍ କରନ୍ତୁ
- ବାହାଘର, ପର୍ବପର୍ବାଣୀ ଓ ବିଶେଷ ଅବସର ଲାଗି ବିନିମୟ କରନ୍ତୁ

ଗୋଲ୍ଡ ରେଟ୍ ପ୍ରୋଟେକ୍ଶନ୍ – ଅଗ୍ରୀମ ବୁକ୍ କରନ୍ତୁ ଏବଂ ବର୍ଦ୍ଧିତ ଗୋଲ୍ଡ ରେଟ୍ ବିପକ୍ଷରେ ସୁରକ୍ଷିତ ରୁହନ୍ତୁ*

UP TO ₹7,500 INSTANT DISCOUNT* SBI card
#Min. Trxn.: ₹1,00,000. Valid on one transaction per card.
Validity: 02 Nov - 08 Nov 2026. T&C Apply.

Talk to our jewellery expert to know more 1800 2966 677
Buy online at tanishq.co.in or Download our App *Conditions apply.

Scan for an immersive cosmic experience

Bhubaneswar : Chandrasekharpur - 7205050700 | Master Canteen Square - 9238307043 | Saheed Nagar - 0674-3545757
Amalapada, Lane - 2, Anugola - 9090066000, 8147485152 | Cantonment Road, Kataka - 9238307044

ସକାଳ
THE SAKALA

ରାଜ୍ୟରେ ଜଙ୍ଗଲରାଜ

ଆଇଏଏସ୍‌ଙ୍କୁ ଆସ୍କା ବିଧାୟକଙ୍କ ଧମକ

ମାରି ମାଟିରେ ମିଶାଇଦେବି

ଭୁବନେଶ୍ୱର, ୬।୧୧ (ସମିସ): ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଦିନକୁ ଦିନ ତଳମୁହାଁ ହେଉଛି। ସାଧାରଣ ଲୋକ ତ ଦୂରର କଥା; ଖୋଦ ପୁଲିସ ଓ ପ୍ରଶାସନିକ ଅଧିକାରୀ ବି ଏଠି ଅସୁରକ୍ଷିତ। ଚାପ ଓ ନିର୍ଯାତନା ସହି ନ ପାରି ପୁଲିସ ଅଧିକାରୀ ଚାକିରି ଛାଡୁଥିବା, ଆତ୍ମହତ୍ୟା କରୁଥିବା ଅଭିଯୋଗ ହେଉଥିବାବେଳେ ଆଙ୍ଗୁଳିଗଣତି କିଛି ଅଧିକାରୀ ସ୍ୱର ଉତ୍ତୋଳନ କରି ବିଭାଗର ଉଚ୍ଚ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରୁଛନ୍ତି।

ଅନ୍ୟପକ୍ଷରେ ଶାସକ ଦଳର ନେତାଙ୍କ ଉତ୍ପାତରେ ପ୍ରଶାସନିକ ଅଧିକାରୀ ତ୍ରାହିତ୍ରାହି ଡାକୁଛନ୍ତି। ଭୁବନେଶ୍ୱର, କେନ୍ଦ୍ରାପଡ଼ା, କଟକ, ସମ୍ବଲପୁର ପୁରୀ ଆଦି ଜିଲ୍ଲାରେ ଶାସକ ଦଳର ବିଧାୟକ ଓ ପରାଜିତ ବିଧାୟକ ପ୍ରାର୍ଥୀଙ୍କ ଉତ୍ପାତ ଅସହ୍ୟ ହୋଇଛି। ଏବେ ଗଞ୍ଜାମରେ ବି ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଥଇଥାନ କାର୍ଯ୍ୟ କରି ପ୍ରଶଂସିତ ହୋଇଥିବା ଜଣେ ଯୁବ ଆଇଏଏସ୍ ଅଧିକାରୀଙ୍କୁ ଆସିକା ବିଧାୟକ ସରୋଜ ପାଢ଼ୀ ମାରିକି ମାଟିରେ ମିଶାଇ ଦେବାକୁ ଧମକ ଦେଇଛନ୍ତି। ସରକାରୀ କାର୍ଯ୍ୟାଳୟ ଭିତରେ ଅନେକ ଲୋକଙ୍କ ଉପସ୍ଥିତିରେ ବିଧାୟକ ଜଣେ ସର୍ବଭାରତୀୟ ସ୍ତରର ପ୍ରଶାସନିକ ଅଧିକାରୀଙ୍କୁ ଅଶ୍ରାବ୍ୟ ଶବ୍ଦରେ ଗାଳିଗୁଲଜ କରିଛନ୍ତି। ଯାହାକୁ ନେଇ ଆଇଏଏସ୍ ଅଧିକାରୀ ସଂଘ ଓ ଓଏଏସ୍ ସଂଘ ଆପତ୍ତି ଉଠାଇଛି। ସରକାରଙ୍କ ଚାପରେ ମାମଲାକୁ ଚାପି ଦେବାକୁ ବ୍ୟବସ୍ଥା ହୋଇ ସାରିଥିଲେ ହେଁ ରାଜ୍ୟରେ ଅଧିକାରୀଙ୍କ ଉପରେ ବଢ଼ୁଥିବା ଚାପ ସେମାନଙ୍କ ପ୍ରଶାସନିକ ମର୍ଯ୍ୟାଦା ଓ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛି।

'ଆସିକାରେ ମୁଁ ହେଉଛି ମିନିଷ୍ଟର..., ମୁଁ ଏଠି ସବୁକିଛି। ମୋ ଇଚ୍ଛାବିନା ଏଠି କିଛି ହୁଏ ନାହିଁ.... ଅଫିସର ହୋଇ ନ ଥିଲେ ତୋତେ ଗଳା ଧକ୍କା ଦେଇ ବାହାର କରିଦେଇଥାଆନ୍ତି.... ତୋ ଅବସ୍ଥା କ'ଣ କରିବି, ତୁ ନିଜେ ବି ଭାବି ପାରିବୁ ନାହିଁ। ଦରକାର ପଡ଼ିଲେ, ତୋତେ ମାରିକି ଏଠି ମାଟିରେ ମିଶାଇ ଦେବି...। ଏପରି ଶବ୍ଦରେ ଗଞ୍ଜାମ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ତଥା ସିଡ଼ିଓ ସମୀର କୁମାର ଜେନାଙ୍କୁ ଧମକ ଦେଇଛନ୍ତି ଆସ୍କା ବିଧାୟକ ସରୋଜ ପାଢ଼ୀ। ଲୋକଙ୍କ ଆଗରେ ଗାଳିଗୁଲଜ କରିବା ସହ ଅପମାନିତ କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ଜେନା ଥାନାରେ ଏତଲା ଦେଇଛନ୍ତି। ମାତ୍ର ବିଧାୟକଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।

ଅଭିଯୋଗ ଅନୁସାରେ ମନ୍ତ୍ରୀ ବିଭୁତି ଜେନାଙ୍କ ସହ ବିଧାୟକ ସରୋଜ ପାଢ଼ୀଙ୍କ ଆଭ୍ୟନ୍ତରୀଣ ବିବାଦ ରହିଛି। କେହି କାହାରି ପତିଆରା ସହି ପାରୁନାହାନ୍ତି। ଅର୍ଣ୍ଣବ ବାତ୍ୟା ଓ ପରବର୍ତ୍ତୀ ପରିସ୍ଥିତି ଅନୁଧ୍ୟାନ ନିମନ୍ତେ ମୁଖ୍ୟମନ୍ତ୍ରୀ ବିଭୁତି ଜେନାଙ୍କୁ ଦାୟିତ୍ୱ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ଅନୁସାରେ ସିଡ଼ିଓ ଶ୍ରୀ ଜେନା ଆସ୍କା ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ଏହାକୁ ବିଧାୟକ ଶ୍ରୀ ପାଢ଼ୀ ସିଡ଼ିଓ ଶ୍ରୀ ଜେନାଙ୍କୁ ତାଙ୍କ ନିର୍ଦ୍ଦେଶ ମାନିବାକୁ ବାଧ କରିଥିଲେ। ସିଡ଼ିଓ ଶ୍ରୀ ଜେନା ଜଣେ ପ୍ରଶାସନିକ ଅଧିକାରୀ ଭାବେ ତାଙ୍କର କାର୍ଯ୍ୟ ପରିସର ଓ ଦାୟିତ୍ୱ ବାହାରେ ରାଜନୈତିକ ବିବାଦରେ ହସ୍ତକ୍ଷେପ କରିବା ସମ୍ଭବ ନୁହେଁ ବୋଲି ବିଧାୟକଙ୍କୁ ବୁଝାଇଥିଲେ ଓ କୌଣସି ମତଭେଦ ଥିଲେ ସିଧାସଳଖ ମନ୍ତ୍ରୀଙ୍କ ସହ ଆଲୋଚନା କରି ତାହାର ସମାଧାନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ କ୍ଷୁବ୍ଧ ବିଧାୟକ ଚିତ୍କାର କରିବା ସହ ଅପମାନଜନକ ଭାଷା ପ୍ରୟୋଗ କରିଥିଲେ ଓ ହତ୍ୟା ଧମକ ଦେଇଥିଲେ। ଅପମାନିତ ସିଡ଼ିଓ ବାଧ ହୋଇ ସେଠାରୁ ଚାଲି ଯାଇଥିଲେ ଓ ଆଇଏଏସ୍ ସଂଘକୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ।

ସୂଚନା ଅନୁସାରେ ଆଇଏଏସ ସଂଘର ପ୍ରତିନିଧିମାନେ ଏହି ଘଟଣାକୁ ନେଇ ଆଜି ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହିପରି ସ୍ଥିତି ଜାରି ରହିଲେ କୌଣସି ଅଧିକାରୀ କ୍ଷେତ୍ରସ୍ତରରେ କାର୍ଯ୍ୟ କରିପାରିବେ ନାହିଁ ବୋଲି ମଧ୍ୟ ମୁଖ୍ୟ ସଚିବଙ୍କୁ ଜଣାଇଛନ୍ତି। ଅନୁରୂପ ଭାବରେ ଓଏଏସ୍ ସଂଘ ପକ୍ଷରୁ ମଧ୍ୟ ବିଧାୟକଙ୍କ ଏପରି ଆଚରଣ ଅଗ୍ରହଣୀୟ ବୋଲି କୁହାଯାଇଛି। ପରିସ୍ଥିତି ଗୁରୁତର ଆଡ଼କୁ ଗତି କରୁଥିବାରୁ ଖୋଦ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରିଛନ୍ତି। ବିଧାୟକଙ୍କୁ ତାଗିଦ୍ କରିବା ସହ ଘଟଣାକୁ ଆଗକୁ ନ ବଢ଼ାଇବାକୁ ଆଇଏଏସ୍ ସଂଘକୁ ପରାମର୍ଶ ଦେଇଛନ୍ତି ବୋଲି କୁହାଯାଉଛି।

ମାତ୍ର ବିଧାୟକ ସରୋଜ ପାଢ଼ୀ ନିଜକୁ ଆସ୍କା ଅଞ୍ଚଳର ମନ୍ତ୍ରୀ ବୋଲି ଘୋଷଣା କରିବାର ଅର୍ଥ କ'ଣ? ଜନପ୍ରତିନିଧି ହେବା କ'ଣ ଅଧିକାରୀଙ୍କୁ ଧମକାଇବା, ଅପମାନିତ କରିବା ଓ ନିଜ ଇଚ୍ଛାରେ ପ୍ରଶାସନକୁ ଚଳାଇବା? ମନ୍ତ୍ରୀଙ୍କ ସହ ତାଙ୍କର ବ୍ୟକ୍ତିଗତ ବା ରାଜନୈତିକ ବିବାଦରେ ଜଣେ ଆଇଏଏସ୍ ଅଧିକାରୀଙ୍କୁ ଟାଣିବା ଏବଂ ତାଙ୍କ ଉପରେ ଚାପ ପକାଇବା ଚରମ ଅହଂକାର ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କୁହାଯାଉଛି। ପ୍ରଶାସନକୁ ଉତ୍ତରଦାୟୀ କରିବାର ଅଧିକାର ଗଣତନ୍ତ୍ରରେ ନିର୍ବାଚିତ ପ୍ରତିନିଧିଙ୍କ ରହିଛି, କିନ୍ତୁ ଦାଦାଗିରି ଦେଖାଇବାକୁ ଅନୁମତି ଦିଆଯାଇ ନାହିଁ। ଯଦି ସରକାରୀ କାର୍ଯ୍ୟାଳୟ ଭିତରେ ଜଣେ ଆଇଏଏସ୍ ଅଧିକାରୀଙ୍କୁ ଏଭଳି ଧମକ ଦିଆଯାଉଛି, ତେବେ ସାଧାରଣ ଲୋକଙ୍କ ଅବସ୍ଥା କିପରି ଥିବ ତାହା ସହଜେ ଅନୁମେୟ।

'ଆସିକାରେ ମୁଁ ହେଉଛି ମିନିଷ୍ଟର..., ମୁଁ ଏଠି ସବୁକିଛି। ମୋ ଇଚ୍ଛା ବିନା ଏଠି କିଛି ହୁଏ ନାହିଁ.... ଅଫିସର ହୋଇ ନ ଥିଲେ ତୋତେ ଗଳା ଧକ୍କା ଦେଇ ବାହାର କରିଦେଇଥା'ନ୍ତି.... ତୋ ଅବସ୍ଥା କ'ଣ କରିବି, ତୁ ନିଜେ ବି ଭାବି ପାରିବୁ ନାହିଁ। ଦରକାର ପଡ଼ିଲେ, ତୋତେ ମାରିକି ଏଠି ମାଟିରେ ମିଶାଇ ଦେବି...।



ଗିଡ଼ିପାବାଲି ଭୂସ୍ଖଳନ

୮ ଦିନ ପରେ ମିଳିଲା ଆଉ ୫ ମୃତଦେହ

ଭଞ୍ଜନଗର, ବ୍ରହ୍ମପୁର/ଜି.ଉଦୟଗିରି, ୬।୧୧(ସମିସ): ମାଟିତଳେ ଚାପି ରହିଥିବା ଜୀବନର ସନ୍ଧାନ ଏବେ ବି ଜାରି। ଦିନ ଗଡୁଛି, ହେଲେ ମାଟିତଳୁ ମିଳୁଛି ମୃତଦେହ। ଗିଡ଼ିପାବାଲି ଭୂସ୍ଖଳନ ଘଟଣାର ୮ ଦିନ ପରେ ପୁଣି ଆରମ୍ଭ ହୋଇଥିବା ସର୍ଚ୍ଚ ଅପରେସନରେ ଆଜି ଆଉ ୫ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ଏଥିସହ ମୋଟ ଉଦ୍ଧାର ମୃତଦେହ ସଂଖ୍ୟା ୭ରେ ପହଞ୍ଚିଛି। ଏବେ ବି ଆଉ ୬ଜଣ ମାଟିତଳେ ଚାପି ହୋଇ ରହିଥିବା ଆଶଙ୍କା ରହିଛି। ଏହି ହୃଦୟବିଦାରକ ଘଟଣା ଯେତିକି ମର୍ମାହତ କରୁଛି, ଉଦ୍ଧାର କାର୍ଯ୍ୟରେ



ବିଳମ୍ବ ଓ ପ୍ରଶାସନିକ ପ୍ରସ୍ତୁତିକୁ ନେଇ ସେତିକି ପ୍ରଶ୍ନ ଉଠାଉଛି। ଗତ ଗୁରୁବାର ରାତିରେ ଗିଡ଼ିପାବାଲିରେ ଭୂସ୍ଖଳନ ଘଟିବା ସମୟରେ ଘଟଣାସ୍ଥଳରେ ମୋଟ ୨୬ ଜଣ ରହୁଥିଲେ। ଭୟଙ୍କର ମାଟି ଅତଡ଼ା ଧସିବା ମଧ୍ୟରେ ୧୧ ଜଣ କୌଣସିମତେ ନିଜ ଜୀବନ ବଞ୍ଚାଇ ଫେରି ଆସିଥିବା ବେଳେ ୧୩ଜଣ ନିଖୋଜ ଥିବା ନେଇ ଜିଲ୍ଲା ପ୍ରଶାସନକୁ ଜଣାଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ଉଦ୍ଧାର ଅଭିଯାନ। ପ୍ରଥମେ ରବି ପ୍ରଧାନଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପରେ ତାଙ୍କ ଭ୍ରାଇଁ ସନମାନ ପ୍ରଧାନ (୨୭)ଙ୍କ ମୃତଦେହ ମଙ୍ଗଳବାର ସେହି ସ୍ଥାନରୁ ଉଦ୍ଧାର କରାଯାଇଥିଲା। ତେବେ ଏହାପରେ ସର୍ଚ୍ଚ ଅପରେସନ ସ୍ଥଗିତ ରହିଥିବାରୁ ନିଖୋଜ ପରିବାର ସଦସ୍ୟଙ୍କ ଆସୀୟଙ୍କ ମଧ୍ୟରେ ଅସନ୍ତୋଷ ଓ ଆଶଙ୍କା ବଢ଼ିଥିଲା। ଦୀର୍ଘ ବ୍ୟବଧାନ ପରେ ଗୁରୁବାର ପୁଣି ଆରମ୍ଭ ହୋଇଥିଲା ଉଦ୍ଧାର ଅଭିଯାନ। ପ୍ରାୟ ୮୦ଜଣିଆ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଅପରେସନକୁ ଜୋରଦାର କରିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ପ୍ରାୟ ୨୦ ଫୁଟ ମାଟି ତଳୁ ଗୋଟିଏ ପରେ ଗୋଟିଏ ୫ଟି ମୃତଦେହ ଉଦ୍ଧାର କରାଯାଇଥିଲା। ମୃତକଙ୍କ ମଧ୍ୟରେ ୪୦ ବର୍ଷୀୟା ଭୂମିକା ପ୍ରଧାନ, ୭ବର୍ଷର ଶିଶୁପୁତ୍ର ଅରୁଣ ପ୍ରଧାନ, ୨୫ବର୍ଷୀୟ ବିଜୟ ପ୍ରଧାନ, ବିଜୟଲକ୍ଷ୍ମୀ ପ୍ରଧାନ ଓ ୫ ବର୍ଷୀୟା ଜୟଲକ୍ଷ୍ମୀ

ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର ଲେଖାଏଁ ସହାୟତା

ରହିଥିବା ଜି. ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ମିଶ୍ର ସୂଚନା ଦେଇଛନ୍ତି। ଗୁରୁବାର ଭଞ୍ଜନଗର ତହସିଲ ପକ୍ଷରୁ ସମସ୍ତ ପରିବାରକୁ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି। ଏହି ଗ୍ରାମରେ ମୋଟ ୯ଟି ପରିବାର ରହୁଥିବା ବେଳେ ଦୁଇଟି ପରିବାରର ସମସ୍ତ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୭ ଟି ପରିବାର ମଧ୍ୟରୁ ରାଇକିଆ ବ୍ଲକ ଅନ୍ତର୍ଗତ ପିଲାପାଙ୍ଗା ଆଶ୍ରୟସ୍ଥଳୀରେ ରହୁଥିବା ୩ଟି ପରିବାରକୁ ଗୁରୁବାର ଅତିରିକ୍ତ ତହସିଲଦାର ଅବିନାଶ ମାହାର ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଜି ଉଦୟଗିରି ମେଡିକାଲରେ ଥିବା ଏହି ଗ୍ରାମର ଅନ୍ୟ ଦୁଇଟି ପରିବାର ଲୋକଙ୍କୁ ମଧ୍ୟ ଏହି ସହାୟତା ଯୋଗାଇ ଦିଆଯାଇଛି।

'ପ୍ରଳୟ'ର ସଫଳ ପରୀକ୍ଷଣ

ବାଲେଶ୍ୱର, ୬।୧୧(ସମିସ): ଓଡ଼ିଶା ଉପକୂଳରେ ଆଉ ଏକ ବଡ଼ ସଫଳତା ହାସଲ କରିଛି ଭାରତ। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଆଜି କ୍ୱାସି-ବାଲିଷ୍ଟିକ୍ କ୍ଷେପଣାସ୍ତ୍ର "ପ୍ରଳୟ"ର ସଫଳ ଉଡ଼ାଣ ପରୀକ୍ଷଣ କରିଛି। ଗୁରୁବାର ଦିନ ପ୍ରାୟ ୧୧ଟା ୧୦ରେ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ନିକଟ ଡ. ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଏହି ପରୀକ୍ଷଣ କରାଯାଇଥିଲା। ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ର ଦ୍ୱାରା ବିଭିନ୍ନ ରେଞ୍ଜ ଯନ୍ତ୍ର ମାଧ୍ୟମରେ ସଂଗୃହିତ ତଥ୍ୟରୁ ପରୀକ୍ଷଣର ସମସ୍ତ ଲକ୍ଷ୍ୟ ପୂରଣ ହୋଇଥିବା ନିଶ୍ଚିତ ହୋଇଛି। ହାଇଦ୍ରାବାଦସ୍ଥିତ ରିସର୍ଚ୍ଚ ସେଣ୍ଟର ଇମାରତ ସହ ଡିଆରଡିଓର ଅନ୍ୟ ପରୀକ୍ଷାଗାର ମିଳିତ ଭାବେ ଏହି କ୍ଷେପଣାସ୍ତ୍ରକୁ ସ୍ୱଦେଶୀ ଜ୍ଞାନ କୌଶଳରେ ବିକଶିତ କରିଛନ୍ତି। ଭାରତ ଡାଇନାମିକ୍ସ ଲିମିଟେଡ୍ ଏହି ସିଷ୍ଟମ୍ ନିର୍ମାଣ କରିଛି। ଡିଆରଡିଓର ବରିଷ୍ଠ ଅଧିକାରୀ, ଶିଳ୍ପ ପ୍ରତିନିଧି ଓ ପ୍ରତିରକ୍ଷା ବାହିନୀଙ୍କ ଉପସ୍ଥିତିରେ ୟୁଜର ଇଭାଲୁଏସନ୍ ଟ୍ରାଏଲ୍ ଭାବେ ଏହି ପରୀକ୍ଷଣ କରାଯାଇଥିଲା। ଏହି ସଫଳ ପରୀକ୍ଷଣ ପରେ ସେନାରେ ଏହାର ଅନ୍ତର୍ଭୁକ୍ତି ନିଶ୍ଚିତ ହୋଇଛି। ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ, ପ୍ରତିରକ୍ଷା ବାହିନୀ ଓ ଶିଳ୍ପ ସହଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅତ୍ୟାଧୁନିକ ପ୍ରଯୁକ୍ତିରେ ସଜ୍ଜିତ ଏହି କ୍ଷେପଣାସ୍ତ୍ର ଉଦୀୟମାନ ବିପଦ ବିରୋଧରେ ସେନାର ପ୍ରଯୁକ୍ତିଗତ ସକ୍ଷମତା ଓ କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ଆହୁରି ମଜବୁତ କରିବ ବୋଲି ସେ କହିଛନ୍ତି। ପ୍ରତିରକ୍ଷା ସଚିବ ତଥା ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ସଚିବ ଓ ଡିଆରଡିଓ ଅଧ୍ୟକ୍ଷ ରାଜେଶ କୁମାର ସିଂ ମଧ୍ୟ ସଫଳ ପରୀକ୍ଷଣ ସହ ଜଡ଼ିତ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।



ୟୁନିଅନ ବିବାଦ ଯୁବକଙ୍କୁ ଗୁଳିକରି ହତ୍ୟା

ରାଉରକେଲା, ୬।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ଦର୍ଲିପାଲିଠାରେ ଗୁରୁବାର ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ସୁନୀଲ ନେତୀ ବୋଲି ଚିହ୍ନଟ ହୋଇଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, ପାଉଁଶ ପରିବହନକୁ କେନ୍ଦ୍ରକରି ଦୁଇଟି ୟୁନିଅନ୍ ମଧ୍ୟରେ ଉପୁଜିଥିବା ବାକ୍-ବିତଣ୍ଡାରୁ ଏହି ଗୁଳିକାଣ୍ଡ ଘଟିଥିବା କୁହାଯାଉଛି। ପ୍ରତ୍ୟକ୍ଷଦର୍ଶୀ ଓ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଉଭୟ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ଚାଲିଥିବାବେଳେ ଗୋଟିଏ ଗୋଷ୍ଠୀର ଜଣେ ବ୍ୟକ୍ତି ହଠାତ୍ ଗୁଳି ଚଳାଇଥିଲେ। ଗୁଳିଟି ସିଧାସଳଖ ସୁନୀଲଙ୍କ ଛାତିରେ ବାଜିଥିଲା। ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନିଆଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଘଟଣାବଳୀର ସଠିକ୍ କାରଣ ଜାଣିବା ଏବଂ ଗୁଳିକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ଏହି ଘଟଣାପରେ ଦର୍ଲିପାଲି ତଥା ଏହାର ଆଖପାଖ ଅଞ୍ଚଳରେ ଶୋକାକୁଳ ଓ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି।

ଉଜାଡ଼ିଦେଲା ଅର୍ଣ୍ଣବ

ଜୀବନ ହାରିଲେ ଆଉଜଣେ ଚାଷୀ

ବ୍ରହ୍ମପୁର / କବିସୂର୍ଯ୍ୟନଗର, ୬।୧୧ (ସମିସ): ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ହେତୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଚାଷଜମି, ପନିପରିବା ଫସଲ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ଏପରିସ୍ଥଳେ କ୍ଷୟକ୍ଷତିକୁ ସହି ନ ପାରି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ସଦାବର୍ତ୍ତନ ନୂଆଗାଁର ୨୮ ବର୍ଷୀୟ ଚାଷୀ ବୁଲୁ ମଲିକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। ସେ ବିଭିନ୍ନ ଆଡୁ ଧାରକରଜ କରି ଦୁଇ ଏକର ଜମିରେ ଧାନ ଓ ଏକ ଏକର ଜମିରେ ଲଙ୍କା, ବାଇଗଣ, କୋବି ଆଦି ପନିପରିବା ଚାଷ କରିଥିଲେ। ଫସଲ ହାନି ପରେ ଲୋକେ ତାଙ୍କୁ ଟଙ୍କା ମାଗିଥିଲେ। ଋଣ ଟଙ୍କା ଶୁଝି ନ ପାରବାରୁ ମାନସିକ ଚାପରେ ପଡ଼ି ଏଭଳି ଆତ୍ମହତ୍ୟାର ରାସ୍ତା ବାଛିଥିବା ଜଣାପଡିଛି। ବୁଲୁ ଗତକାଲି ରାତି ପ୍ରାୟ ୧୦ ଟା ପରେ ମୂଷାମରା ପାଇଁ ବ୍ୟବହୃତ ବିଷ ଖାଇ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ପ୍ରଥମେ କବିସୂର୍ଯ୍ୟନଗର ମେଡିକାଲ ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲା। ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ୭୮୩ ରୁଜୁ କରାଯାଇ ମୃତକର ଶବ ବ୍ୟବଚ୍ଛେଦ ହୋଇଛି। ମୃତକ ପରିବାରକୁ ରେଡ୍‌କ୍ରସରୁ ତହସିଲଦାର ୩୦ ହଜାର ଅନୁଦାନ ଦେଇଥିବା ବେଳେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଯୋଜନାରେ ସାମିଲ କରିବା ସହ ସରକାରୀ ସମସ୍ତ ସୁବିଧା ଦେବାକୁ ଦାବି ଜଣାଇଛନ୍ତି। ଶବ ବ୍ୟବଚ୍ଛେଦ ପରେ ଗାଁ ରେ ଶବ ପହଂଚିବା ପରେ ଗାଁ ଦାଣ୍ଡରେ ଶବ ରଖି ରାସ୍ତାରୋକ ଗ୍ରାମବାସୀ କରିଥିଲେ। ସ୍ଥାନୀୟ ତହସିଲଦାର ଓ ଆଇଆଇସି ପହଞ୍ଚି ଗ୍ରାମବାସୀଙ୍କୁ ଆଶ୍ୱାସନା ଦେବା ସହ ରାସ୍ତାରୋକ ହଟାଇଥିଲେ। ଗାଁ ମସାଣିରେ ଅନ୍ତିମ ସଂସ୍କାର କରାଯାଇଛି। ବ୍ରହ୍ମପୁର ମେୟର ତଥା ଜିଲ୍ଲା ମହିଳା ବିଜେଡିର ସଭାନେତ୍ରୀ ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ଡାକ୍ତର ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ଓଡିଶା ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାସ ମହାରଣା ମେଡିକାଲକୁ ଯାଇ ମୃତଚାଷୀ ବୁଲୁଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଆଗକୁ ଏଭଳି ଚାଷୀ ମୃତ୍ୟୁ ଘଟଣା ରୋକିବାକୁ ସରକାର ବାତ୍ୟା ଓ ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ପର୍ଯ୍ୟାପ୍ତ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।



ମୃତକଙ୍କ ପରିବାରକୁ ୨୦ ଲକ୍ଷ କ୍ଷତିପୂରଣ ଦାବିକଲା ବିଜେଡି

ତନ୍ତ୍ର ସାଧନା ପାଇଁ ମଶାଣିରେ ବୀଭତ୍ସ କାଣ୍ଡ

ସମାଧି ଖୋଳି କାଟିନେଲେ ଯୁବତୀଙ୍କ ମୁଣ୍ଡ

ନନ୍ଦାହାଣ୍ଡି, ୬।୧୧ (ସମିସ) : ଅନ୍ଧବିଶ୍ୱାସର ଚରମ ସୀମା। ମଶାଣିର ନିସ୍ତବ୍ଧତାକୁ ଭାଙ୍ଗି ମଝିରାତିରେ ଘଟିଲା ଏକ ଅମାନବୀୟ ଓ ନୃଶଂସ କାଣ୍ଡ। ମୃତ୍ୟୁର ୪୧ ଦିନ ପରେ ସମାଧି ଖୋଳି ଜଣେ ଅବିବାହିତ ଯୁବତୀଙ୍କ ଶବରୁ ମୁଣ୍ଡ କାଟି ନେଇଛନ୍ତି ଦୁର୍ବୃତ୍ତ। ଏହି ଘଟଣା ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ନନ୍ଦାହାଣ୍ଡି ବ୍ଲକ ନରସିଂହଗୁଡ଼ା ଗାଁରେ ଘଟିଛି। ଘଟଣା ପରେ ସାରା ଗାଁରେ ଭୟର ବାତାବରଣ ଖେଳିଯାଇଛି। ମୃତା ଯୁବତୀ ହେଲେ ନରସିଂହଗୁଡ଼ା ଗ୍ରାମର ୨୭ ବର୍ଷୀୟା ନୀଳାଦ୍ରୀ ମାଝୀ। ଗତ ସେପ୍ଟେମ୍ବର ୨୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଦେହରେ ହାଡ଼ଫୁଟି ବା ଭଗବାନ ଆସିଥିବା ବିଶ୍ୱାସ କରି ପରିବାର ଲୋକେ ଶବକୁ ଦାହ ନ କରି ଗାଁ ମସାଣିରେ ପୋତି ଦେଇଥିଲେ। ସ୍ଥାନୀୟ ବିଶ୍ୱାସ ଅନୁଯାୟୀ, ଶବ ପୋତିବାର ୨୧ ଦିନ ପର୍ଯ୍ୟନ୍ତ ତାନ୍ତ୍ରିକମାନେ କିଛି କରିପାରନ୍ତି ବୋଲି ଆଶଙ୍କା କରି ପରିବାର ଲୋକେ ମଶାଣିକୁ ଜଗି ରହିଥିଲେ। ହେଲେ ୨୧ ଦିନ ପରେ ଜଗିବା ବନ୍ଦ କରିଦେଇଥିଲେ। କିନ୍ତୁ ୪୧ ଦିନର ରାତିରେ ଘଟିଲା ଅଭାବନୀୟ ଘଟଣା। ସକାଳେ ଗ୍ରାମବାସୀ ଶୌଚ ପାଇଁ ଯାଇଥିବା ବେଳେ ସମାଧି ଖୋଳା ହୋଇଥିବା ଦେଖିଥିଲେ। ଖବର ପାଇ ପରିବାର ଲୋକେ ଓ ଗ୍ରାମବାସୀ ପହଞ୍ଚି ଯାହା ଦେଖିଲେ, ତାହା ସମସ୍ତଙ୍କୁ ସ୍ତବ୍ଧ କରିଦେଲା। ସମାଧି ଭିତରେ ଦୁଇଟି କୁକୁଡ଼ା ବଳି ଦିଆଯାଇଥିବା ଚିହ୍ନ, ଚାରିପଟେ ପୂଜାପାଠର ସାମଗ୍ରୀ ପଡ଼ିଥିବା ବେଳେ ଶବରୁ ମୁଣ୍ଡ ଗାଏବ ହୋଇ ଯାଇଥିଲା। କେହି ଦୁର୍ବୃତ୍ତ ଶବକୁ ଖୋଳି ବାହାର କରି ମୁଣ୍ଡ କାଟି ନେଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ଏହା ପଛରେ ତନ୍ତ୍ରବିଦ୍ୟା, କୁଆଁରୀ ବିଦ୍ୟା କିମ୍ବା କୌଣସି ଗୁପ୍ତ ପୂଜାପାଠର ଉଦ୍ଦେଶ୍ୟ ଥିବା ସନ୍ଦେହ କରୁଛନ୍ତି ଗ୍ରାମବାସୀ। ଘଟଣା ପରେ ପରିବାର ଲୋକେ ପୁଣି ଶବକୁ ପୋତି ଦେଇ ନ୍ୟାୟ ପାଇଁ ଦାବି କରିଛନ୍ତି। ପୋଲିସ ତଦନ୍ତ ପରେ ହିଁ ପ୍ରକୃତ ସତ ସାମ୍ନାକୁ ଆସିବ।



ଶ୍ରୀମନ୍ଦିରରେ ଅସୁସ୍ଥ ଶ୍ରଦ୍ଧାଳୁଙ୍କ ହସ୍ପିଟାଲରେ ମୃତ୍ୟୁ

ପୁରୀ, ୬।୧୧(ସମିସ): କାର୍ତ୍ତିକ ମାସରେ ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ଆସିଥିବା ଜଣେ ବୟସ୍କ ଭକ୍ତଙ୍କର ଅକାଳ ବିୟୋଗ ଘଟିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଢେଙ୍କାନାଳ ଜିଲ୍ଲାରୁ ପତ୍ନୀଙ୍କ ସହ ଆସିଥିବା ୭୨ ବର୍ଷୀୟ ଯାଦବ ରାୟଙ୍କର ଶ୍ରୀମନ୍ଦିର ନିକଟରେ ହଠାତ୍ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ପରେ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମୃତ ଘୋଷଣା କରିଥିଲେ।

ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ପ୍ରାୟ ୮ଟା ୩୦ରେ ଯାଦବ ତାଙ୍କ ପତ୍ନୀ ଦୁର୍ଗାଙ୍କ ସହ ଶ୍ରୀମନ୍ଦିର ଦର୍ଶନ ନିମନ୍ତେ ଆସିଥିଲେ। ଏହି ସମୟରେ ବେହେରଣ ଦ୍ୱାର ନିକଟରେ ହଠାତ୍ ସେ ଅସୁସ୍ଥ ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ପରୀକ୍ଷା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପତ୍ନୀ ଦୁର୍ଗାଙ୍କ ସୂଚନା ଅନୁଯାୟୀ, ଯାଦବ ଦୀର୍ଘ ୭ରୁ ୮ ବର୍ଷ ଧରି ହୃଦ୍‌ରୋଗରେ ପୀଡ଼ିତ ଥିଲେ। ଏଥିସହ ସେ ମଧୁମେହ ରୋଗରେ ମଧ୍ୟ ଆକ୍ରାନ୍ତ ଥିଲେ। ତାଙ୍କର ପୂର୍ବ ଚିକିତ୍ସା ସମ୍ପର୍କିତ ଦସ୍ତାବିଜ୍ ପୁଲିସ ପକ୍ଷରୁ ସଂଗ୍ରହ କରାଯାଇଛି। ପବିତ୍ର କାର୍ତ୍ତିକ ମାସରେ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମ ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ ଆଶା ନେଇ ଆସିଥିବା ଜଣେ ୭୨ ବର୍ଷୀୟ ଶ୍ରଦ୍ଧାଳୁଙ୍କ ଏଭଳି ବିୟୋଗ ତାଙ୍କ ପରିବାର ପାଇଁ ଗଭୀର ଦୁଃଖର କାରଣ ପାଲଟିଛି।

ଆଇଏଏସ ସ୍ତରରେ ଅଦଳବଦଳ

ବିଷ୍ଣୁପଦ ସେଠୀ ସାଧାରଣ ପ୍ରଶାସନ ବିଭାଗ ଓଏସ୍‌ଡି

ଭୁବନେଶ୍ୱର, ୬।୧୧(ସମିସ): ଗୁରୁବାର ବରିଷ୍ଠ ଆଇଏଏସ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫଡିସି) ଅଧ୍ୟକ୍ଷ ବିଷ୍ଣୁପଦ ସେଠୀଙ୍କୁ ମାତ୍ର ୯ମାସ ବ୍ୟବଧାନରେ ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରାଯାଇଛି। ସେ ସେଠାରେ ଓଏସଡି ଭାବେ ଅବସ୍ଥାପିତ ହେବେ। କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୨୦୦୪ ବ୍ୟାଚ ଆଇଏଏସ୍ ରୂପା ମିଶ୍ରଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ଗିରୀଶ ଏସଏନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଭାବେ ବଦଳି କରାଯାଇଛି। ଅଶ୍ୱତୀ ଏସ୍‌ଙ୍କୁ ସିଟି-ଓଡ଼ିଶାର ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ସହିତ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି।

୩୪୦ ଏଏସ୍‌ଓ ନିଯୁକ୍ତି ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର, ୬।୧୧(ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ୩୪୦ଟି ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୯ ତାରିଖରୁ ଅନଲାଇନ୍ ଆବେଦନ ଆରମ୍ଭ ହେବ। ନଭେମ୍ବର ୩୦ ମଧ୍ୟରେ ଆଶାୟୀମାନେ ଆବେଦନ କରିପାରିବେ। ମୋଟ ୩୪୦ଟି ପଦବୀ ମଧ୍ୟରୁ ୧୪୪ଟି ଅଣସଂରକ୍ଷିତ ବର୍ଗ ପାଇଁ ଥିବାବେଳେ ଏସ୍‌ଇବିସି ପାଇଁ ୩୮ଟି, ଅନୁସୂଚିତ ଜାତି (ଏସ୍‌ସି) ପାଇଁ ୮୧ଟି ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ପାଇଁ ୭୭ଟି ପଦବୀ ସଂରକ୍ଷିତ ରହିଛି। ଏଥିସହ ଭିନ୍ନକ୍ଷମଙ୍କ ପାଇଁ ୨୫ଟି, ପୂର୍ବତନ ସୈନିକଙ୍କ ପାଇଁ ୧୯ଟି ଏବଂ କ୍ରୀଡ଼ାବିତ୍‌ଙ୍କ ପାଇଁ ୩ଟି ପଦବୀ ରହିଛି। ଲିଖିତ ପରୀକ୍ଷା ଜାନୁଆରୀ ୧୭ ତାରିଖରେ ହେବା ନେଇ ଅସ୍ଥାୟୀ ଭାବେ ସ୍ଥିର ହୋଇଥିବାବେଳେ ସମୁଦାୟ ୩୩ଟି ଜୋନ୍‌ରେ ପରୀକ୍ଷା କେନ୍ଦ୍ର ରହିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରୀୟ ଟିମ୍

କ୍ଷତି ଭୟଙ୍କର: ସମ୍ପୂର୍ଣ୍ଣ ଆକଳନ ପାଇଁ ଆହୁରି ୮ ଦିନ ଲାଗିବ

ଭୁବନେଶ୍ୱର, ୬।୧୧(ସମିସ): ବାତ୍ୟା ଅର୍ଣ୍ଣବ ଓ ପରବର୍ତ୍ତୀ ବନ୍ୟା ଯୋଗୁ ରାଜ୍ୟରେ ହୋଇଥିବା ବ୍ୟାପକ କ୍ଷୟକ୍ଷତିକୁ ଆକଳନ କରିବା ପାଇଁ ଓଡିଶା ଆସିଥିବା କେନ୍ଦ୍ରୀୟ ଟିମ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରାଳୟର ଯୁଗ୍ମ ସଚିବ ରବିଶଙ୍କରଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ଆକଳନ କରିବା ପରେ ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ସମୟ ରାଜ୍ୟରେ ବନ୍ୟା, ବାତ୍ୟା ଓ ଗ୍ରୀଷ୍ମପ୍ରବାହ ପରି ପ୍ରାକୃତିକ ବିପର୍ଯ୍ୟୟ ଆସିବା ଓ ଏହାଦ୍ୱାରା ରାଜ୍ୟର ବିକାଶ କାମ ବାଧାପ୍ରାପ୍ତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ଟିମ୍‌କୁ ଅବଗତ କରାଇଛନ୍ତି। ତେଣୁ, କେନ୍ଦ୍ରୀୟ ଟିମ୍ ତାଙ୍କ ରିପୋର୍ଟରେ ତତ୍କାଳ ରିଲିଫ ଓ ପୁନର୍ନିର୍ମାଣ ପାଇଁ ସହାୟତା ସହିତ ଏହାର ସ୍ଥାୟୀ ପ୍ରତିକାର ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବାତ୍ୟା ଓ ବନ୍ୟା ପ୍ରତିରୋଧୀ ଭିତ୍ତିଭୂମିର

ସ୍ଥାୟୀ ପ୍ରତିକାର ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଅତ୍ୟନ୍ତ ଆବଶ୍ୟକତା ରହିଛି। ଏହାଦ୍ୱାରା ଓଡିଶାର ଲୋକମାନେ ସ୍ଥାୟୀ ସମାଧାନ ପାଇ ପାରିବେ ଏବଂ ରାଜ୍ୟର ବିକାଶ ବାଧାପ୍ରାପ୍ତ ନହୋଇ ତ୍ୱରାନ୍ୱିତ ହେବ। ଟିମ୍‌ର ମୁଖ୍ୟ ଶ୍ରୀ ରବିଶଙ୍କର କହିଲେ ଯେ, ସେମାନେ ଗଞ୍ଜାମ ଓ ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ଦେଖିଛନ୍ତି। ବାସ୍ତବିକ ବନ୍ୟା ଯୋଗୁ ଜନସାଧାରଣଙ୍କ ଉପରେ ବ୍ୟାପକ ପ୍ରଭାବ ପଡିଛି। ଗଞ୍ଜାମରେ ରଷିକୁଲ୍ୟା ନଦୀରୁ ପାଣି ମାଡ଼ି ଆସିବା ଦ୍ୱାରା ଅନେକ ଅଞ୍ଚଳରେ ବାଲିଚର ମାଡି ଯାଇଛି। ଚାଷଜମି ସହିତ ରାସ୍ତା ଘାଟ, ଘର ଦ୍ୱାର, କାର୍ଯ୍ୟାଳୟ ଇତ୍ୟାଦିରେ ବାଲି ମାଡିଯାଇଛି। ଅନେକ ସ୍ଥାନରେ ଘର ଭାଙ୍ଗି ନଥିଲେ ମଧ୍ୟ ଏହା ଦୁର୍ବଳ ହୋଇଯାଇଛି। ଦୀର୍ଘକାଳୀନ ଭିତ୍ତିରେ ରଷିକୁଲ୍ୟା ନଦୀରୁ ବାଲି ଓ ମାଟି ଉଦ୍ଧାର କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହି ବ୍ୟାପକ ବିପର୍ଯ୍ୟୟ ଯୋଗୁ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ଆକଳନ କରିବା ପାଇଁ ୭/୮ ଦିନ ସମୟ ଲାଗିବ ବୋଲି ସେ କହିଥିଲେ। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କ୍ଷୟକ୍ଷତି ଓ ସରକାରଙ୍କ ମୁକାବିଲା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ।

ଓଡ଼ିଶାର ଦାବି ୧୨,୫୦୦ କୋଟି

ଭୁବନେଶ୍ୱର, ୬।୧୧(ସମିସ): ବାତ୍ୟା ଅର୍ଣ୍ଣବ ଏବଂ ବନ୍ୟା ଜନିତ କ୍ଷୟକ୍ଷତିର ଆକଳନ ପାଇଁ ଓଡ଼ିଶା ଆସିଥିବା କେନ୍ଦ୍ରୀୟ ଟିମ୍ ଲୋକସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ପ୍ରଶାସନ ୨୫୨୭ କୋଟି ଟଙ୍କାର ବନ୍ୟା କ୍ଷୟକ୍ଷତି ସହାୟତା ଓ ସ୍ଥାୟୀ ଭିତ୍ତିଭୂମି ବିକାଶ ପାଇଁ ୧୦ ହଜାର କୋଟି ଟଙ୍କା ଦାବି କରିଛି। ବୈଠକରେ ୩ ଜିଲ୍ଲାରେ କ୍ଷୟକ୍ଷତି ସମ୍ପର୍କରେ ଓଡ଼ିଶା ପକ୍ଷରୁ ଏକ ପ୍ରାଥମିକ ରିପୋର୍ଟ ପ୍ରଦାନ କରାଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ ଲଗାତାର ଭାବେ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରି ଆସୁଛି। ଏପରିକି ଗୋଟିଏ ବର୍ଷରେ ରାଜ୍ୟ ୪ରୁ ୫ଟି ବନ୍ୟା ଏବଂ ବାତ୍ୟାର ସାମ୍ନା କରୁଛି। ରାଜ୍ୟ ସରକାର ସ୍ଥାୟୀ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣକୁ ଗୁରୁତ୍ୱ ଦେଉଥିବା ବେଳେ ଏଥିରେ କେନ୍ଦ୍ର ସରକାରଙ୍କ ସହାୟତା ଲୋଡ଼ିଛନ୍ତି ମୁଖ୍ୟ ସଚିବ। ବୈଠକ ପରେ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି ଯେ ଆଜି ସରକାରଙ୍କ ପକ୍ଷରୁ ବୈଠକରେ ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ଉପସ୍ଥାପିତ କରାଯାଇଛି। ବାତ୍ୟା ଏବଂ ବନ୍ୟା ଦ୍ୱାରା ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲାରେ ଜଳସେଚନ ପ୍ରକଳ୍ପ, ନଦୀବନ୍ଧ, ରାସ୍ତାଘାଟର ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହାର ମରାମତି ସହ ଏକ ସୁଦୃଢ଼ ତଥା ପ୍ରାକୃତିକ ବିପର୍ଯ୍ୟୟ ନିରୋଧୀ ଭିତ୍ତିଭୂମି ପୁନଃ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ୧୦ ହଜାର କୋଟି ଟଙ୍କାର ସହାୟତା ଦାବି ମଧ୍ୟ ରଖାଯାଇଛି। କେନ୍ଦ୍ରୀୟ ଟିମ୍ ୨ ଦିନ ଧରି କ୍ଷତିଗ୍ରସ୍ତ ଗଞ୍ଜାମ ଓ ଗଜପତି ଜିଲ୍ଲା ବୁଲି ଦେଖିବା ପରେ ଆଜି ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉନ୍ନୟନ କମିଶନର ଦେଓରଞ୍ଜନ ସିଂହ, ବିଭିନ୍ନ ବିଭାଗର ସଚିବ, ରାଜ୍ୟ ଅଗ୍ନିଶମ ଡିଜି ଏବଂ ବରିଷ୍ଠ ପଦାଧିକାରୀ, କେନ୍ଦ୍ରୀୟ ଟିମ୍ ମୁଖ୍ୟ ତଥା କେନ୍ଦ୍ର ଗୃହ ମନ୍ତ୍ରାଣାଳୟର ଯୁଗ୍ମ ସଚିବ ରବି ଶଙ୍କର ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।





ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-132 ◆FRIDAY ◆6 NOVEMBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୩୨ ◆ଶୁକ୍ରବାର ◆୬ ନଭେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ସରକାରଙ୍କୁ ଝଟ୍‌କା | ଆନ୍ଧ୍ରକୁ ଭୋଟ ଦେଲା କୋଟିଆ



ପ୍ରଶାସନର ପ୍ରଲୋଭନ, ପୁଲିସ ପହରା ଫେଲ୍

ସରକାରଙ୍କ ବିଫଳତାକୁ ନେଇ ତୀବ୍ର ଅସନ୍ତୋଷ

■ ଜୟପୁର/ପଟାଙ୍ଗି, ୫।୧୧ (ସମିସ) : ପ୍ରଶାସନର ଘନଘନ ଗସ୍ତ, ସରକାରୀ ଯୋଜନାର ପ୍ରଲୋଭନ, ଭତ୍ତା ବଣ୍ଟନ, ପୁଲିସର କଡ଼ା ସୁରକ୍ଷା, ସର୍ବଦଳୀୟ ନେତାଙ୍କ ପହରାକୁ ଭ୍ରୁକ୍ଷେପ ନ କରି ଆନ୍ଧ୍ରପ୍ରଦେଶ ନିର୍ବାଚନରେ ଭୋଟ୍ ଦେଇଛନ୍ତି କୋଟିଆ ଅଞ୍ଚଳର ଭୋଟର୍। ଓଡ଼ିଶାର ଦୁଇଟି ମତଦାନ କେନ୍ଦ୍ରକୁ ହଟାଇ ଦିଆଯିବା ପରେ ମଧ୍ୟ ସୀମା ଡେଇଁ ଆନ୍ଧ୍ରରେ ମତଦାନ କରିବା ଘଟଣା ରାଜ୍ୟ ସରକାରଙ୍କ ପାଇଁ ଅପମାନଜନକ ସ୍ଥିତି ସୃଷ୍ଟି କରିଛି। କୋଟିଆରେ ଓଡ଼ିଶାର ପ୍ରଶାସନିକ ଉପସ୍ଥିତି ଓ ସରକାରଙ୍କ ପ୍ରଭାବ କେତେ ଦୁର୍ବଳ, ତାହା ଏହି ଘଟଣାରୁ ପ୍ରମାଣିତ ହୋଇଛି। ସୂଚନା ଅନୁଯାୟୀ, ଗଞ୍ଜେଇପଦର ପଞ୍ଚାୟତର ନେରେଲାଭାଲସା ▶ପୃଷ୍ଠା-୭

ସରକାରୀ ଯୋଜନାରୁ ବଞ୍ଚିତ ହେବା ଭୟ

ପଞ୍ଚାୟତ ନିର୍ବାଚନରେ ସାମିଲ ହେଲେ ପାତ୍ରପୁର ବ୍ଲକ୍ ବାସିନ୍ଦା

■ ପାତ୍ରପୁର, ୫।୧୧ (ସମିସ): ଗୁରୁବାର ପଡୋଶୀ ଆନ୍ଧ୍ରରେ ଜିଲ୍ଲା ପରିଷଦ ଓ ସମିତିସଭ୍ୟ ନିମନ୍ତେ ଭୋଟ ଗ୍ରହଣ ହୋଇଯାଇଛି। ଆନ୍ଧ୍ରରେ ଭୋଟ ଗ୍ରହଣ ହେଲେ ଓଡିଶା ଆନ୍ଧ୍ର ସୀମାନ୍ତବର୍ତ୍ତୀ ଗ୍ରାମର ଭୋଟରଙ୍କ ଭୂମିକା ବେଶ୍ ଗୁରୁତ୍ୱ ବହନ କରୁଛି। ଏହି ପରିପ୍ରେକ୍ଷୀରେ ପାତ୍ରପୁର ବ୍ଲକର ତୁମ୍ବା ପଞ୍ଚାୟତ ଅନ୍ତର୍ଗତ କୁଲାଡି, ବାଞ୍ଜୁଆସାହିରୁ ଓ ବୁରାତାଲ ପଞ୍ଚାୟତ ଅନ୍ତର୍ଗତ ଗୁଡ଼ିଖଳାରୁ ଶତାଧିକ ଲୋକ ପଡୋଶୀ ରାଜ୍ୟ ଆନ୍ଧ୍ର ଯାଇ ଭୋଟ ଦେଇଥିବା ଜଣାପଡିଛି। ଯାହାକୁ ନେଇ ସମସ୍ତେ କୋଟିଆକୁ ଧରିଲେ ସୀମାନ୍ତ ପାତ୍ରପୁରକୁ ଛାଡିଲେ ବୋଲି ▶ପୃଷ୍ଠା-୭

ଗଞ୍ଜାମକୁ ୨୦ ବର୍ଷ ପଛକୁ ନେଇଗଲେ ବିଜେପି ସରକାର: ସୁଜାତା

୨୪ ମାସରେ କିପରି ଭୁଶୁଡ଼ି ଗଲା ୨୪ ବର୍ଷର ସଫଳ ବିପର୍ଯ୍ୟୟ ପରିଚାଳନା ପ୍ରଣାଳୀ



■ ଭୁବନେଶ୍ୱର, ୫।୧୧ (ସମିସ): ବାତ୍ୟା ଅର୍ଣ୍ଣବ ଓ ପରବର୍ତ୍ତୀ ବନ୍ୟା କାରଣରୁ ଗଞ୍ଜାମ ଉଜୁଡ଼ି ଯାଇଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ବନ୍ୟା ପରିଚାଳନା, ଖାମଖିଆଲି ମନୋଭାବ କାରଣରୁ ଆଜି ଗଞ୍ଜାମ ଶ୍ରୀହୀନ ହୋଇ ପଡ଼ିଛି। ବିପର୍ଯ୍ୟୟ ପରିଚାଳନାରେ ସରକାରଙ୍କ ବିଫଳତାକୁ ଜିଲ୍ଲାବାସୀ ତୀବ୍ର ସମାଲୋଚନା କରୁଥିବା ସମୟରେ ପ୍ରଶ୍ନର କାଠଗଡ଼ାରେ ସରକାରଙ୍କୁ ଠିଆ କରିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ କାର୍ତ୍ତିକେୟନ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଶୃଙ୍ଖଳିତ ଭାବରେ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିଲା; ମାତ୍ର ଆଜିର ବିଜେପି ସରକାରରେ ସେ ▶ପୃଷ୍ଠା-୭



କାକଟପୁରରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ପ୍ରକଳ୍ପ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ରୋକ୍

କୁଣ୍ଢେଇ, ୫।୧୧(ସମିସ): ପୁରୀ ଜିଲ୍ଲା କାକଟପୁର ବ୍ଲକ୍‌ରେ "ବିକଶିତ ଗାଁ ବିକଶିତ ଓଡ଼ିଶା' (ବିଜିବିଓ) ଯୋଜନାରେ ଅନୁମୋଦିତ ପ୍ରକଳ୍ପ ଉପରେ ଓଡ଼ିଶା ହାଇକୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି। ବିଚାରପତି ମୃଗାଙ୍କ ଶେଖର ସାହୁଙ୍କ ଏକ ବେଞ୍ଚ୍ ଗତ ଅକ୍ଟୋବର ୩୧ରେ ଏହି ନିର୍ଦ୍ଦେଶ ଦେଇଛନ୍ତି।

ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟ ମିଳିତ ଭାବେ ଅଭୟ ସେଠୀଙ୍କ ସମେତ ୧୫ ଜଣ ଏହି ମାମଲା (ଡବ୍ଲ୍ୟୁପି(ସି) ନଂ ୩୫୪୭୬/୨୦୨୬) ଦାୟର କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ୯.୭.୨୦୨୬ ତାରିଖର ଚିଠି ଜରିଆରେ ଯେଉଁ ପ୍ରକଳ୍ପ ଅନୁମୋଦନ କରିଛନ୍ତି, ତାହା ଗ୍ରାମସଭାରେ ସରପଞ୍ଚ ଓ ପଞ୍ଚାୟତ ସମିତି ସଦସ୍ୟଙ୍କ ସୁପାରିସ୍‌କୁ ଅଣଦେଖା କରିଛି। ଏହା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ୯.୧.୨୦୨୬ ତାରିଖର ନିର୍ଦ୍ଦେଶାବଳୀର ଉଲ୍ଲଂଘନ ବୋଲି ସେମାନେ କହିଛନ୍ତି। ନିର୍ମାଣ କାର୍ଯ୍ୟ ଜନସାଧାରଣଙ୍କ ପ୍ରୟୋଜନ ସହ ଜଡ଼ିତ ହେଲେ ମଧ୍ୟ ଜନପ୍ରତିନିଧିଙ୍କ ସୁପାରିସ୍‌କୁ ଗୁରୁତ୍ୱ ଦିଆଯାଇ ନାହିଁ ବୋଲି ଆବେଦନରେ ଉଲ୍ଲେଖ ଅଛି। ଶୁଣାଣି ବେଳେ ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପ୍ରଣୟ ମହାନ୍ତି ଓ ରାଜ୍ୟ ସରକାରଙ୍କ ତରଫରୁ ଅତିରିକ୍ତ ସରକାରୀ ଓକିଲ ଉଷାରାଣୀ ପାଢ଼ୀ ଉପସ୍ଥିତ ଥିଲେ। ସରକାରୀ ଓକିଲ ସମସ୍ତ ବିବାଦୀ ପକ୍ଷଙ୍କ ତରଫରୁ ନୋଟିସ୍ ଗ୍ରହଣ କରିଛନ୍ତି ଏବଂ ପରବର୍ତ୍ତୀ ଶୁଣାଣି ପୂର୍ବରୁ ନିର୍ଦ୍ଦେଶ ନେବାକୁ କୋର୍ଟ କହିଛନ୍ତି। ଅନ୍ତରୀଣ ନିର୍ଦ୍ଦେଶରେ କୋର୍ଟ କହିଛନ୍ତି ଯେ, ପରବର୍ତ୍ତୀ ଶୁଣାଣି ତାରିଖ ପର୍ଯ୍ୟନ୍ତ ଆନେକ୍ସର-୪ ଅନୁଯାୟୀ ଅନୁମୋଦିତ କୌଣସି ପ୍ରକଳ୍ପ ଉପରେ କର୍ତ୍ତୃପକ୍ଷ ଆଗକୁ ବଢ଼ିପାରିବେ ନାହିଁ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୫ ତାରିଖରେ ହେବ।

ଅଲାରନାଥଙ୍କ ପୀଠରେ ଏକାଦଶୀ ବେଢ଼ା ନୀତି

ବ୍ରହ୍ମଗିରି, ୫।୧୧(ସମିସ): ଗୁରୁବାର ଶ୍ରୀଅଲାରନାଥଙ୍କ ଏକାଦଶୀ ବେଢ଼ା ନୀତି ସମାପ୍ତ ହୋଇଯାଇଛି। ସେଥିପାଇଁ ଭୋର୍ ୪ଟାରେ ଦ୍ୱାର ଫିଟାଯିବା ପରେ ମଙ୍ଗଳ ଆଳତି, ଅବକାଶ, ରାଧାଦାମୋଦର ବେଶ, ଗୋପାଳବଲ୍ଲଭ ଉଠି ସକାଳ ୬ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ସକାଳ ଧୂପ ଓ ଅପରାହ୍ଣ ୧ଟାରେ ଦ୍ୱିପ୍ରହର ଧୂପ ବଢ଼ି ଅପରାହ୍ଣ ୨ଟାରେ ବିଜେ କାହାଳୀ ବାଜିଥିଲା। ଏକ ସୁସଜ୍ଜିତ ପାଲିଙ୍କିରେ ଶ୍ରୀଜିଉଙ୍କ ବିଜୟ ବିଗ୍ରହ ମଦନମୋହନ ପାଲିଙ୍କିରେ ବିଜେ ହୋଇ ମୁଖ୍ୟ ମନ୍ଦିର ଚାରିପଟେ ଥରେ ପରିକ୍ରମା କରି ବେଢ଼ା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟା ଆଳତି, ମଇଲମ ଓ ବେଶ ବଢ଼ି ସର୍ବସାଧାରଣ ଦର୍ଶନ ହୋଇଥିଲା। ସନ୍ଧ୍ୟା ଧୂପ ବଢ଼ିବା ପରେ ପୁଣିଥରେ ସର୍ବସାଧାରଣ ଦର୍ଶନ ହୋଇଥିଲା। ରାତି ୧୨ଟାରେ ବଡ଼ସିଂହାର ବେଶ ଓ ଧୂପନୀତି ବଢ଼ିବା ପରେ ପହଡ଼ କରାଯିବ ବୋଲି ସେବାୟତ ନିଯୋଗ ପକ୍ଷରୁ ସୂଚନା ମିଳିଛି। ଏକାଦଶୀ ବେଢ଼ା ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଦିନତମାମ ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ ଲାଗି ରହିଥିଲା। ସନ୍ଧ୍ୟାରେ ଅଲାରପୁର ଗ୍ରାମବାସୀଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'



ପିପିଲି, ୫।୧୧(ସମିସ): ଶିକ୍ଷା କ୍ଷେତ୍ରରେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଉତ୍ସାହିତ କରିବା ପାଇଁ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ଗୁରୁବାର ଚୟନ ତାଲିକା ବାହାରିଯାଇଛି। ଏହି ତାଲିକାରେ ପିପିଲି ବ୍ଲକ୍‌ର ୩ ଜଣ ଶିକ୍ଷକ ସ୍ଥାନ ପାଇଥିବାବେଳେ ବିଜ୍ଞାନ ବିଭାଗରେ ନହଲାପଡ଼ା ହାଇସ୍କୁଲର ଶିକ୍ଷକ ହେମନ୍ତ ପ୍ରଧାନ ଚୟନ ହୋଇଛନ୍ତି। ପୂର୍ବରୁ ସେ ଅନେକ ସମୟରେ ତାଙ୍କ ବିଜ୍ଞାନ ପ୍ରକଳ୍ପଗୁଡ଼ିକ ଜିଲ୍ଲା, ରାଜ୍ୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅଂଶ ଗ୍ରହଣ କରି ପିପିଲି ବ୍ଲକ୍ ପାଇଁ ସଫଳତା ଆଣି ଦେଇଛନ୍ତି। ତାଙ୍କର କାର୍ଯ୍ୟଦକ୍ଷତାକୁ ନେଇ ସରକାରୀ ସ୍ତରରେ ସେ ଏହି ସମ୍ମାନସୂଚକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବାରୁ ଅଞ୍ଚଳରେ ଏକ ଖୁସିର ମାହୋଲ ସୃଷ୍ଟି ହୋଇଥିବାବେଳେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପ୍ରଶଂସାର ସୁଅ ଛୁଟିଛି।

ମୁଖ୍ୟ ରାସ୍ତା ପାଲଟିଛି କୃତ୍ରିମ ପୋଖରୀ

କଣାସ, ୫।୧୧(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ ଗଡ଼ିଶାଗୋଦାରୁ ଜାମଳଗୋଦାଠାରେ ଥିବା ଆଦର୍ଶ ବିଦ୍ୟାଳୟକୁ ଯିବା ପାଇଁ ହେଲେ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି। ଖାଲି ସେତିକି ନୁହେଁ, ଗଡ଼ିଶାଗୋଦା ଗାଁରେ ଥିବା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଓ ଗଡ଼ିଶାଗୋଦା ଗୋପୀନାଥ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏହିଭଳି ବଡ଼ ବଡ଼ ଖାଲଖମା ରାସ୍ତାରେ କୋମଳମତି ଶିଶୁମାନେ ବିପଦସଙ୍କୁଳ ଅବସ୍ଥାରେ ପାଠ ପଢ଼ିବାକୁ ଯାଉଥିବା ଦେଖିବାକୁ ମିଳିଛି। କଣାସ ଗ୍ରାମ୍ୟ ଉନ୍ନୟନ ବିଭାଗର ଏଭଳି ମନମୁଖୀ କାର୍ଯ୍ୟ ଯୋଗୁଁ କୋମଳମତି ଶିଶୁମାନେ ଦୁର୍ଦ୍ଦଶା ଭୋଗୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟାଳୟରେ ଅଧିକାଂଶ ଅଧିକାରୀ ରହୁ ନ ଥିବାରୁ ଅଭିଯୋଗ କରିବାକୁ ଲୋକେ ଦୌଡ଼ି ଦୌଡ଼ି ନିରାଶ ହୋଇପଡୁଛନ୍ତି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୁର୍ବଳ ରାସ୍ତା ନିକଟରେ ସାପ୍ତାହିକ ହାଟ, ଗଡ଼ିଶାଗୋଦା ବସ୍‌ଷ୍ଟାଣ୍ଡ, ପ୍ରତିଦିନ ଗୋପୀନାଥପୁର, ଆଳିବାଡ଼, ଜାମଳଗୋଦା ତିନୋଟି ପଞ୍ଚାୟତର ହଜାର ହଜାର ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଶୀଘ୍ର ମରାମତି ପାଇଁ ଦାବି ହୋଇଛି।




ମହାପ୍ରଭୁଙ୍କ ଦର୍ଶନରେ ବାଧା

ଶ୍ରଦ୍ଧାଳୁଙ୍କ ଅସନ୍ତୋଷ; ଦୃଷ୍ଟି ଦେଉ ପ୍ରଶାସନ

ପୁରୀ, ୫।୧୧(ସମିସ):

ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପାଇଁ କାହିଁ କେତେଦୂରରୁ ଭକ୍ତମାନେ ଛୁଟି ଆସିଥା'ନ୍ତି ଶ୍ରୀକ୍ଷେତ୍ର ପୁରୀକୁ। ଶ୍ରୀମନ୍ଦିର ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବେ ଏବଂ ନିଜ ମନ କଥା ଜଣାଇବେ। ଚକାଆଖି ସହ ଆଖି ମିଶାଇ ପରିବାରର ଶୁଭ ମନାସିବେ। ଏମିତି ଭାବଭକ୍ତିକୁ ସାଥିରେ ଧରି ଅନେକ ଘାତପ୍ରତିଘାତ ଦେଇ ଶ୍ରଦ୍ଧାଳୁମାନେ ଆସିଥା'ନ୍ତି। ହେଲେ ସ୍ଥିତି ଏମିତି ହେଉଛି ଯେ, ଅନେକ ଭକ୍ତ ଠାକୁରଙ୍କୁ ଭଲ ଭାବେ ଦର୍ଶନ କରିପାରୁ ନାହାନ୍ତି। ସୀମିତ ସମୟ ପାଇଁ ଥିବା ସୁଯୋଗ କେତେବେଳେ ଯେ ଚାଲିଯାଏ ଜାଣିବା ପୂର୍ବରୁ ଭିଡ଼ ଭିତରେ ସେମାନେ ବାହାରକୁ ପଳାଇ ଆସନ୍ତି। ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଭଲ ଭାବେ ଦର୍ଶନ କରି ନ ପାରିବାର ଏକ ପ୍ରମୁଖ କାରଣ ହେଉଛନ୍ତି କିଛି ହାତଗଣତି ସେବାୟତ। ଅର୍ଥାତ୍ ଯେଉଁମାନେ ମହାପ୍ରଭୁଙ୍କ ଦର୍ଶନରେ ଅନେକ ସମୟରେ ବାଧକ ସାଜନ୍ତି। ସେମାନେ ଠାକୁରଙ୍କ ସମ୍ମୁଖରେ ଛିଡ଼ା ହେଉଥିବାରୁ ଶ୍ରଦ୍ଧାଳୁମାନେ ଭଲ ଭାବେ ଦର୍ଶନ ନ ପାଇ ମନ ଦୁଃଖରେ ଫେରିଥା'ନ୍ତି।



ସାଧାରଣ ଦିନରେ ଶ୍ରୀମନ୍ଦିରକୁ ପ୍ରାୟ ୫୦ରୁ ୬୦ ହଜାର ଭକ୍ତ ଆସୁଥିବାବେଳେ ଛୁଟିଦିନ ଓ ପର୍ବପର୍ବାଣୀ ସମୟରେ ଏହି ସଂଖ୍ୟା ଲକ୍ଷେ ଅତିକ୍ରମ କରୁଛି। ବଢୁଥିବା ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଉଛି। ଭକ୍ତମାନଙ୍କୁ ପର୍ଯ୍ୟାୟକ୍ରମେ ନାଟମଣ୍ଡପ ଓ ଭିତରକାଠ ନିକଟକୁ ଛଡ଼ାଯାଉଛି। ବାହାରକାଠରୁ ଦର୍ଶନ ସମୟରେ ଠାକୁରଙ୍କୁ ସ୍ୱଷ୍ଟ ଭାବେ ଦେଖିବା ସମ୍ଭବ ହେଉ ନ ଥିବାରୁ ଭକ୍ତମାନେ ଭିତରକାଠ ଦର୍ଶନକୁ ଅଧିକ ଆଶା ରଖିଥା'ନ୍ତି। ହେଲେ ସେଠାରେ ମଧ୍ୟ ସେମାନଙ୍କୁ ନିରାଶ ହେବାକୁ ପଡୁଥିବା ଅଭିଯୋଗ ହେଉଛି। ଭିତରକାଠ ଏକ ସୀମିତ ସ୍ଥାନ ହୋଇଥିବାରୁ ଏଠାରେ ସବୁବେଳେ ଭକ୍ତଙ୍କ ଗହଳି ଲାଗି ରହୁଛି। ଭକ୍ତମାନେ ଅଧିକ ସମୟ ଠିଆ ହୋଇ ରହିଲେ ଭିଡ଼ ବଢ଼ିବାର ଆଶଙ୍କା ରହୁଛି। ତେଣୁ ସୁରକ୍ଷା କର୍ମୀମାନେ ଭକ୍ତଙ୍କୁ ଶୀଘ୍ର ଆଗକୁ ବଢ଼ିବାକୁ କହି ବାହାରକୁ ପଠାଇ ଦେଉଛନ୍ତି। ଏଭଳି ସ୍ଥିତିରେ ସୀମିତ ସମୟ ମଧ୍ୟରେ ମହାପ୍ରଭୁଙ୍କୁ ଟିକିଏ ଆଖି ପୂରାଇ ଦର୍ଶନ କରିବାକୁ ଭକ୍ତମାନେ ଚେଷ୍ଟା କରୁଛନ୍ତି। କିନ୍ତୁ ଭିତରକାଠରେ ପଡ଼ିଥିବା ବ୍ୟାରିକେଡ୍‌ର ଅପର ପାର୍ଶ୍ୱରେ ଅଧିକ ସଂଖ୍ୟକ ସେବାୟତ ଠିଆ ହୋଇ ରହୁଥିବାରୁ ଦର୍ଶନରେ ବାଧା ଉପୁଜୁଥିବା ଅଭିଯୋଗ ହେଉଛି।

ଅଭିଯୋଗ ଅନୁଯାୟୀ, ନିର୍ଦ୍ଧାରିତ ନିୟମ ଅନୁସାରେ ଯେତିକି ସେବାୟତ ରହିବା କଥା, ତା'ଠାରୁ ଅଧିକ ସେବାୟତ ସେଠାରେ ରହୁଛନ୍ତି। ଏପରିକି ସମ୍ମୁଖ ଭାଗରେ ଆଡ଼ କରି ଠିଆ ହେବା ଯୋଗୁଁ ଭକ୍ତମାନେ ମହାପ୍ରଭୁଙ୍କୁ ସ୍ୱଷ୍ଟ ଭାବେ ଦେଖିପାରୁନାହାନ୍ତି। ଅନ୍ୟପକ୍ଷରେ କିଛି ସେବାୟତ ଠାକୁରଙ୍କ ତୁଳସୀ, ଫୁଲ ଆଦି ପ୍ରଦାନ କରିବା ସହ ବିଭିନ୍ନ ଉପାୟରେ ଦାନଦକ୍ଷିଣା ଓ ପିଣ୍ଡିକା ଅର୍ଥ ଆଦାୟ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏଭଳି ଅସୁବିଧାକୁ ନେଇ ଅଧିକାଂଶ ଭକ୍ତ ମନର କ୍ଷୋଭ ମନରେ ରଖି ଫେରୁଥିବାବେଳେ କିଛି ଶ୍ରଦ୍ଧାଳୁ ବାହାରେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ନିକଟରେ ଦର୍ଶନ ପାଇଁ ଆସିଥିବା ନୟାଗଡ଼ ଜିଲ୍ଲା ଗଣିଆର କାମଦେବ ପରିଡ଼ା କହିଛନ୍ତି, ଭିତରକାଠ ସମ୍ମୁଖରେ ଅଧିକ ସଂଖ୍ୟାରେ ସେବାୟତ ଠିଆ ହୋଇଥିଲେ। ଭିଡ଼ ଯୋଗୁଁ ସୁରକ୍ଷା କର୍ମୀମାନେ ମଧ୍ୟ ଭକ୍ତଙ୍କୁ ଅଧିକ ସମୟ ରହିବାକୁ ଦେଉ ନ ଥିଲେ। ତେଣୁ ଅତି କମ୍ ସମୟ ମଧ୍ୟରେ ଦର୍ଶନ କରି ବାହାରକୁ ଆସିବାକୁ ପଡ଼ିଥିଲା। ସମ୍ମୁଖରେ ସେବାୟତମାନେ ଆଡ଼କରି ଠିଆ ହୋଇଥିବାରୁ ମହାପ୍ରଭୁଙ୍କୁ ଭଲ ଭାବେ ଦେଖିବା ସମ୍ଭବ ହୋଇ ନ ଥିଲା। ସେବାୟତମାନେ ଯଦି ଭକ୍ତଙ୍କ ଦର୍ଶନରେ ବାଧା ସୃଷ୍ଟି ନ କରି ନିଜ ନିଜ ସେବାକାର୍ଯ୍ୟ କରନ୍ତେ, ତେବେ ଶ୍ରଦ୍ଧାଳୁମାନେ ଅଧିକ ଭଲ ଭାବେ ଦର୍ଶନ କରିପାରନ୍ତେ ବୋଲି ସେ ମତ ଦେଇଛନ୍ତି।

ବିଧାୟକ ପାଣ୍ଠି ହଡ଼ପ ! ଥାନାରେ ଅଭିଯୋଗ କଲେ ଜିଲ୍ଲା ପରିଷଦ ସଭ୍ୟା

ଅସ୍ତରଙ୍ଗ, ୫।୧୧(ସମିସ): ଅସ୍ତରଙ୍ଗ ବ୍ଲକ୍‌ରେ କାକଟପୁର ବିଧାୟକ ପାଣ୍ଠି ବିନିଯୋଗ ଅର୍ଥକୁ ହଡ଼ପ କରାଯାଇଥିବା ଅସ୍ତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଥାନାରେ ଅଭିଯୋଗ ହେବା ପରେ ଘଟଣା ଏକ ରୋଚକ ମୋଡ଼ ନେଇଛି।



ଅସ୍ତରଙ୍ଗ ଜୋନ୍-୧ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁଙ୍କ ଲିଖିତ ଅଭିଯୋଗ ଅନୁସାରେ, ୨୦୨୧-୨୨ ଆର୍ଥିକ ବର୍ଷରେ କାକଟପୁର ବିଧାୟକ ପାଣ୍ଠିରୁ ଅନୁମୋଦନ ଚିଠି ନଂ ୨୨୩୧ ଡିପିଏମ୍‌ୟୁ ତାରିଖ ୨୦.୧୨.୨୦୨୧ ମୁତାବକ ଅସ୍ତରଙ୍ଗ ସିନେମା ହଲ୍ ଛକଠାରେ ଏକ ଗୋଷ୍ଠୀ କେନ୍ଦ୍ର ପ୍ରକଳ୍ପ ନାମରେ ୨ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବିଧାୟକଙ୍କ ଅନୁମୋଦନ କ୍ରମେ ଉକ୍ତ ପ୍ରକଳ୍ପ କାର୍ଯ୍ୟକୁ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ଜିଲ୍ଲା ପରିଷଦ ସଭ୍ୟାଙ୍କ ଦ୍ୱାରା କାର୍ଯ୍ୟ କରାଇ ନେଇଥିଲେ। ପ୍ରକଳ୍ପର କାର୍ଯ୍ୟାଦେଶ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ରହିଥିଲା। ପ୍ରକଳ୍ପର ବିଲ୍ କନିଷ୍ଠ ଯନ୍ତ୍ରୀଙ୍କ ବ୍ୟାଙ୍କ ଖାତାକୁ ଯିବା କଥା। କିନ୍ତୁ ତଞ୍ଚକତା କରି ବିଡିଓଙ୍କ ଜ୍ଞାତସାରରେ ସହକାରୀ ଯନ୍ତ୍ରୀ କନିଷ୍ଠ ଯନ୍ତ୍ରୀଙ୍କ ବ୍ୟାଙ୍କ ଖାତାକୁ ବିଲ୍ ଅର୍ଥ ନ ଦେଇ ଜିପିଟିଏ ବିନୋଦ ଗୋଛାୟତଙ୍କ ବ୍ୟାଙ୍କ ଖାତାକୁ ଦେଇଥିଲେ। ପରେ ଉକ୍ତ ଅର୍ଥରାଶିକୁ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ରାଜଶ୍ରୀ ବେହେରା ଓ ବିନୋଦ ଗୋଛାୟତ ଭାଗ ବାଣ୍ଟି ନେଇଯାଇଥିବା ସରସ୍ୱତୀ ସ୍ୱାଇଁ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଜିଲ୍ଲା ପରିଷଦ ସଭ୍ୟା ବାରମ୍ବାର ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇ ବିଡିଓ ସସ୍ମିତା ବେହେରାଙ୍କୁ ପଚାରିବାରେ ସେ ଆଜିକାଲି ଆସ କହି ଘଟଣାକୁ ଏଡ଼ାଇ ଚାଲିଥିଲେ। ବିଲ୍ ଅର୍ଥ ପାଇବା ସମ୍ପର୍କରେ ଜିଲ୍ଲା ପରିଷଦ ସଭ୍ୟା ପୁରୀ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଜିଲ୍ଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେବା ପରେ ଚଳିତ ମାସରେ ବିଲ୍ କରାଯାଇଥିଲା। ବିଲ୍‌କୁ ୩ ଜଣ ଅଧିକାରୀ ହଡ଼ପ କରିବା ନେଇ ଖବର ଜଣାପଡ଼ିବା ପରେ ଜିଲ୍ଲା ପରିଷଦ ସଭ୍ୟା ବିଲ୍ ଆଣିବା ପାଇଁ ବିଡିଓଙ୍କ କାର୍ଯ୍ୟାଳୟକୁ ଯିବା ପରେ ଆଉ ଟଙ୍କା ଦେଇ ନ ଥିଲେ। ଶେଷରେ ବାଧ୍ୟ ହୋଇ ଜିଲ୍ଲା ପରିଷଦ ସଭ୍ୟା ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ଘଟଣା ସମ୍ପର୍କରେ ବିଡିଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

୪୦ ମିନିଟ୍ ଭିତରେ ୩୦ ଲକ୍ଷ ଟଙ୍କାର ସମ୍ପତ୍ତି ଲୁଟିନେଲେ ଚୋର

ନୟାହାଟ, ୫।୧୧(ସମିସ): ଘର ମାଲିକ ୩୦୦ ମିଟର ଦୂରକୁ ଜଣଙ୍କ ଘରକୁ ସ୍ୱାମୀ-ସ୍ତ୍ରୀ କୌଣସି କାର୍ଯ୍ୟରେ ଯାଇଥିବାବେଳେ ୪୦ ମିନିଟ୍ ମଧ୍ୟରେ କେତେକ ଦୁର୍ବୃତ୍ତ ୩୦ ଲକ୍ଷ ଟଙ୍କାର ସୁନା ଗହଣା ଚୋରି କରିନେବା ଗୁରୁବାର ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ବ୍ରାହ୍ମଣ ସାହି ନିକଟରେ ଘର କରି ରହୁଥିବା ଅନନ୍ତ ନାରାୟଣ ମହାନ୍ତି ବୁଧବାର ସନ୍ଧ୍ୟା ସମୟରେ ଧୂମାଳ ତେଲିସାହିର ଜଣଙ୍କ ଘରକୁ ସ୍ୱାମୀ-ସ୍ତ୍ରୀ ଘର ତାଲା ପକାଇ ଯାଇଥିଲେ। ମାତ୍ର ୪୦ ମିନିଟ୍ ମଧ୍ୟରେ ଫେରି ଦେଖନ୍ତି ତ ଘରର ଗେଟ୍ ତାଲା ଭାଙ୍ଗଯାଇ ଘର ମଧ୍ୟରେ ଥିବା ଆଲମିରା ଭାଙ୍ଗି ୧ କେଜି ରୁପା, ନଗଦ ଦେଢ଼ ଲକ୍ଷ ଟଙ୍କା, ଦୁଇଟି ସୁନାଚେନ୍, ୧୦ଟି ମୁଦି, ଦୁଇଟି ସୁନା ହାର, କାନ ଫୁଲ ସମେତ ୩୦ ଲକ୍ଷ ଟଙ୍କାର ସମ୍ପତ୍ତି ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ଖବର ପାଇ ପୁରୀରୁ ସାଇଣ୍ଟିଫିକ୍ ଟିମ୍, ପୁଲିସର ତାଲିମପ୍ରାପ୍ତ କୁକୁର ଓ ନିମାପଡା ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, ଗୋପ ଥାନା ଅଧିକାରୀ ଦୁର୍ଗା ଚରଣ ମହାପାତ୍ର, ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ସାହୁ ଘଟଣାର ତଦନ୍ତ କରୁଛନ୍ତି। ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି। ଏନେଇ ଗୋପ ଥାନାରେ କେସ୍ ନମ୍ବର ୩୫୮/୨୬ରେ ଏକ ମାମଲା ରୁଜୁ ହୋଇଛି।

ଶିକ୍ଷାବିତ୍‌ଙ୍କ ବିୟୋଗରେ ଶୋକ

ନୟାହାଟ, ୫।୧୧(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳୀ ପଞ୍ଚାୟତର ସୋହଣା ଶାସନ ଗ୍ରାମର ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ରଥ (୬୫)ଙ୍କ ବିୟୋଗରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ସରପଞ୍ଚ ହରିଶ୍ଚନ୍ଦ୍ର ମହାନ୍ତି ଗଭୀର ଦୁଃଖ ପ୍ରକାଶ କରି କହିଛନ୍ତି ଯେ ସେ ବୋର୍ଡ ଅଫ୍ ସେକେଣ୍ଡାରୀର ଅବସରପ୍ରାପ୍ତ କର୍ମଚାରୀ ଥିଲେ। ସେ ଜଣେ ସରଳ, ଅମାୟିକ ବ୍ୟକ୍ତି ଥିଲେ।

ଖୋଜି ଖୋଜି ବାଣ କାରିଗରଙ୍କୁ ବାନ୍ଧୁଛି ପୁଲିସ

କଣାସ, ୫।୧୧(ସମିସ): ଆଗକୁ ଦୀପାବଳି ଅଛି। ବାଣ ବେପାରୀ ଓ କାରିଗରଙ୍କ ଉପରେ ପୁଲିସ ଜୋର୍‌ଦାର୍ ଚଢ଼ଉ ଜାରି ରଖିଛି। କଣାସ ବ୍ଲକ୍ ଅନ୍ତର୍ଗତ ବକୁ ପଞ୍ଚାୟତର ବକୁ ଗ୍ରାମରୁ ଗୁରୁବାର ସନ୍ଧ୍ୟାରେ ବାଣ ଜବତ ହୋଇଥିବା ଜଣାପଡ଼ିଛି। ଗଡ଼ିଶାଗୋଦା ଥାନା ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ବକୁ ଗ୍ରାମର ତ୍ରିନାଥ ଚମ୍ପତିଙ୍କ ଘରେ କିଛି ବାଣ ପ୍ରସ୍ତୁତ ହୋଇ ଗଚ୍ଛିତ ରହିଥିଲା। ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ଘରେ ପୁଲିସ ପହଞ୍ଚି ତାଳଫୋଟକା ୧ହଜାର, ନଡ଼ିଆ ବମ୍ବାଜି ୫୦, ଲମ୍ବା ବମ୍ବାଜି ୨୪, ଛୋଟ ବମ୍ବାଜି ୨୦୦, ଘଡ଼ି ବାଣ ୭୫, ଆକାଶ ବାଣ ଦୁଇ ପ୍ୟାକେଟ୍ ଜବତ କରିଛନ୍ତି। ଆଗାମୀ ଦୀପାବଳିରେ ଏଗୁଡ଼ିକ ବିକ୍ରି ହେବା ପାଇଁ ପ୍ରସ୍ତୁତି ହୋଇଥିବା ଜଣାପଡ଼ିଛି। ଗଡ଼ିଶାଗୋଦା ଥାନା ଅଧିକାରୀ ଦିଲ୍ଲୀପ କୁମାର ଧଳଙ୍କୁ ପଚାରିବାରେ ସେ କୁହନ୍ତି, ତ୍ରିନାଥ ବାହାରେ ଅଛି, ଆମେ ତାକୁ ଧରିବା ପାଇଁ ଖୋଜୁଛୁ। ଗତ ୨୭ ତାରିଖରେ ଗୋବର୍ଦ୍ଧନ ବରାଳ ନାମକ ଜଣେ ବାଣ କାରିଗରଙ୍କୁ ମଧ୍ୟ ପୁଲିସ ଗିରଫ କରିବା ସହିତ ବାଣ ସାମଗ୍ରୀ ଜବତ କରିଥିଲା।

ପର୍ଯ୍ୟଟକଙ୍କୁ ଲୁଟ୍; ନାବାଳକଙ୍କ ସମେତ ୪ କାବୁ

● ଦୁଇଟି ଛୁରି, ଲୁହା ରଡ୍ ଓ ୨୨୫୦ ଟଙ୍କା ଜବତ

ପୁରୀ, ୫।୧୧(ସମିସ): ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ଛୁରି ଏବଂ ଲୁହା ରଡ୍ ଦେଖାଇ ଭୟଭୀତ କରି ଟଙ୍କା ଲୁଟ୍ ଅଭିଯୋଗରେ ତାଳବଣିଆ ଥାନା ପୁଲିସ ୪ ଜଣଙ୍କୁ ଧରିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ନାବାଳକକୁ ଧରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ତାଳବଣିଆ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ହୁଳୁହୁଳିଆ ପୋଲ ଅଞ୍ଚଳରେ କିଛି ବ୍ୟକ୍ତି ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ଛୁରି ଏବଂ ଲୁହା ରଡ୍ ଦେଖାଇ ଜୋର୍‌ଜବରଦସ୍ତି ଟଙ୍କା ଆଦାୟ କରୁଥିବା ଖବର ପାଇଥିଲେ। ତୁରନ୍ତ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସେଠାରେ ୪ ଜଣ ବ୍ୟକ୍ତି ଲୋକଙ୍କଠାରୁ ଜୋର୍‌ଜବରଦସ୍ତି ଟଙ୍କା ନେଉଥିବା ପୁଲିସ ଦେଖି କାବୁ କରିବାକୁ ଉଦ୍ୟମ କରିବା ସମୟରେ ଜଣେ ଅଭିଯୁକ୍ତ ଲୁହା ରଡ୍‌ରେ ହାବିଲ୍‌ଦାର ଲିଙ୍ଗରାଜ ଜେନାଙ୍କୁ ଆକ୍ରମଣ କରିଥିଲା। ତେବେ ବହୁ ଚେଷ୍ଟା ପରେ ପୁଲିସ ସମସ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ ସମୁଦ୍ରକୂଳ ଥାନା ପେଣ୍ଠକଟା ଧୋବାଖାଲର ଚନ୍ଦନ ନାୟକ, ପୁରୀ ସଦର ଥାନା ନୀଳଚକ୍ରନଗରର ସୌମ୍ୟ ରଞ୍ଜନ ପଣ୍ଡା, ତାଳବଣିଆ ଥାନା ମାଟିଆପଡ଼ା ଅଞ୍ଚଳର ଶୁଭେନ୍ଦୁ ଏବଂ ପୁରୀ ସଦର ଥାନା ଖଣ୍ଡିଆବନ୍ଧର ରଣକାନିଧି ପ୍ରଧାନଙ୍କ ପୁଅ ରଞ୍ଜନ କୁମାର ପ୍ରଧାନ। ଏମାନଙ୍କ ମଧ୍ୟରୁ ଜଣେ ନାବାଳକ ରହିଛି। ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି ଛୁରି, ଗୋଟିଏ ଲୁହା ରଡ୍, ଗୋଟିଏ ବାଇକ୍, ଖରାପ ଅବସ୍ଥାରେ ଥିବା ଗୋଟିଏ ମୋବାଇଲ୍ ଫୋନ୍ ଓ ୨,୨୫୦ ଟଙ୍କା ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୩୧୫/୨୬) ରୁଜୁ ହୋଇଛି।

ଲକ୍ଷାଧିକ ଟଙ୍କାର ବାଣ ଓ ସାମଗ୍ରୀ ଜବତ

ନିମାପଡ଼ା, ୫।୧୧(ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଗ୍ରାମ ପଞ୍ଚାୟତର ଏକ ଗ୍ରାମରୁ ଲକ୍ଷାଧିକ ଟଙ୍କାର ବାଣ ଓ ବାଣ ସାମଗ୍ରୀ ଜବତ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ବେଆଇନ ଭାବେ ବାଣ ତିଆରି କରୁଥିବା ସୂଚନା ପାଇ ନିମାପଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ପାଇକରାୟଙ୍କ ନେତୃତ୍ୱରେ ଏଏସ୍‌ଆଇ ଜ୍ୟୋତ୍ସ୍ନାରାଣୀ ସାହୁ, ହାବିଲଦାର ଲକ୍ଷ୍ମୀଧର ନାୟକ ଏକ ଟିମ୍ ସହ ସେଠାରେ ପହଞ୍ଚି ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ବାଣ ବ୍ୟବସାୟୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ପୁଲିସ ବାଣ, ବାରୁଦ ଓ ବାଣ ତିଆରି ସାମଗ୍ରୀ ଜବତ କରିଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ଅନୁମାନ କରିଛି। ବାଣ ବ୍ୟବସାୟୀଙ୍କ ବିରୋଧରେ ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଚାଲୁରଖିଛି।

ଦ୍ୱିତୀୟଥର 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପାଇଲେ ଚକ୍ରଧର



କଣାସ, ୫।୧୧(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍‌ର କରମଳାଠାରେ ପ୍ରତିଷ୍ଠିତ ଶ୍ରୀଅଭିରାମ ବିଦ୍ୟାପୀଠର ଶିକ୍ଷକ ଚକ୍ରଧର ମହାପାତ୍ରଙ୍କ ନାମ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଘୋଷିତ ହୋଇଛି। ପୂର୍ବରୁ ଶ୍ରୀ ମହାପାତ୍ର ଇଂରାଜୀ ଭାଷା ଶିକ୍ଷକ ଭାବେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ମସିହାରେ ପାଇଥିଲେ। ବର୍ତ୍ତମାନ ବିଜ୍ଞାନ ଶିକ୍ଷକ ଭାବେ ତାଙ୍କ ନାମ ଚୟନ ହୋଇଛି। ପ୍ରକାଶ ଥାଉକି ପଦୋନ୍ନତି ପାଇ ସେ ଅଧୁନା ଓହ୍ଲାଣସ୍ଥିତ ଗ୍ରାମେଶ୍ୱର ବିଦ୍ୟାପୀଠରେ ଯୋଗଦେଇଛନ୍ତି। ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକ ଏହି ଖବର ପାଇ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ବକୁଳବନ ମହୋତ୍ସବ କମିଟି ପକ୍ଷରୁ ଡା. ଅଶୋକଙ୍କୁ ଶ୍ରଦ୍ଧାଞ୍ଜଳି



ସାକ୍ଷୀଗୋପାଳ, ୫।୧୧(ସମିସ): ବକୁଳବନ ମହୋତ୍ସବ କମିଟି, ସତ୍ୟବାଦୀ ଆନୁକୂଲ୍ୟରେ ଉପସଭାପତି ଲକ୍ଷ୍ମୀପ୍ରସାଦ ପାଣିଙ୍କ ପୌରୋହିତ୍ୟରେ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ରଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳି ସଭା ପଞ୍ଚସଖା ସମାଧି ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ସମାଧି ପୀଠ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବାସ୍ତବରେ ଶ୍ରୀ ମହାପାତ୍ରଙ୍କ ଅକାଳ ବିୟୋଗ ଆମ ସତ୍ୟବାଦୀ ତଥା ସମାଜ ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଉପସଭାପତି ଲକ୍ଷ୍ମୀପ୍ରସାଦ ପାଣି ତାଙ୍କ ବକ୍ତବ୍ୟରେ କହିଥିଲେ। ତାଙ୍କର ସରଳ, ଅମାୟିକ ବ୍ୟକ୍ତିତ୍ୱ, ନିଃସ୍ୱାର୍ଥପର ସମାଜସେବା ପାଇଁ ଓ ତଥା ଚିକିତ୍ସା କ୍ଷେତ୍ରରେ ଅବଦାନ ଯୋଗୁଁ ସେ ଚିରଦିନ ପାଇଁ ସତ୍ୟବାଦୀ ଜନସାଧାରଣଙ୍କ ମାନସପଟରେ ସ୍ମରଣୀୟ ରହିବେ। ଏହି ସଭାରେ କମିଟିର ଭାସ୍କର ଚନ୍ଦ୍ର ସାହୁ, ପବିତ୍ର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଛୁଇଲ ବରାଳଙ୍କ ସମେତ ପଞ୍ଚସଖା ସ୍ମୃତି ପାଠାଗାରର ୩୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସମ୍ପାଦକ ଯଯାତି କେଶରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ
ମାଣ୍ଡିଆ ଚାଷରେ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ ହେବ

ପୁରୀ, ୫।୧୧(ସମିସ):

ସ୍ଥାନୀୟ ସଂସ୍କୃତି ଭବନରେ ଜିଲ୍ଲା ପ୍ରଶାସନ ତଥା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ ବା ମୂଳମନ୍ତ୍ର ଥିଲା "କମ୍ୟୁନିଟି ସିଡ୍ ସିଷ୍ଟମ୍ ଆଣ୍ଡ ଆଗ୍ରୋ ବାୟୋଡାଇଭର୍ସିଟି ଫର୍ ରିଜିଲିଏଣ୍ଟ ଫୁଡ୍ ସିଷ୍ଟମ୍'। ଏଥିରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତଥା ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକ ଶିବାଶିଷ ମିଶ୍ର ସଭାପତିତ୍ୱ କରି କହିଥିଲେ ଯେ, ଆଗାମୀ ଦିନର ମାନବ ସଭ୍ୟତା ଏବଂ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭାବେ ପୁଷ୍ଟିକର ମିଲେଟ୍ ବା ମାଣ୍ଡିଆ ଉପରେ ନିର୍ଭରଶୀଳ ହେବାକୁ ଯାଉଛି। ବର୍ତ୍ତମାନର ପରିବର୍ତ୍ତିତ ଜଳବାୟୁ ଏବଂ ପରିବେଶ ସ୍ଥିତିରେ ମାଣ୍ଡିଆ ପରି ଜଳକଷ୍ଟ ସହିଷ୍ଣୁ ଫସଲ ଚାଷ କରିବା ଦ୍ୱାରା ଖାଦ୍ୟ ନିରାପତ୍ତା ସୁନିଶ୍ଚିତ ହୋଇପାରିବ। ମୁଖ୍ୟଅତିଥି କୃଷି



ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ସୂର୍ଯ୍ୟ ନାରାୟଣ ମିଶ୍ର ତାଙ୍କ ଅଭିଭାଷଣରେ ମିଲେଟ୍‌ର ଅନନ୍ୟ ବିଶେଷତ୍ୱ, ଉଚ୍ଚ ଗୁଣବତ୍ତା ଏବଂ ମାନବ ଶରୀର ପାଇଁ ଏହାର ଅମୂଲ୍ୟ ଲାଭ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ମାଣ୍ଡିଆରେ ପ୍ରଚୁର ପରିମାଣରେ କ୍ୟାଲସିୟମ୍, ଆଇରନ୍, ଡାଏଟାରୀ ଫାଇବର ଏବଂ ଆବଶ୍ୟକୀୟ ପୋଷକତତ୍ତ୍ୱ ରହିଛି, ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏବଂ ମଧୁମେହ, ରକ୍ତଚାପ ଓ ଅଧିକ ଓଜନ ଭଳି ସମସ୍ୟାକୁ ଦୂର କରିବାରେ ଅତ୍ୟନ୍ତ ଫଳପ୍ରଦ ଅଟେ। ଏହା ସହିତ ଅନ୍ୟାନ୍ୟ ପାରମ୍ପରିକ ଫସଲ ଅପେକ୍ଷା ମାଣ୍ଡିଆ ଚାଷ କରିବା ଅତ୍ୟନ୍ତ ସହଜ। ଏଥିରେ କମ୍ ରୋଗପୋକର ଆକ୍ରମଣ ହୋଇଥାଏ ଏବଂ ଅପେକ୍ଷାକୃତ କମ୍ ଜଳସେଚନରେ ମଧ୍ୟ ଭଲ ଅମଳ ଦେଇଥାଏ।

ଏହି ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରସିଦ୍ଧ 'ଓଡ଼ିଶା ମିଲେଟ୍ ମିଶନ' (ଶ୍ରୀ ଅନ୍ନ ଅଭିଯାନ) ଯୋଜନା ସମ୍ପର୍କରେ ସ୍ୱତନ୍ତ୍ର ଆଲୋଚନା କରାଯାଇଥିଲା। ରାଜ୍ୟ ସରକାରଙ୍କ ଏହି ଅଭିନବ ପଦକ୍ଷେପ ଯୋଗୁଁ ଆଜି ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ମାଣ୍ଡିଆର ପ୍ରଚାରପ୍ରସାର ବ୍ୟାପକ ହୋଇପାରିଛି। ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ଉଚ୍ଚମାନର ମଞ୍ଜି ଯୋଗାଇବା, ବୈଷୟିକ ଜ୍ଞାନକୌଶଳ ପ୍ରଦାନ କରିବା ଏବଂ ସମର୍ଥିତ ମୂଲ୍ୟରେ ମାଣ୍ଡିଆ କ୍ରୟ କରିବା ଭଳି ପଦକ୍ଷେପ ଚାଷୀମାନଙ୍କୁ ବେଶ୍ ଆତ୍ମବିଶ୍ୱାସୀ କରିପାରିଛି ବୋଲି ବକ୍ତାମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିଆର୍‌ସିଏସ୍ ସରୋଜିନୀ ଜେନା, କୃଷି ଜିଲ୍ଲା ଅଧିକାରୀ ସବ୍ୟସାଚୀ ଦାଶ, ଅତିରିକ୍ତ ପ୍ରାଣୀଧନ ଅଧିକାରୀ ରାଜେଶ କୁମାର ପାଣିଗ୍ରାହୀ ଏବଂ ଆଞ୍ଚଳିକ ପ୍ରକଳ୍ପ ସଂଯୋଜକ ସୁରେନ୍ଦ୍ର କୁମାର ମେହେର, ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଶତାଧିକ ଚାଷୀ ଭାଇଭଉଣୀ ଯୋଗଦେଇଥିଲେ।

ଶ୍ରୀକ୍ଷେତ୍ର ସିଟି

୫/୧୧/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ.୩,୩୦,୨୪୦/- ସୁନା:୦୧.୨୦୦ ଗ୍ରାମ୍ ରୁପା: ୧୭.୨୦୦ ଗ୍ରାମ୍



ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଜନସମସ୍ୟାର ସମାଧାନ ଦାବିରେ ରାସ୍ତାରେ ବସିଲେ କର୍ମୀ




ପୁରୀ, ୫।୧୧ (ସମିସ): ପୁରୀ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଟାଉନ୍ ହଲ୍‌ଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ପୁରୀ ମହାନଗର ନିଗମ (ପିଏମ୍‌ସି) କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ରାସ୍ତାରେ ବସି ପ୍ରତିବାଦ ଜଣାଇଥିଲେ। ମହାନଗର ନିଗମର କାର୍ଯ୍ୟଶୈଳୀ ଓ ସହରର ବିଭିନ୍ନ ସମସ୍ୟା ପ୍ରତି ପ୍ରଶାସନର ଉଦାସିନତାକୁ ନେଇ ଦଳ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଥିଲା। ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ବିଜେଡିର ବରିଷ୍ଠ ନେତୃବୃନ୍ଦ, ନଗର ଓ ସଦର ସଭାପତି, ଛାତ୍ର ସଭାପତି, ଜିଲ୍ଲା ପଦାଧିକାରୀ, ଯୁବ ଓ ଛାତ୍ର ନେତା, ମହିଳା ନେତ୍ରୀଙ୍କ ସମେତ ଶହ ଶହ କର୍ମୀ ଓ ଶୁଭେଚ୍ଛୁ ସାମିଲ୍ ହୋଇଥିଲେ।

ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ପୁରୀ ମହାନଗର ନିଗମ ଗଠନ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମହାନଗର ନିଗମ ପରିଷଦର ପୁନର୍ଗଠନ ହୋଇନାହିଁ। ଫଳରେ ନିଗମର ସମ୍ପୂର୍ଣ୍ଣ କ୍ଷମତା କମିସନରଙ୍କ ଅଧୀନରେ ରହିଛି। ଏହାଦ୍ୱାରା ସ୍ଥାନୀୟ ଜନପ୍ରତିନିଧିଙ୍କ ମାଧ୍ୟମରେ ଲୋକଙ୍କ ସମସ୍ୟା ଉପସ୍ଥାପନ ଓ ସମାଧାନ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିବା ଦଳ ଅଭିଯୋଗ କରିଛି। ସେହିପରି ସହରର ସାମଗ୍ରିକ ବିକାଶ ପାଇଁ ଆକ୍ସନ ପ୍ଲାନ୍‌ରେ କୋଟି କୋଟି ଟଙ୍କା ମଞ୍ଜୁର ହୋଇ ମହାନଗର ନିଗମକୁ ହସ୍ତାନ୍ତର ହୋଇଥିଲେ ମଧ୍ୟ ତାହାର ସଠିକ୍ ବିନିଯୋଗ ହେଉନାହିଁ। ଅର୍ଥ ପଡ଼ିରହିଥିବା ବେଳେ ସହରବାସୀ ରାସ୍ତାଘାଟ, ପରିମଳ, ଡ୍ରେନେଜ୍ ଓ ଅନ୍ୟାନ୍ୟ ମୌଳିକ ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି। ଏଥିସହିତ କ୍ଷୁଦ୍ର ବ୍ୟବସାୟୀ, ଉଠାଦୋକାନୀ ଓ ଚୁଲା ବିକାଳିଙ୍କ ପାଇଁ ଯଥାଶୀଘ୍ର ଭେଣ୍ଡିଂଜୋନ୍ ନିର୍ମାଣ, ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ ପୂର୍ବରୁ ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରିବା ସହ ପୁରୀ ନିକଟବର୍ତ୍ତୀ ୬ଟି ଗ୍ରାମପଞ୍ଚାୟତ ମହାନଗର ନିଗମରେ ସାମିଲ୍ ହେବା ପରେ ସେଠାକାର ଲୋକଙ୍କୁ ମଧ୍ୟ ସହରାଞ୍ଚଳର ସମସ୍ତ ମୌଳିକ ସୁବିଧା ଓ ସେବା ଯୋଗାଇଦେବାକୁ ଦଳ ଦାବି କରିଥିଲା।

୩ ମାସର ମହଲତ ଦେଇ ପିଏମ୍‌ସି କାନ୍ଥରେ ଲଗାଇଲେ ନୋଟିସ୍

ପଦଯାତ୍ରା ପରେ ଏହି ସମସ୍ତ ଦାବି ସମ୍ବଳିତ ଏକ ସ୍ମାରକପତ୍ର ମହାନଗର ନିଗମ କମିସନରଙ୍କୁ ପ୍ରଦାନ କରିବାକୁ ଉଦ୍ୟମ କରାଯାଇଥିଲା। ତେବେ କମିସନର କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ ମଧ୍ୟ ସ୍ମାରକପତ୍ର ଗ୍ରହଣ କରିବାକୁ ଆସି ନ ଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଶେଷରେ ଆଗାମୀ ୩ ମାସ ମଧ୍ୟରେ ସହରର ଏହି ସମସ୍ତ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଦାବି ଜଣାଇ ବିଜେଡି କର୍ମୀମାନେ ପିଏମ୍‌ସି କାନ୍ଥରେ ନୋଟିସ୍ ଲଗାଇଥିଲେ।

ନୃତ୍ୟ ପରିବେଷଣ ପରେ ଆଖି ବୁଜିଲେ ଯୁବ ନୃତ୍ୟଶିଳ୍ପୀ ପ୍ରଶାନ୍ତ



ପୁରୀ, ୫।୧୧(ସମିସ): ମଞ୍ଚରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ହେଲେ କିଏ ଜାଣିଥିଲା ଏହା ହେବ ତାଙ୍କ ଜୀବନର ଶେଷ ନୃତ୍ୟ ପରିବେଷଣ। ନୃତ୍ୟ ଶେଷ କରି ଗ୍ରୀନ୍ ରୁମ୍‌କୁ ଫେରିବା ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଲେ ଯୁବ ନୃତ୍ୟଶିଳ୍ପୀ। ଚିକିତ୍ସା ପାଇଁ ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଜୀବନ ବଞ୍ଚାଇବା ସମ୍ଭବ ହୋଇ ନ ଥିଲା। ମୃତ ନୃତ୍ୟଶିଳ୍ପୀ ହେଉଛନ୍ତି କଣାସ ବ୍ଲକ୍ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ତିଗିରିଆ ଗ୍ରାମର ପ୍ରଶାନ୍ତ କୁମାର ସାହୁ। ବୁଧବାର ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପ୍ରେକ୍ଷାଳୟରେ ସେ ନୃତ୍ୟ ପରିବେଷଣ କରୁଥିଲେ। ନୃତ୍ୟ ପ୍ରଦର୍ଶନ ଶେଷ କରି ଗ୍ରୀନ୍ ରୁମ୍‌କୁ ଆସିବା ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତତ୍‌କ୍ଷଣାତ୍ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁବାର ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ମହାରଣାଙ୍କ ସମେତ ବହୁ କଳାକାରଙ୍କ ଉପସ୍ଥିତିରେ ସ୍ୱର୍ଗଦ୍ୱାରରେ ପ୍ରଶାନ୍ତଙ୍କ ଶବ ସତ୍କାର କରାଯାଇଥିଲା। ପ୍ରଶାନ୍ତ ଜଣେ ନିଷ୍ଠାପର ଓ ସାଧନାରତ ନୃତ୍ୟଶିଳ୍ପୀ ଭାବେ କଳାଜଗତରେ ନିଜର ପରିଚୟ ସୃଷ୍ଟି କରିଥିଲେ। କୋଣାର୍କ ନାଟ୍ୟମଣ୍ଡପରୁ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ମାର୍ଗଦର୍ଶନରେ ସେ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଦୀର୍ଘଦିନର ଅଧବସାୟ, ନିଷ୍ଠା ଓ ସାଧନା ବଳରେ ସେ ଓଡ଼ିଶା ସମେତ ରାଜ୍ୟ ବାହାରେ ମଧ୍ୟ ନିଜର ନୃତ୍ୟକଳା ପ୍ରଦର୍ଶନ କରି ସୁନାମ ଅର୍ଜନ କରିଥିଲେ। ଜଣେ ପ୍ରତିଭାବାନ ଯୁବ କଳାକାରଙ୍କ ଏଭଳି ଅକାଳ ବିୟୋଗରେ କଳାଜଗତ ଏକ ଦକ୍ଷ ପ୍ରତିଭାଙ୍କୁ ହରାଇଲା ବୋଲି କଳାକାର ମହଲରେ ମତ ପ୍ରକାଶ ପାଇଛି।

ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍; ୩ ଗିରଫ

ପୁରୀ, ୫।୧୧(ସମିସ)

ପେଣ୍ଠକଟା ମେରାଇନ୍ ଥାନା ଅଞ୍ଚଳରେ ଘରେ ପଶି ସୁନା ଅଳଙ୍କାର ଓ ଟଙ୍କା ଲୁଟ୍ ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଉରା ଗ୍ରାମର ରିତେଶ ରଞ୍ଜନ ଲେଙ୍କା ଓରଫ ରାଜା (୧୯), ପୁରୀ ଟାଉନ୍ ଥାନା ଅନ୍ତର୍ଗତ ପଥୁରିଆ ସାହିର ଆଲୋକ ସାହୁ (୨୯) ଏବଂ ଲକ୍ଷ୍ମୀଧର ସାହୁ (୫୫)।

ପୁଲିସ ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୩୧ ତାରିଖ ରାତିରେ ତୋଟାବେହେରା ସାହିର ବାସନ୍ତୀ ବେହେରା (୬୩) ଓ ତାଙ୍କ ସ୍ୱାମୀ ଖାଇପିଇ ଶୋଇଥିବା ସମୟରେ ଅଭିଯୁକ୍ତ ରିତେଶ ଘରର ପଛପଟ କବାଟ ତାଲାକୁ ହାତୁଡ଼ିରେ ଭାଙ୍ଗି ଘର ଭିତରକୁ ପ୍ରବେଶ କରିଥିଲା। ପରେ ଘର ମାଲିକଙ୍କୁ ବାହାର ପଟୁ ତାଲା ପକାଇ ଘରୁ ସୁନାଚେନ୍, ୧୫ଟି ସୁନା ମୁଦି, ୩ ହଳ ସୁନା କାନଫୁଲ, ଗୋଟିଏ ସୁନା ବ୍ରେସ୍‌ଲେଟ୍, ୧୫ ହଜାର ଟଙ୍କା, ଗୋଟିଏ ମୋବାଇଲ୍ ଓ ୩ ହଳ ନୂଆ ପ୍ୟାଣ୍ଟସାର୍ଟ ଚୋରି କରି ନେଇଥିଲା। ଏନେଇ ପେଣ୍ଠକଟା ମେରାଇନ୍ ଥାନାରେ ମାମଲା ରୁଜୁ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ନିକଟସ୍ଥ ଏକ ଦୋକାନ ଓ ସଂସ୍କାର ନିଶାମୁକ୍ତି କେନ୍ଦ୍ରର ସିସିଟିଭି ଫୁଟେଜ୍ ଯାଞ୍ଚ କରି ମୁଖ୍ୟ ଅଭିଯୁକ୍ତକୁ ଚିହ୍ନଟ କରାଯାଇଥିଲା। ଗୁରୁବାର ବାଇଦାସ ନଗରରୁ ରିତେଶକୁ ଗିରଫ କରାଯାଇଥିଲା। ଅଭିଯୁକ୍ତର ସୂଚନା ଆଧାରରେ ଲବଣିଖିଆ ଛକସ୍ଥିତ ଲକ୍ଷ୍ମୀପ୍ରଭା ଜୁଏଲର୍ସରୁ ଚୋରି ସୁନାଚେନ୍ ଓ ଦୁଇଟି ମୁଦି ଉଦ୍ଧାର କରାଯାଇଥିଲା। ଏହି ଚୋରି ସୁନା କିଣିବା ଓ ଗ୍ରହଣ କରିବା ଅଭିଯୋଗରେ ଆଲୋକ ସାହୁ ଓ ଲକ୍ଷ୍ମୀଧର ସାହୁଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ତରଳାଯାଇଥିବା ସୁନା ଓ ଆଂଶିକ ପ୍ରସ୍ତୁତ ତିନୋଟି ସୁନା ବଳା ଜବତ ହୋଇଛି।

ଏଥିସହ ମୁଖ୍ୟ ଅଭିଯୁକ୍ତର ସୂଚନା ଅନୁସାରେ ବାଇଦାସ ନଗରର ଏକ ନିର୍ମାଣାଧୀନ ଘରୁ ଚୋରି ସାମଗ୍ରୀ ଓ ଅପରାଧରେ ବ୍ୟବହୃତ ଲୁହା ହାତୁଡ଼ି ଜବତ କରାଯାଇଛି। ପୁଲିସ ଜବତ କରିଥିବା ସାମଗ୍ରୀ ମଧ୍ୟରେ ୧୨ଟି ସୁନା ମୁଦି, ଗୋଟିଏ ସିମେଣ୍ଟ ରଙ୍ଗର ବ୍ୟାଗ୍, ଦୁଇ ହଳ ପ୍ୟାଣ୍ଟ-ସାର୍ଟ ଓ ଗୋଟିଏ ମୋବାଇଲ୍ ରହିଛି। ଏହାସହ ଗ୍ରହଣକାରୀଙ୍କ ନିକଟରୁ ତରଳା ସୁନା, ତିନୋଟି ସୁନା ବଳା ଓ ୩,୪୪୦ ଟଙ୍କା ନଗଦ ଜବତ ହୋଇଛି। ଗିରଫ ୩ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ରେ 'ଦୀକ୍ଷାରମ୍ଭ'

ଚିକିତ୍ସା ବ୍ୟବସ୍ଥାରେ ନର୍ସିଂ ଛାତ୍ରଛାତ୍ରୀ ହେଉଛନ୍ତି ମେରୁଦଣ୍ଡ




ପୁରୀ, ୫।୧୧ (ସମିସ): ବାଲିଗୁଆଳିସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ'ରେ ନୂତନ ଶିକ୍ଷାବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ 'ଦୀକ୍ଷାରମ୍ଭ' ଅନୁଷ୍ଠିତ ହୋଇଯାଇଛି। ନୂତନ ଶିକ୍ଷାର୍ଥୀମାନଙ୍କୁ କ୍ୟାମ୍ପସ୍ ଜୀବନ, ଶିକ୍ଷାଗତ ଶୃଙ୍ଖଳା ଏବଂ ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଅନୁଷ୍ଠାନର ସହ ନିର୍ଦ୍ଦେଶିକା ମଧୁସ୍ମିତା ରଥ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରି କହିଥିଲେ ଯେ, ସମଗ୍ର ଚିକିତ୍ସା ବ୍ୟବସ୍ଥାରେ ନର୍ସିଂ ଛାତ୍ରଛାତ୍ରୀମାନେ ହେଉଛନ୍ତି ମେରୁଦଣ୍ଡ। ନିଃସ୍ୱାର୍ଥପର ସେବା ଓ ତ୍ୟାଗ ହିଁ ଏହି ବୃତ୍ତିର ପ୍ରକୃତ ପରିଚୟ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରିୟଙ୍କା ଦେବୀ କଲେଜ ଅଫ୍ ନର୍ସିଂର ଅଧ୍ୟକ୍ଷା କମଳା ପଣ୍ଡା ନର୍ସିଂ ବୃତ୍ତିରେ ନୈତିକ ମୂଲ୍ୟବୋଧ ଏବଂ ଗଭୀର ବୈଷୟିକ ଜ୍ଞାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ରୋଗୀସେବା କ୍ଷେତ୍ରରେ ସହାନୁଭୂତି, ଧୈର୍ଯ୍ୟ ଓ ଉଚ୍ଚକୋଟିର ଜ୍ଞାନ ହିଁ ଜଣେ ଆଦର୍ଶ ନର୍ସଙ୍କ ପ୍ରକୃତ ପରିଚୟ ବୋଲି ସେ ପ୍ରକାଶ କରିଥିଲେ। ଅଧ୍ୟକ୍ଷା ପାର୍ବତୀ ପରିଡ଼ା ସିନିୟର ଓ ଜୁନିୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ, ପାରସ୍ପରିକ ସମ୍ମାନ ଏବଂ ଭ୍ରାତୃଭାବ ହିଁ କଲେଜରେ ଏକ ସୁସ୍ଥ ତଥା ଶାନ୍ତିପୂର୍ଣ୍ଣ ଶିକ୍ଷାଗତ ପରିବେଶ ସୃଷ୍ଟି କରିଥାଏ। ପରସ୍ପରକୁ ସହଯୋଗ କରି ଏକ ପରିବାର ଭଳି ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପ୍ରଶାସନିକ ପରାମର୍ଶଦାତା କୁମୁଦଚନ୍ଦ୍ର ଶତପଥୀ ଛାତ୍ରଛାତ୍ରୀଙ୍କ ପାଠ ସହ କ୍ରୀଡ଼ା, କଳା, ସଂସ୍କୃତିର ଦକ୍ଷତାବୃଦ୍ଧି ସହ ପାଠପଢ଼ା ପରେ ନିଯୁକ୍ତି ସମ୍ଭାବନା ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ କାଳୀପ୍ରସନ୍ନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାବେଶରେ ବରିଷ୍ଠ ଛାତ୍ରଛାତ୍ରୀମାନେ ନବାଗତ ଜୁନିୟରମାନଙ୍କୁ ସ୍ୱାଗତ କରିବା ପାଇଁ ଆକର୍ଷଣୀୟ ସ୍ୱାଗତ ନୃତ୍ୟ ତଥା ବିବିଧ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଚିତା ସାହୁ, ସୋନାଲୀ ପ୍ରଧାନ, ଆଶିଷ କୁମାର ସାଥୁଆ, ରାକେଶ ପାଣିଗ୍ରାହୀ, ଆଲୋକ ବେହେରା, କଳ୍ପନା ବହିରା, ଚିନ୍ମୟୀ ସାମନ୍ତରାୟ, ଲକ୍ଷ୍ମୀ ନାୟକ, ବିଶ୍ୱ ପ୍ରସାଦ ଗାଙ୍ଗୁଲୀ ପ୍ରମୁଖ ପରିଚାଳନା କରିଥିଲେ।





ସକାଳ
THE SAKALA

ସମ୍ପାଦକୀୟ



ଚାଲିବାର ବେଗ ଅପେକ୍ଷା ଚାଲୁଥିବା ରାସ୍ତାର ଦୈର୍ଘ୍ୟ ଓ ଲକ୍ଷ୍ୟସ୍ଥଳ ଗୁରୁତ୍ୱପୂର୍ଣ୍ଣ।

-କନ୍‌ଫୁସିୟସ୍

ସାମ୍ବିଧାନିକ ସୁରକ୍ଷାବିହୀନ ସମୟ

ଜଣେ ବ୍ୟକ୍ତିଙ୍କୁ ଅଟକ ରଖିବା ପରେ ତାଙ୍କୁ କେବେ ଅଦାଲତରେ ହାଜର କରାଯିବ, ତାହା ପୁଲିସର ଇଚ୍ଛାଧୀନ ହୋଇପାରିବ ନାହିଁ। ଆମ ସମ୍ବିଧାନର ଧାରା ୨୨(୨) ଅନୁଯାୟୀ, ଅଭିଯୁକ୍ତଙ୍କୁ ଗିରଫ ପରେ ୨୪ ଘଣ୍ଟା ମଧ୍ୟରେ ନିକଟତମ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରିବା ବାଧ୍ୟତାମୂଳକ। ଅଦାଲତକୁ ଯିବା ପାଇଁ ଆବଶ୍ୟକ ଯାତ୍ରା ସମୟକୁ ଏହି ୨୪ ଘଣ୍ଟାରୁ ବାଦ୍ ଦିଆଯାଇପାରିବ। ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍‌ଏସ୍)-୨୦୨୩ର ଧାରା ୫୮ ଅନୁଯାୟୀ ଅଟକ ଅବଧି ଯୁକ୍ତିଯୁକ୍ତ ହେବା ଆବଶ୍ୟକ। କିନ୍ତୁ ଏହି ବ୍ୟବସ୍ଥାକୁ ଏଡ଼ାଇବା ପାଇଁ ଅନେକ ସମୟରେ ଗିରଫ ଓ ଅଟକ ସମୟ ମଧ୍ୟରେ ପୁଲିସ୍ ପାର୍ଥକ୍ୟ ସୃଷ୍ଟି କରୁଥିବାର ଅଭିଯୋଗ ଆସୁଛି। ପୁଲିସ୍ ଅଭିଯୁକ୍ତଙ୍କୁ ଅଟକ ରଖିବାର ଅନେକ ସମୟ ପରେ ରେକର୍ଡରେ ଔପଚାରିକ ଭାବେ ଗିରଫ ଦର୍ଶାଉଛି ଏବଂ ସେହି ସମୟରୁ ୨୪ ଘଣ୍ଟା ସମୟ ଗଣନା ଆରମ୍ଭ କରୁଛି। ଗତ ଗୁରୁବାର 'ସୁଜିତ ଦାସ ବନାମ ଭାରତ ସରକାର' ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ପୁଲିସର ଏତାଦୃଶ କାର୍ଯ୍ୟକୁ ନାପସନ୍ଦ କରି କହିଛନ୍ତି ଯେ ଅଟକ ରଖାଯିବା ସମୟରୁ ହିଁ ୨୪ ଘଣ୍ଟାର ଅବଗଣନା ଆରମ୍ଭ ହେବ। ଯଦି ଏହି ସମୟ ମଧ୍ୟରେ ଅଟକ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯାଇ ନ ଥାଏ, ତେବେ ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ହେବ।

ପୁଲିସ୍ ହେପାଜତରେ ଥିବା ସମୟରେ ଜଣେ ବ୍ୟକ୍ତି ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହେବାର ଆଶଙ୍କା ରହିଥାଏ। ବିଶେଷକରି ଯେତେବେଳେ ତାଙ୍କୁ ଔପଚାରିକ ଭାବେ ଗିରଫ ଦର୍ଶାଯାଇନଥାଏ, ସେତେବେଳେ ନ୍ୟାୟିକ ତଦାରଖର ଅଭାବରୁ ନିର୍ଯାତନା ଆଶଙ୍କା ଅଧିକ ହୋଇଥାଏ। ତେଣୁ ତଦନ୍ତକାରୀ ସଂସ୍ଥା ଗିରଫର ଔପଚାରିକ ରେକର୍ଡକୁ ବିଳମ୍ବ କରି ଜଣେ ବ୍ୟକ୍ତିଙ୍କୁ ସମ୍ବିଧାନ ପ୍ରଦତ୍ତ ସୁରକ୍ଷାରୁ ବଞ୍ଚିତ କରିପାରିବ ନାହିଁ; ଏପରି ଏକ 'ସାମ୍ବିଧାନିକ ସୁରକ୍ଷାବିହୀନ ସମୟ' ସୃଷ୍ଟି କରିବା ଅଗ୍ରହଣୀୟ ବୋଲି ଅଦାଲତ କହିଛନ୍ତି। ଏହି ମାମଲାରେ ଖଣ୍ଡପୀଠ ପୁଲିସ୍‌ର ଦାୟିତ୍ୱ ନିର୍ଦ୍ଧାରଣ କରିବା ସହିତ ମାଜିଷ୍ଟ୍ରେଟଙ୍କ ଭୂମିକାକୁ ମଧ୍ୟ ସ୍ପଷ୍ଟ କରିବାକୁ ଯାଇ କହିଛନ୍ତି ଯେ ମାଜିଷ୍ଟ୍ରେଟ୍ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଥିବା ପ୍ରକୃତ ତାରିଖ ଓ ସମୟସୀମା ଯାଞ୍ଚ କରିବାକୁ ହେବ। ଏହାର ଉଲ୍ଲଙ୍ଘନ ହୋଇଥିବାର କାରଣକୁ ତର୍ଜମା କରିବାକୁ ପଡ଼ିବ।

ଜଣେ ବ୍ୟକ୍ତି ଅଭିଯୁକ୍ତ ହୋଇପାରନ୍ତି। କିନ୍ତୁ ତାଙ୍କର ସାମ୍ବିଧାନିକ ଅଧିକାର ଶେଷ ହୋଇଯାଏ ନାହିଁ। ଅପରାଧ ନିୟନ୍ତ୍ରଣ ନାଁରେ ମାନବାଧିକାରକୁ ଉଲ୍ଲଙ୍ଘନ କରିବାର ଅଧିକାର କୌଣସି ତଦନ୍ତକାରୀ ସଂସ୍ଥାର ନାହିଁ। ଗଣତନ୍ତ୍ରରେ ଜଣେ ନାଗରିକଙ୍କ ସ୍ୱାଧୀନତାର ସୁରକ୍ଷା ରାଷ୍ଟ୍ରର ଓ ନ୍ୟାୟବ୍ୟବସ୍ଥାର କର୍ତ୍ତବ୍ୟ। ସେହିପରି ପୁଲିସର କ୍ଷମତା ଯେତେ ବ୍ୟାପକ ହେଉନା କାହିଁକି ସମ୍ବିଧାନଠାରୁ ଉର୍ଦ୍ଧ୍ୱରେ ନୁହେଁ। ଏହାକୁ ଅଦାଲତ ପୁଣି ଥରେ ମନେ ପକାଇ ଦେଇଛନ୍ତି।

ସୁପରମାର୍କେଟ୍ ଆତଙ୍କ

ସୁପରମାର୍କେଟ୍‌ରେ ଖାଦ୍ୟ ସାମଗ୍ରୀକୁ ସତେଜ ରଖିବା ପାଇଁ ବ୍ୟବହୃତ ଫ୍ରିଜ୍‌ରଗୁଡ଼ିକୁ ହ୍ୟାକର୍‌ମାନେ ସାଇବର କୌଶଳ ପ୍ରୟୋଗ କରି ଗରମ କରିଦେବାରେ ସଫଳ ହୋଇଛନ୍ତି। ଫ୍ରାନ୍ସରେ ଗତ ତିନିସପ୍ତାହ ମଧ୍ୟରେ ଦୁଇଥର ଘଟିଥିବା ଏଭଳି ସାଇବର ଆକ୍ରମଣରେ ପ୍ରାୟ ୭୦୦ ବଡ଼ ଖୁଚୁରା ବ୍ୟବସାୟୀଙ୍କ ଟନ୍ ଟନ୍ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। କେତେକ ସ୍ଥାନରେ ଅତ୍ୟଧିକ ତାପ ଯୋଗୁଁ ନିଆଁ ଲାଗିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଘଟଣା ପରେ ବିଶ୍ୱ ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟ, ଅର୍ଥନୀତି ଓ ଜୀବନ ସୁରକ୍ଷା ଉପରେ ବଡ଼ ପ୍ରଶ୍ନ ଉଠିଛି।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ରେଫ୍ରିଜିରେସନ୍ କଣ୍ଟ୍ରୋଲ୍ ସଫ୍ଟୱେର୍ ଓ ସୁରକ୍ଷା ବଳୟକୁ ହାକରମାନେ ଟାର୍ଗେଟ୍ କରିଛନ୍ତି। ସେମାନେ ପ୍ରମାଣ କରିଦେଇଛନ୍ତି ଯେ ସେମାନଙ୍କ ପାଇଁ କେବଳ ଇଣ୍ଟରନେଟ୍ ସଂଯୁକ୍ତି ହିଁ ଯଥେଷ୍ଟ। ଏହି ଘଟଣା ସାଇବର ଆକ୍ରମଣର ସ୍ୱରୂପକୁ ହିଁ ବଦଳାଇ ଦେଇଛି। ପୂର୍ବରୁ ସାଇବର ଆକ୍ରମଣ ତଥ୍ୟ ଚୋରି, ଆକାଉଣ୍ଟ୍ ହ୍ୟାକ୍ ଓ ୱେବସାଇଟ୍ ଅଚଳରେ ସୀମିତ ଥିଲା। 'ସାଇବର-ଫିଜିକାଲ୍' ଆକ୍ରମଣ ନାମରେ ନାମିତ ଅପରାଧର ଏହି ନୂଆ କୌଶଳରେ ଡିଜିଟାଲ୍ ବା ଇଣ୍ଟରନେଟ୍ ଜରିଆରେ ଆକ୍ରମଣ କରି ବାସ୍ତବ ଦୁନିଆର ଯନ୍ତ୍ରପାତି ଓ ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯାଇପାରୁଥିବା ପ୍ରମାଣ ହୋଇଛି। ଏପରିକି କୌଣସି ଡାକ୍ତରଖାନାର ଅମ୍ଳଜାନ ଯୋଗାଣ ବ୍ୟବସ୍ଥା; ଟିକା, ରକ୍ତ ଓ ଜୀବନରକ୍ଷକ ଔଷଧ ସଂରକ୍ଷଣ ପାଇଁ ବ୍ୟବହୃତ ଶୀତଳୀକରଣ ବ୍ୟବସ୍ଥା; ବିଦ୍ୟୁତ୍ ଗ୍ରୀଡ୍, ଜଳ ବିଶୋଧନ କେନ୍ଦ୍ର, ରେଳ ସିଗନାଲ୍ କିମ୍ବା ଔଷଧ ସଂରକ୍ଷଣ ପାଇଁ ବ୍ୟବହୃତ ଶୀତଳ ଭଣ୍ଡାରକୁ ମଧ୍ୟ ହ୍ୟାକରମାନେ ଅକାମୀ କରିଦେଇପାରନ୍ତି ବୋଲି ସୂକ୍ଷ୍ମ ଚେତାବନୀଟିଏ ଦେଇଛନ୍ତି।

ବିଶ୍ୱର ସର୍ବବୃହତ୍ ଖାଉଟି ବଜାର ଭାରତ ଆଜି ଡିଜିଟାଲ୍ ଅର୍ଥନୀତିର ଏକ ପ୍ରମୁଖ ଶକ୍ତି ଭାବେ ଉଭା ହୋଇଛି। ଅନଲାଇନ୍ ବ୍ୟାଙ୍କିଂ, ଡିଜିଟାଲ୍ ପେମେଣ୍ଟ, ସ୍ମାର୍ଟ ସିଟି, ଇ-କମର୍ସ, ଆଧୁନିକ ଶିଳ୍ପ ଓ ସ୍ୱୟଂଚାଳିତ ଗୋଦାମ ବ୍ୟବସ୍ଥା ଆମ ଜୀବନର ଅଂଶ ହୋଇସାରିଛି। ଏଥିସହିତ ସାଇବର ସୁରକ୍ଷାର ଆହ୍ୱାନ ମଧ୍ୟ ବଢ଼ିଛି। ସ୍ମାର୍ଟ ସିଟି, ଡିଜିଟାଲ୍ ଇଣ୍ଡିଆ, ଆଧୁନିକ ଶିଳ୍ପ ଓ ସ୍ୱୟଂଚାଳିତ ବ୍ୟବସ୍ଥାର ସ୍ୱପ୍ନ ଦେଖିବା ମନା ନାହିଁ। କିନ୍ତୁ ପ୍ରଯୁକ୍ତିର ବିକାଶ ସହିତ ତାହାର ସୁରକ୍ଷା ମଧ୍ୟ ସମଗତିରେ ବିକଶିତ ହେବା ଜରୁରୀ। ଏକଥା ଆମ ନୀତି ନିର୍ଦ୍ଧାରକମାନେ ଯେତେ ଶୀଘ୍ର ବୁଝିବେ, ସେତେ ଭଲ।

ସମାଜର ଛଦ୍ମବେଶୀ ସନ୍ତ୍ରାସବାଦୀ

ଇଂ. ଅମର ବେହେରା

ସାଧାରଣତଃ ଆମେ ଭାବିଥାଉ ଯେ ସନ୍ତ୍ରାସବାଦ କେବଳ ସୀମାପାରିରୁ ଆସୁଥିବା ଶତ୍ରୁ କିମ୍ବା ଜଙ୍ଗଲରେ ଲୁଚି ରହିଥିବା ବନ୍ଧୁକଧାରୀ ଉଗ୍ରବାଦୀ ଦ୍ୱାରା ହିଁ ସୃଷ୍ଟି ହୋଇଥାଏ। କିନ୍ତୁ ବାସ୍ତବତା ଭିନ୍ନ ଓ ଭୟଙ୍କର। 'ସନ୍ତ୍ରାସବାଦ' ଶବ୍ଦଟି ଦୁଇଟି ମୂଳ ପଦ 'ସନ୍ତ୍ରାସ' ଓ 'ବାଦ'ର ସମ୍ମିଶ୍ରଣରେ ଗଠିତ। 'ସନ୍ତ୍ରାସ'ର ଶାବ୍ଦିକ ଅର୍ଥ ହେଉଛି ଚରମ ଭୟ, ଆତଙ୍କ, ଅରାଜକତା କିମ୍ବା ମହାଭୟ। 'ବାଦ'ର ଅର୍ଥ ହେଉଛି ଏକ ନିର୍ଦ୍ଦିଷ୍ଟ ମତବାଦ, ବିଶ୍ୱାସ, ଚିନ୍ତାଧାରା କିମ୍ବା କାର୍ଯ୍ୟ କରିବାର ନୀତି। ସୁତରାଂ, 'ସନ୍ତ୍ରାସବାଦ'ର ସମ୍ପୂର୍ଣ୍ଣ ଅର୍ଥ ହେଉଛି ଏଭଳି ଏକ କ୍ରୁର ଚିନ୍ତାଧାରା ବା ଜୀବନଶୈଳୀ, ଯାହା ସମାଜରେ ଅଯଥା ଭୟ, ଅସୁରକ୍ଷା, ମାନସିକ ଯନ୍ତ୍ରଣା ଓ ବିନାଶ ସୃଷ୍ଟି କରି ନିଜର ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ସ୍ୱାର୍ଥ ହାସଲ କରିବାକୁ ଚେଷ୍ଟା କରେ। ଏହି ମାରାତ୍ମକ ଚିନ୍ତାଧାରାକୁ ଆପଣେଇ ନିଜ କାର୍ଯ୍ୟ ଦ୍ୱାରା ଅନ୍ୟକୁ କଷ୍ଟ ଦେଉଥିବା ବ୍ୟକ୍ତି ହିଁ ହେଉଛନ୍ତି 'ସନ୍ତ୍ରାସବାଦୀ'। ଜଣେ ବନ୍ଧୁକଧାରୀଠାରୁ ଆମ ସମାଜ ଭିତରେ ଥିବା ଏହି ଛଦ୍ମବେଶୀମାନେ ଅଧିକ ବିପଜ୍ଜନକ। କାରଣ ସେମାନଙ୍କୁ ସହଜରେ ଚିହ୍ନଟ କରାଯାଇପାରେ ନାହିଁ।

ସନ୍ତ୍ରାସବାଦ କେବଳ କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମାରେଖା ଭିତରେ ଆବଦ୍ଧ ନୁହେଁ। ଯେଉଁମାନେ ଆମ ସଭ୍ୟ ସମାଜରେ ରହି ନକାରାତ୍ମକ ଚିନ୍ତାଧାରା ଖେଳାଉଛନ୍ତି ଏବଂ ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ଜୀବନ, ସ୍ୱାସ୍ଥ୍ୟ, ଆର୍ଥିକ ସ୍ଥିତି ଓ ବିଶ୍ୱାସକୁ ବିପନ୍ନ କରୁଛନ୍ତି, ସେମାନେ ମଧ୍ୟ ଜଣେ ଜଣେ ଭୟଙ୍କର ସନ୍ତ୍ରାସବାଦୀ। ଆଜି ଆମ ଦୈନନ୍ଦିନ ଜୀବନରେ ଆମ ପାଖାପାଖି ରହୁଥିବା ଅନେକ ଶିକ୍ଷିତ, ସମ୍ଭ୍ରାନ୍ତ ଓ ପ୍ରତିଷ୍ଠିତ ବ୍ୟକ୍ତି ନିଜ କାର୍ଯ୍ୟକଳାପ ଦ୍ୱାରା ଏହି ସନ୍ତ୍ରାସବାଦୀ ଚିନ୍ତାଧାରାର ପରିଚୟ ଦେଉଛନ୍ତି, ଯାହାକୁ ଆମେ ଆଖିବୁଜି ସହିଯାଉଛୁ। ଆମ ଚାରିପାଖରେ ଥିବା ଏହି ଛଦ୍ମବେଶୀ ସନ୍ତ୍ରାସବାଦୀଙ୍କୁ ଚିହ୍ନିବା ପାଇଁ ଆମକୁ ଆମ ସାମାଜିକ ବ୍ୟବସ୍ଥାକୁ ଲକ୍ଷ୍ୟ କରିବାକୁ ହେବ।

ଜଣେ ଡାକ୍ତର ଯେତେବେଳେ ଜଣେ ଗରିବ କିମ୍ବା ନିରୀହ ରୋଗୀକୁ ଚିକିତ୍ସା କରିବା ଆଳରେ ଅନାବଶ୍ୟକ ମେଡିକାଲ ଟେଷ୍ଟ ବା ପରୀକ୍ଷା ନିରୀକ୍ଷା ପାଇଁ ବାଧ କରନ୍ତି, ସେତେବେଳେ ସେ ରୋଗୀର ପରିବାର ମନରେ ଏକ ଆର୍ଥିକ ଓ ମାନସିକ ସନ୍ତ୍ରାସ ସୃଷ୍ଟି କରନ୍ତି। ରୋଗୀଟି ନିଜ ଜୀବନ ବଞ୍ଚାଇବା ପାଇଁ ସର୍ବସ୍ୱ ବିକ୍ରି କରିଦିଏ, ଯାହାକି କୌଣସି ଆତଙ୍କବାଦୀ ଆକ୍ରମଣରୁ କମ୍ ନୁହେଁ। ଜଣେ ସରକାରୀ ଇଞ୍ଜିନିୟର ଯେତେବେଳେ ଲାଞ୍ଚ ନେବା ନିଶାରେ ଜଣେ ଠିକାଦାରଙ୍କ ନ୍ୟାଯ୍ୟ ବିଲ୍‌କୁ ମାସ ମାସ ଧରି ଅଟକାଇ ରଖନ୍ତି, ସେ ମଧ୍ୟ ବ୍ୟବସ୍ଥା ଭିତରେ ଥାଇ ଏକ ପ୍ରଶାସନିକ ସନ୍ତ୍ରାସବାଦ ଚଳାନ୍ତି। ଏହି କାରଣରୁ ଠିକାଦାର ଜଣକ ମଧ୍ୟ ନିଜ ଲାଭ ସୁରକ୍ଷିତ ରଖିବା ପାଇଁ ରାସ୍ତାଘାଟ କିମ୍ବା ସରକାରୀ କୋଠାବାଡ଼ି କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରନ୍ତି। ଏହି ଦୁର୍ବଳ ରାସ୍ତା ଓ ପୋଲ ଯୋଗୁଁ ଭବିଷ୍ୟତରେ ଅସଂଖ୍ୟ ନିରୀହ ଲୋକ ଦୁର୍ଘଟଣାର ଶିକାର ହୋଇ ଜୀବନ ହରାନ୍ତି। ଏଠାରେ ଉଭୟ ଇଞ୍ଜିନିୟର ଓ ଠିକାଦାର ସମାଜ ପାଇଁ ଦୃଶ୍ୟମାନ ବନ୍ଧୁକଧାରୀଙ୍କଠାରୁ ଅଧିକ ଭୟଙ୍କର ସନ୍ତ୍ରାସବାଦୀ।

ଆଜିକାଲି ଖବରକାଗଜ ପୃଷ୍ଠା ଓଲଟାଇଲେ ପ୍ରାୟତଃ ଦେଖିବାକୁ ମିଳୁଛି ଯେ କିଛି ମହଙ୍ଗା ଏସୟୁଭି ଗାଡ଼ିର ଚାଳକ ଟ୍ରାଫିକ୍ ନିୟମକୁ ବେଖାତିର କରି, ଅତ୍ୟଧିକ ବେଗରେ ଏବଂ ବେପରୁଆ ଭାବେ ଗାଡ଼ି ଚଳାଇ ଅନ୍ୟମାନଙ୍କ ଜୀବନକୁ ବିପଦରେ ପକାଉଛନ୍ତି। ଏହି ଅହଂକାରୀ ମାନସିକତା ଯୋଗୁଁ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ଅନେକ ନିରୀହ ପଥଚାରୀ କିମ୍ବା ଚାଳକ ପ୍ରାଣ ହରାଉଛନ୍ତି। ଏଭଳି ବେପରୁଆ ଚାଳକମାନେ ନିଜ ଗାଡ଼ିକୁ ଏକ ମାରାତ୍ମକ ଅସ୍ତ୍ର ପରି ବ୍ୟବହାର କରି ରାସ୍ତାରେ ଯାଉଥିବା ଲୋକଙ୍କ ମନରେ ଯେଉଁ ଭୟ ସୃଷ୍ଟି କରନ୍ତି, ତାହା ମଧ୍ୟ ଏକ ପ୍ରକାର ମାନସିକ ସନ୍ତ୍ରାସବାଦ।

ବର୍ତ୍ତମାନ ସମୟରେ ଏହି ମାନସିକ ସନ୍ତ୍ରାସବାଦର ସବୁଠାରୁ ଭୟଙ୍କର ରୂପ ଆମ ଖାଦ୍ୟ ଥାଳିରେ ଦେଖିବାକୁ ମିଳୁଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ନକଲି ତଥା କେମିକାଲ୍ ଯୁକ୍ତ ଭେଜାଲ୍ ପନିରର ଖବର ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଦେଇଛି। କେବଳ ପନିର ନୁହେଁ, ଆମ ଦୈନନ୍ଦିନ ଜୀବନର ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଯେପରିକି ଖାଇବା ତେଲ, ଲଙ୍କା ଗୁଣ୍ଡ, ଟମାଟୋ ସସ୍ ଆଦିର ନକଲି କାରଖାନାମାନ ପ୍ରତିଦିନ ଧରାପଡ଼ୁଛି। ଅଧିକ ମୁନାଫା କମାଇବା ପାଇଁ ଏହି ଦୁର୍ବୃତ୍ତମାନେ ଖାଦ୍ୟରେ ମାରାତ୍ମକ ରାସାୟନିକ ପଦାର୍ଥ ଓ ରଙ୍ଗ ମିଶାଉଛନ୍ତି, ଯାହାକୁ ଖାଇ ଲୋକେ କର୍କଟ ଓ କିଡନୀ ବିକଳାଙ୍ଗତା ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି। ସେହିପରି ଅନେକ ହୋଟେଲ ଓ ଖାଦ୍ୟ ଷ୍ଟଲରେ ଅତି ଅସ୍ୱାସ୍ଥ୍ୟକର ପରିବେଶରେ ପଚାସଡ଼ା ଖାଦ୍ୟ ପରଷା ଯାଉଛି। ବନ୍ଧୁକଧାରୀ ଆତଙ୍କବାଦୀ ଜଣକୁ ଗୁଳି କରି ମାରିଦିଏ, କିନ୍ତୁ ଏହି ଭେଜାଲ ବ୍ୟବସାୟୀମାନେ ସମଗ୍ର ସମାଜକୁ ଧୀରେ ଧୀରେ ବିଷ ଦେଇ ମାରୁଛନ୍ତି। ତେଣୁ ଏମାନେ ସେହି ସମାନ ସନ୍ତ୍ରାସବାଦୀ ଶ୍ରେଣୀର ଅନ୍ତର୍ଭୁକ୍ତ। ଆମ ଭିତରେ ଲୁଚି ରହି ସାମାଜିକ, ନୈତିକ ଓ ଶାରୀରିକ ଅଧୋଗତି ଘଟାଉଥିବା ଏହି ସ୍ୱାର୍ଥପର ଓ କ୍ରୂର ବ୍ୟକ୍ତିମାନେ ହିଁ ଅସଲ ଆଭ୍ୟନ୍ତରୀଣ ଆତଙ୍କୀ।

ଏହି ବିପଜ୍ଜନକ ସାମାଜିକ ମାନସିକତାକୁ ବଦଳାଇବା ପାଇଁ ଉଭୟ ସରକାର ଏବଂ ଜନସାଧାରଣଙ୍କର କିଛି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସରକାର ଓ ପ୍ରଶାସନର ପ୍ରଥମ ଦାୟିତ୍ୱ ହେଉଛି କଡ଼ା ନିୟମ ପ୍ରଣୟନ ଏବଂ ଏହାର ଅନୁପାଳନରେ ସ୍ୱଚ୍ଛତା। ଖାଦ୍ୟ ସୁରକ୍ଷା ବିଭାଗ ଓ ପୁଲିସ ପ୍ରଶାସନ ପକ୍ଷରୁ ନିୟମିତ ଓ ଆକସ୍ମିକ ଭାବେ ବଜାର, ଗୋଦାମ ଓ କାରଖାନାଗୁଡ଼ିକରେ ଚଢ଼ାଉ କରାଯିବା ଉଚିତ। ଭେଜାଲ ଖାଦ୍ୟ କାରବାରରେ ସଂପୃକ୍ତ ଥିବା ଅସାଧୁ ବ୍ୟବସାୟୀଙ୍କୁ ଜେଲ୍ ପଠାଇବା ସହ ସେମାନଙ୍କର ସମ୍ପତ୍ତି ବାଜ୍ୟାପ୍ତ ଏବଂ ଆଜୀବନ କାରାଦଣ୍ଡ ପରି କଠୋର ଆଇନଗତ ଶାସ୍ତିର ବ୍ୟବସ୍ଥା ହେବା ଦରକାର। ଦୁର୍ନୀତିଖୋର ଅଧିକାରୀ, ଅନାବଶ୍ୟକ ଟେଷ୍ଟ ଲେଖୁଥିବା ଡାକ୍ତର ଏବଂ ନିୟମ ଉଲ୍ଲଙ୍ଘନକାରୀ ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ ସରକାର ଶୂନ୍ୟ ସହନଶୀଳତା ନୀତି ଆପଣାଇବାକୁ ହେବ। ଅନ୍ୟପକ୍ଷରେ, ଜନସାଧାରଣଙ୍କର ମଧ୍ୟ ବଡ଼ ଭୂମିକା ରହିଛି। ଆମକୁ କେବଳ ଜଣେ କ୍ରେତା ନୁହେଁ, ବରଂ ସଚେତନ ଗ୍ରାହକ ଓ ଜାଗ୍ରତ ନାଗରିକ ହେବାକୁ ପଡ଼ିବ। ଯଦି କେଉଁଠି ଭେଜାଲ ଖାଦ୍ୟ ତିଆରି ହେବାର ସନ୍ଦେହ ହେଉଛି, କେହି ଦୁର୍ନୀତି କରୁଛି କିମ୍ବା କେହି ବେପରୁଆ ଗାଡ଼ି ଚଳାଉଛି, ତେବେ ନିଜର ବ୍ୟକ୍ତିଗତ ଭୟ ବା ସ୍ୱାର୍ଥ ତ୍ୟାଗ କରି ଚୁପ୍ ନରହି ତୁରନ୍ତ ପ୍ରଶାସନକୁ ଲିଖିତ ଭାବେ ଜଣାଇବା କିମ୍ବା ସାମାଜିକ ଗଣମାଧ୍ୟମ ଜରିଆରେ ତୀବ୍ର ପ୍ରତିବାଦ କରିବା ଆବଶ୍ୟକ।

ସର୍ବୋପରି, ଜଣେ ମଣିଷ ହିସାବରେ ମାନବିକତାର ଶ୍ରେଷ୍ଠ କଲ୍ୟାଣ ପାଇଁ ଆମକୁ ନିଜ ଭିତରୁ ହିଁ ପ୍ରକୃତ ପରିବର୍ତ୍ତନର ସୂତ୍ରପାତ କରିବାକୁ ହେବ। ଆମକୁ ଆମ ଚିନ୍ତାଧାରାରୁ 'ଅନ୍ଧ ଲୋଭ' ଏବଂ 'ମୋର କଣ ଗଲା' ଭଳି ନକାରାତ୍ମକ ମାନସିକତାକୁ ସମ୍ପୂର୍ଣ୍ଣ ଦୂର କରିବାକୁ ପଡ଼ିବ। ଜଣେ ଡାକ୍ତର, ଇଞ୍ଜିନିୟର, ଠିକାଦାର, ବ୍ୟବସାୟୀ କିମ୍ବା ଚାଳକ ହେବା ପୂର୍ବରୁ ଆମକୁ ସର୍ବପ୍ରଥମେ ଜଣେ ଭଲ ଓ ସମ୍ବେଦନଶୀଳ ମଣିଷ ହେବାକୁ ହେବ। ନିଜର କ୍ଷଣିକ ସ୍ୱାର୍ଥ, ଅର୍ଥ ବା ଅହଂକାର ପାଇଁ ଅନ୍ୟ କାହାର ଜୀବନ, ସ୍ୱାସ୍ଥ୍ୟ ଓ ହସଖୁସିର ପରିବାର ଯେପରି ଛାରଖାର ନହୁଏ, ସେଥିପ୍ରତି ସତର୍କ ଓ ଦୟାଳୁ ରହିବା ହିଁ ପ୍ରକୃତ ମାନବିକତା। ଯେପର୍ଯ୍ୟନ୍ତ ଆମେ ନିଜ ଭିତରେ ଥିବା ନକାରାତ୍ମକତାକୁ ଦୂର କରି ସାମୂହିକ କଲ୍ୟାଣ ଓ ସାର୍ବଜନୀନ ପ୍ରେମ ପାଇଁ ଚିନ୍ତା କରିନାହୁଁ, ସେ ପର୍ଯ୍ୟନ୍ତ ଆମ ପ୍ରିୟ ସମାଜକୁ ଏହି ଛଦ୍ମବେଶୀ ସନ୍ତ୍ରାସବାଦୀଙ୍କ କବଳରୁ କଦାପି ମୁକ୍ତ କରାଯାଇପାରିବ ନାହିଁ। ଏକ ସୁସ୍ଥ, ସୁରକ୍ଷିତ, ସଂସ୍କୃତିସମ୍ପନ୍ନ ଓ ଭୟମୁକ୍ତ ବିଶ୍ୱ ଗଠନ ପାଇଁ ଆମ ସମସ୍ତଙ୍କୁ ମିଳିତ ଭାବେ ନିଜ ନିଜ ସ୍ତରରେ ସଚେତନ, ସଚ୍ଚୋଟ, ନ୍ୟାୟପ୍ରିୟ ଏବଂ ମାନବୀୟ ମୂଲ୍ୟବୋଧରେ ଦୀକ୍ଷିତ ହେବାକୁ ପଡ଼ିବ, ଯାହା ଦ୍ୱାରା ମାନବିକତାର ଜୟଗାନ ହୋଇପାରିବ।

ବରଡିହି(ପୁରୀ)ମୋ: ୯୭୪୨୯୮୨୭୪୧

ଅସମାପ୍ତ ଆକାଂକ୍ଷାର ମାୟାଜାଲ

ବିଶ୍ୱନାଥ ପାଢ଼ୀ

ଗୋଟିଏ ଗାଁରେ ଜଣେ ଗରିବ କୃଷକ ରହୁଥିଲା। ସେ ସବୁବେଳେ ସ୍ୱପ୍ନ ଦେଖୁଥିଲା ଯେ ଯଦି ତା' ପାଖରେ ଗୋଟିଏ ସାଇକେଲ୍ ଥା'ନ୍ତା, ତେବେ ଜୀବନର ସବୁ କଷ୍ଟ ଦୂର ହୋଇଯା'ନ୍ତା। ବହୁବର୍ଷର କଠିନ ପରିଶ୍ରମ ପରେ ସେ ଦିନେ ନୂଆ ସାଇକେଲ କିଣିଲା। ଭାବିଲା, ସେ ବିଶ୍ୱର ସବୁଠାରୁ ଭାଗ୍ୟବାନ ବ୍ୟକ୍ତି। କିଛିମାସ ବିତିଯିବା ପରେ ସେହି ସାଇକେଲ ତା' ପାଇଁ ସାଧାରଣ ବସ୍ତୁ ପାଲଟିଗଲା। ଏବେ ତା'ର ଆଖି ଗାଁ ଜମିଦାରଙ୍କ ମୋଟରସାଇକେଲ୍ ଉପରେ ପଡ଼ିଲା। ସେ ଭାବିଲା ଯେ ମୋଟରସାଇକେଲ ନ ମିଳିବା ପର୍ଯ୍ୟନ୍ତ ସେ ପ୍ରକୃତ ସୁଖ ପାଇପାରିବ ନାହିଁ। ତା'ର ଏହି ମାନସିକତା ହେଉଛି 'ହେଡୋନିକ୍ ଆଡାପ୍ଟେସନ୍' ବା 'ସୁଖ-ଅଭ୍ୟାସ ସିଦ୍ଧାନ୍ତ'ର ଉଦାହରଣ, ଯାହା ଆମ ସମସ୍ତଙ୍କ ଜୀବନରେ ପ୍ରତିଦିନ ଘଟୁଛି।

ମନୋବିଜ୍ଞାନ ଓ ସମାଜଶାସ୍ତ୍ର ଭାଷାରେ 'ହେଡୋନିକ୍ ଆଡାପ୍ଟେସନ୍' ବା 'ହେଡୋନିକ୍ ଟ୍ରେଡମିଲ୍' ହେଉଛି ମଣିଷର ଏପରି ଏକ ପ୍ରବୃତ୍ତି, ଯେଉଁଥିରେ ଜୀବନରେ ଯେତେ ବଡ଼ ସକାରାତ୍ମକ ବା ନକାରାତ୍ମକ ପରିବର୍ତ୍ତନ ଆସିଲେ ମଧ୍ୟ କିଛି ସମୟ ପରେ ବ୍ୟକ୍ତି ନିଜର ପୂର୍ବ ନିର୍ଦ୍ଧାରିତ ମାନସିକ ଖୁସି ବା ସନ୍ତୋଷର ସ୍ତରକୁ ଫେରିଆସେ। ଏହି ସତ୍ୟକୁ ମନୋବିଜ୍ଞାନୀମାନେ ବୁଝାଇବା ପୂର୍ବରୁ କବି ଓ ଶାୟରମାନେ ସୁନ୍ଦର ଭାବେ ବ୍ୟକ୍ତ କରିସାରିଛନ୍ତି। ଯେପରିକି - 'ହଜାରୋଁ ଖ୍ୱାହିସେଁ ଏସୀ କି ହର୍ ଖ୍ୱାହିସ୍ ପେ ଦମ୍ ନିକଲେ, ବହତ୍ ନିକଲେ ମେରେ ଅର୍ମାନ୍ ଲେକିନ୍ ଫିର୍ ଭି କମ୍ ନିକଲେ।' ଗାଲିବଙ୍କ ଏହି ଅମର ଧାଡ଼ି 'ହେଡୋନିକ୍ ଆଡାପ୍ଟେସନ'ର ମୂଳସତ୍ତାକୁ ଦର୍ଶାଏ। ମଣିଷର ଗୋଟିଏ ଆଶା ପୂରଣ ହେବା ମାତ୍ରେ ଅନ୍ୟ ଏକ ନୂଆ ଆଶା ଜନ୍ମ ନିଏ, ଏବଂ ପୁରୁଣା ଆଶାର ପୂର୍ତ୍ତି ଆଉ ଆନନ୍ଦ ଦେଇପାରେ ନାହିଁ।

ସିନେମା ଜଗତରେ ମଧ୍ୟ ଏହି ମାନସିକତାର ଚିତ୍ରଣ ବହୁତ ସୁନ୍ଦର ଭାବେ କରାଯାଇଛି। ଚର୍ଚ୍ଚିତ ବଲିଉଡ ସିନେମା 'ତମାଶା' କିମ୍ବା ହଲିଉଡର 'ଦି ପରସୁଟ୍ ଅଫ୍ ହାପିନେସ୍' ଏବଂ 'ଦି ୱୁଲ୍ ଅଫ୍ ୱାଲ୍ ଷ୍ଟ୍ରିଟ୍' ଭଳି ଚଳଚ୍ଚିତ୍ରକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ହୁଏ। ଏହି ସିନେମାଗୁଡ଼ିକର ମୁଖ୍ୟ ଚରିତ୍ରମାନେ ପ୍ରଚୁର ଧନ, ଗାଡ଼ି ଓ ସୁଖସୁବିଧା ପାଇବା ପରେ ଆହୁରି ଅଧିକ ପାଇବାର ଅସନ୍ତୋଷରେ ଜଳୁଥା'ନ୍ତି। ନିଜ ଅନ୍ତରର ଶୂନ୍ୟତାକୁ ଅନୁଭବ କରନ୍ତି। ଏହି ସିନେମାଗୁଡ଼ିକ ଦର୍ଶାଏ ଯେ ଭୌତିକ ସଫଳତାର ଶୀର୍ଷରେ ପହଞ୍ଚିବା ପରେ ମଧ୍ୟ 'ହେଡୋନିକ୍ ଆଡାପ୍ଟେସନ୍' ଯୋଗୁଁ ମଣିଷ ମନରୁ ଅସନ୍ତୋଷ ଦୂର ହୋଇପାରେ ନାହିଁ।

ଏହି ସାମାଜିକ ଓ ମାନସିକ ଜଟିଳତା ବ୍ୟକ୍ତିକୁ ଉପଭୋକ୍ତାବାଦ ଆଡ଼କୁ ଠେଲିଦିଏ। ଲୋକମାନେ ଭାବନ୍ତି ଯେ ନୂଆ ଆଇଫୋନ୍, ନୂଆ ଗାଡ଼ି କିମ୍ବା ବଡ଼ ଘର କିଣିଲେ ସେମାନେ ସଦାସର୍ବଦା ଖୁସି ରହିବେ। କିନ୍ତୁ କିଛିଦିନ ମଧ୍ୟରେ ସେଗୁଡ଼ିକର ଆକର୍ଷଣ କମିଯାଏ ଏବଂ ପୁଣି ନୂଆ କିଛି କିଣିବା ପାଇଁ ସେମାନେ ବ୍ୟାକୁଳ ହୁଅନ୍ତି। ଏହାଦ୍ୱାରା ଆର୍ଥିକ ଅସ୍ଥିରତା, ମାନସିକ ଦୁଶ୍ଚିନ୍ତା ଓ ପରିବେଶଗତ ସମସ୍ୟା ସୃଷ୍ଟି ହୁଏ। ସମାଜଶାସ୍ତ୍ର ଅନୁଯାୟୀ, ଏହି ବିଷୟ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଧାରଣା ଜଡ଼ିତ। ଏଥିମଧ୍ୟରୁ 'ତୁଳନାତ୍ମକ ବଞ୍ଚିତକରଣ' ଅନ୍ୟତମ। ଜଣେ ବ୍ୟକ୍ତି ନିଜ ପାଖରେ ଯାହା ଅଛି ସେଥିରେ ଖୁସି ନହୋଇ, ଅନ୍ୟମାନଙ୍କ ତୁଳନାରେ ନିଜକୁ ଗରିବ ବା ବଞ୍ଚିତ ମନେକରେ। ସାମାଜିକ ପ୍ରତିଷ୍ଠାସୂଚକ ବସ୍ତୁର ମୋହ ମଣିଷକୁ ଏହି ଦୌଡ଼ରେ ବାନ୍ଧି ରାଖେ। ସାମାଜିକ ଗଣମାଧ୍ୟମ ପ୍ରଭାବ ଯୋଗୁଁ ଆଜି 'ଦୃଶ୍ୟମାନ ଉପଭୋଗ' ବୃଦ୍ଧି ପାଇଛି, ଯେଉଁଠି ଲୋକେ ନିଜର ସୁଖ ଦେଖାଇବା ପାଇଁ ଅଧିକ ଖର୍ଚ୍ଚ କରୁଛନ୍ତି, ମାତ୍ର ଅତ୍ୟଧିକ ବିକଳ୍ପର ଉପସ୍ଥିତି ତାକୁ ଆହୁରି ଅଧିକ ବିଭ୍ରାନ୍ତ ଓ ଅସନ୍ତୁଷ୍ଟ କରିଦେଉଛି।

'ହେଡୋନିକ୍ ଆଡାପ୍ଟେସନ'ର ଶିକାରରୁ ବଡ଼ ବଡ଼ ସେଲିବ୍ରିଟିମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି। ବିଶ୍ୱପ୍ରସିଦ୍ଧ ସଙ୍ଗୀତଜ୍ଞ କର୍ଟ କୋବେନ୍, ପପ୍ କିଙ୍ଗ୍ ମାଇକେଲ୍ ଜାକସନ୍, କିମ୍ବା ହଲିଉଡ୍ ଅଭିନେତା ରୋବିନ୍ ୱିଲିୟମ୍ସଙ୍କ ଭଳି ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ଜୀବନରେ ଖ୍ୟାତି, ପ୍ରଚୁର ଟଙ୍କା ଓ କୋଟି କୋଟି ପ୍ରଶଂସକ ଥିଲେ। ତଥାପି ସେମାନଙ୍କ ଅନ୍ତରର ଗଭୀର ଶୂନ୍ୟତା ସେମାନଙ୍କୁ ମାନସିକ ଅବସାଦ ଆଡ଼କୁ ନେଇଯାଇଥିଲା। ପ୍ରସିଦ୍ଧ ଅଭିନେତା ଜିମ୍ କ୍ୟାରୀ ଥରେ କହିଥିଲେ, 'ମୁଁ ଭାବୁଛି ପ୍ରତ୍ୟେକ ବ୍ୟକ୍ତି ଧନୀ ଓ ପ୍ରସିଦ୍ଧ ହେବା ଉଚିତ୍ ଏବଂ ନିଜର ସବୁ ସ୍ୱପ୍ନ ପୂରଣ କରିବା ଉଚିତ୍, ଯାହାଦ୍ୱାରା ସେମାନେ ବୁଝିପାରିବେ ଯେ ଏହା ପ୍ରକୃତ ସନ୍ତୋଷ ନୁହେଁ।'

ଅନ୍ୟପଟେ, ଜଣେ ସାଧାରଣ ମଣିଷର ଜୀବନରେ ଏହା ଅନ୍ୟ ଏକ ରୂପରେ ପ୍ରକାଶ ପାଏ। ଜଣେ ଯୁବକ ଦିନରାତି ଏକ କରି ଗୋଟିଏ ସରକାରୀ ଚାକିରି ବା ଉଚ୍ଚବେତନର କର୍ପୋରେଟ ଚାକିରି ପାଏ। ଚାକିରି ପାଇବାର ପ୍ରଥମ କିଛିମାସ ସେ ଅତ୍ୟନ୍ତ ଆନନ୍ଦିତ ହୁଏ। କିନ୍ତୁ କିଛିବର୍ଷ ପରେ ସେହି ଚାକିରି ତା' ପାଇଁ ଏକ ବୋଝ ସଦୃଶ ହୋଇଯାଏ ଏବଂ ସେ ପଦୋନ୍ନତି କିମ୍ବା ଅଧିକ ଦରମା ପାଇଁ ଚିନ୍ତାଗ୍ରସ୍ତ ହୋଇପଡ଼େ। ସେହିପରି ନୂଆ ଘର, ନୂଆ ବିବାହ କିମ୍ବା ନୂଆ ଗାଡ଼ି ସବୁକିଛି ସମୟ ସ୍ରୋତରେ ନିଜର ଆକର୍ଷଣ ହରାଇବାରେ ଲାଗେ। ସାଧାରଣ ମଣିଷ ନିଜର ସମଗ୍ର ଜୀବନ ଏହି ଆଶାରେ ବିତାଇଦିଏ ଯେ 'କାଲି ଯେତେବେଳେ ମୋ ପାଖରେ ଏହା ହେବ, ସେତେବେଳେ ମୁଁ ସଂପୂର୍ଣ୍ଣ ସୁଖୀ ହେବି'। କିନ୍ତୁ ସେହି 'କାଲି' କେବେ ଆସେନାହିଁ।

ଏହି ସ୍ଥିତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ମନସ୍ତାତ୍ତ୍ୱିକ ସଚେତନତା। ଆମକୁ ବୁଝିବାକୁ ହେବ ଯେ 'ହେଡୋନିକ୍ ଆଡାପ୍ଟେସନ୍' ମସ୍ତିଷ୍କର ଏକ ସ୍ୱାଭାବିକ ଜୈବିକ ସୁରକ୍ଷା ପ୍ରଣାଳୀ, ଯାହା ଆମକୁ ଅତ୍ୟଧିକ ଖୁସି କିମ୍ବା ଦୁଃଖରେ ସ୍ଥାୟୀ ଭାବେ ରହିବାକୁ ଦିଏନାହିଁ। ଏହାକୁ ରୋକିବା ପାଇଁ କୃତଜ୍ଞତାର ଅଭ୍ୟାସ ଏବଂ ସଚେତନ ରହିବା ଅତ୍ୟନ୍ତ ଜରୁରୀ। ଆମ ପାଖରେ ଯାହା ଅଛି, ତାହାର ମୂଲ୍ୟ ବୁଝିବା ଏବଂ ବର୍ତ୍ତମାନ କ୍ଷଣରେ ଜୀବିତ ରହିବା ଶିଖିବାକୁ ପଡ଼ିବ। ବସ୍ତୁବାଦୀ ସୁଖ ପଛରେ ନ ଦୌଡ଼ି, ଅନୁଭୂତିଜନିତ ସୁଖ, ଯେପରିକି ଭ୍ରମଣ, ଆତ୍ମବିକାଶ ଓ ପ୍ରକୃତ ସମ୍ପର୍କ ଗଠନ ଉପରେ ଧ୍ୟାନ ଦେବା ଆବଶ୍ୟକ। କାରଣ ଅନୁଭୂତିଗୁଡ଼ିକରେ 'ହେଡୋନିକ୍ ଆଡାପ୍ଟେସନ୍' ଧୀର ଗତିରେ ହୋଇଥାଏ। 'ହେଡୋନିକ୍ ଆଡାପ୍ଟେସନ୍' ଆମକୁ ଏହି ମାୟାଜାଲର ସତ୍ୟତା ସମ୍ପର୍କରେ ଅବଗତ କରାଏ ଯେ ଜୀବନର ପ୍ରକୃତ ସୁଖ କୌଣସି ପଦ, ବସ୍ତୁ କିମ୍ବା ଭୌତିକ ସଫଳତାର ଶେଷ ବିନ୍ଦୁରେ ନଥାଏ; ବରଂ ତାହା ଜୀବନର ପ୍ରତିଟି ମୁହୂର୍ତ୍ତକୁ ଅନୁଭବ କରିବାରେ ଥାଏ। ମଣିଷ ଯେତେବେଳେ ଏହି 'ହେଡୋନିକ୍ ଟ୍ରେଡମିଲ୍'ରୁ ଓହ୍ଲାଇ ନିଜର ଅନ୍ତର୍ନିହିତ ସନ୍ତୋଷକୁ ଚିହ୍ନିପାରେ, ସେତେବେଳେ ସେ ଶାନ୍ତି ଓ ଆନନ୍ଦର ସାନ୍ନିଧ୍ୟ ଲାଭ କରେ। ତେଣୁ ବାହ୍ୟ ଜଗତର ଅସୀମ ଆକାଂକ୍ଷା ପଛରେ ନ ଦୌଡ଼ି, ନିଜ ଭିତରେ ଥିବା ପ୍ରସନ୍ନତାକୁ ଆବିଷ୍କାର କରିବା ହିଁ ମାନବ ଜୀବନର ସାରସତ୍ତା।

ସତ୍ୟବାଦୀ(ପୁରୀ), ମୋ: ୯୨୩୮୮୩୧୬୫୮

ଦୀର୍ଘାୟୁ ପାଇଁ ନେଉଳ ପୂଜା

ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ପୂର୍ବପ୍ରକାଶିତ ଉତ୍ତାରୁ...

ନେଉଳ ପୂଜନ ସମ୍ପର୍କିତ ବ୍ରତକଥା ଅନୁସାରେ ଏକଦା ଗୋଟିଏ ଗାଁରେ ଜଣେ କୃଷକ ପରିବାର ରହୁଥିଲେ। କିନ୍ତୁ ତାଙ୍କ ଘରେ ସନ୍ତାନ ଜନ୍ମ ନେବାର କିଛିଦିନ ପରେ ସର୍ପଦଂଶନରେ ପ୍ରାଣ ହରାଉଥିଲେ। କୃଷକ ଦମ୍ପତି ଗୋଟିଏ ନେଉଳ ପୋଷିବାକୁ ଚିନ୍ତା କଲେ। ଏହାପରେ ତାଙ୍କର ଆଉ ଏକ ସନ୍ତାନ ଜନ୍ମ ନେଲା। ଦିନେ ସ୍ୱାମୀଙ୍କ ପାଇଁ ଖାଦ୍ୟ ନେଇ କୃଷକପତ୍ନୀ କ୍ଷେତକୁ ଯାଇଥିଲେ। ସେ ସମୟରେ ଶିଶୁଟି ଶୋଇଥିଲା ଏବଂ ତା'ପାଖରେ ନେଉଳଟି ସବୁବେଳେ ବସି ରହୁଥିଲା। ତେଣୁ କୃଷକଙ୍କ ପତ୍ନୀ ବିନା ଚିନ୍ତାରେ କ୍ଷେତକୁ ଚାଲିଗଲେ। ପ୍ରତିଥର ଭଳି ଗୋଟିଏ ବିଷାକ୍ତ ସାପ ଶିଶୁକୁ ଦଂଶନ କରିବାକୁ ଆସନ୍ତେ ନେଉଳ ସାପଟିକୁ ମାରିଦେଇ ଶିଶୁକୁ ରକ୍ଷା କଲା। କିଛିସମୟ ପରେ କୃଷକଙ୍କ ପତ୍ନୀ ଘରକୁ ଫେରିଆସି ଦେଖିଲେ ଯେ ନେଉଳଟି ଦ୍ୱାର ପାଖରେ ବସିଛି ଏବଂ ତା' ମୁହଁରେ ରକ୍ତ ଲାଗିଛି। ସେ ଭାବିଲେ, ନେଉଳଟି ତାଙ୍କର ସନ୍ତାନକୁ ମାରି ଦେଇଛି। ତେଣୁ କ୍ରୋଧଜର୍ଜରିତ ହୋଇ ସେ ଧରିଥିବା ପାଣିଗରାକୁ ନେଉଳ ଉପରେ ଛେଚିଦେଲେ। ସେଥିରେ ନେଉଳଟିର ମୃତ୍ୟୁ ଘଟିଲା।

ଏହାପରେ କୃଷକଙ୍କ ପତ୍ନୀ ଘର ଭିତରକୁ ଆସି ଦେଖନ୍ତି ତ ତାଙ୍କ ସନ୍ତାନ ସୁରକ୍ଷିତ ଅବସ୍ଥାରେ ଶୋଇଛି ଏବଂ ଶିଶୁ ପାଖରେ ସାପଟିଏ ଖଣ୍ଡବିଖଣ୍ଡିତ ହୋଇପଡ଼ିଛି। ଏହା ଦେଖିବା ପରେ କୃଷକପତ୍ନୀ ନିଜର ଭୁଲ୍ ବୁଝିପାରିଲେ ଏବଂ ପଶ୍ଚାତାପ କରି କାନ୍ଦିବାକୁ ଲାଗିଲେ। ଦୈବୀକୃପାରୁ ଉକ୍ତ ନେଉଳଟି ଅଲୌକିକ ଭାବେ ଜୀବନଦାନ ପାଇ ଘର ଭିତରକୁ ଆସି କହିଲା - 'ପୁତ୍ରବତୀ ନାରୀମାନେ ମୋର ଚିତ୍ର କିମ୍ବା ମୂର୍ତ୍ତି ପୂଜା କଲେ ସର୍ପ ଭୟ ରହିବ ନାହିଁ ଏବଂ ସନ୍ତାନମାନେ ଦୀର୍ଘାୟୁ ହେବେ।' ଅନ୍ୟ ଏକ କଥା ଅନୁଯାୟୀ - କୃଷକ ଦମ୍ପତିଙ୍କୁ ସ୍ୱପ୍ନରେ ଉକ୍ତ ମୃତନେଉଳଟି ଉପରୋକ୍ତ ଉପଦେଶ ଦେଇଥିଲା। ଏହି ଘଟଣା ପରେ ନେଉଳଟି ଈଶ୍ୱରଙ୍କ ବରଦାନ ବୋଲି ମାନ୍ୟତା କରି ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା, ଯାହାକି ସମୟାନୁକ୍ରମେ ପରମ୍ପରାରେ ପରିଣତ ହୋଇଛି।

ବିଦେଶରେ ମଧ୍ୟ ନେଉଳର ଧର୍ମୀୟ ମହତ୍ତ୍ୱ ରହିଛି। ପ୍ରାଚୀନ ମିଶର୍ ସଭ୍ୟତାରେ ନେଉଳକୁ 'ପବିତ୍ର ଜୀବ' ଭାବେ ମାନ୍ୟତା ଦିଆଯାଇଥିଲା ଏବଂ 'ହୋରସ୍' ଦେବତାଙ୍କ ଭଳି ପୂଜା କରାଯାଉଥିଲା, ଯିଏକି ସର୍ପ ଭୟରୁ ମୁକ୍ତି ଦେଉଥିଲେ। ପ୍ରତ୍ନତତ୍ତ୍ୱବିଦ୍‌ଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ମିଶର୍‌ର 'ସକ୍କାରା' ଅଞ୍ଚଳସ୍ଥିତ 'ଏନୁବିସ୍ କବ୍ରସ୍ଥାନ'ରେ ଅନ୍ୟାନ୍ୟ ପଶୁଙ୍କ ସହିତ ନେଉଳର 'ମମି' ମଧ୍ୟ ଠାବ ହୋଇଛି। ନେଉଳର 'ମମି' ପାଇଁ ଉନ୍ନତ ଧରଣର କବର ପ୍ରସ୍ତୁତ ହେଉଥିବା ମଧ୍ୟ ଜଣାପଡ଼ିଛି। ମିଶର୍‌ର ପୌରାଣିକ କଥାନୁସାରେ ନେଉଳ ହେଉଛି ସୂର୍ଯ୍ୟ ଦେବତା 'ରା' ଓ 'ଅଟମ୍'ଙ୍କ ସ୍ୱରୂପ। ମାନ୍ୟତା ଅନୁଯାୟୀ ସୂର୍ଯ୍ୟଦେବ ଗୋଟିଏ ବିରାଟ ନେଉଳର ରୂପ ଧାରଣ କରି ଅନ୍ଧକାର ଓ ଅରାଜକତାର ପ୍ରତୀକ ନାଗଦେବତା 'ଅପୋଫିସ୍' (ଅପେପ୍)କୁ ଯୁଦ୍ଧରେ ପରାସ୍ତ କରିଥିଲେ। ତେଣୁ ମନୁଷ୍ୟର 'ମମି' ସହିତ ନେଉଳକୁ ସକାରାତ୍ମକ ଶକ୍ତି ଏବଂ ସୁରକ୍ଷା କବଚ ଭାବେ କବର ଦିଆଯାଉଥିଲା। ସେହିସମୟରେ ନେଉଳ ପ୍ରତି ଏତେମାତ୍ରାରେ ଦୃଢ଼ ବିଶ୍ୱାସ ଥିଲା ଯେ ଲୋକମାନେ ମାନସିକ କରିବା ଏବଂ ଈଶ୍ୱରଙ୍କୁ ପ୍ରସନ୍ନ କରିବା ପାଇଁ ପୂଜାରୀଙ୍କ ଠାରୁ ନେଉଳର 'ମମି' କିଣି ଦେବତାଙ୍କୁ ଅର୍ପଣ କରୁଥିଲେ।

ଏହାବ୍ୟତୀତ ଆଫ୍ରିକାର କେତେକ ଅଞ୍ଚଳରେ ମଧ୍ୟ ନେଉଳକୁ ନେଇ ଅନେକପ୍ରକାର ମାନ୍ୟତା ଏବଂ ଲୋକକଥା ରହିଥିବା ଯୋଗୁଁ ବିଭିନ୍ନ ଜନଜାତି ନେଉଳକୁ 'ପବିତ୍ର ଜୀବ' ଆଖ୍ୟା ଦେଇଛନ୍ତି। ମେସୋପଟାମିଆରେ ନେଉଳକୁ ଦେବତା 'ନିଙ୍କିଲିମ୍'ଙ୍କ ସହିତ ଯୋଡ଼ା ଯାଇ ପୂଜା କରାଯାଉଥିଲା, ଯିଏକି ସର୍ପ ଓ ମୂଷାମାନଙ୍କଠାରୁ ସୁରକ୍ଷା ପ୍ରଦାନ କରୁଥିଲେ। ବୌଦ୍ଧ ଓ ତିବ୍ବତୀୟ ସଂସ୍କୃତିରେ ଧନର ଦେବତା 'ଜମ୍ଭଲା' ଏବଂ 'ବୈଶ୍ରବଣ'ଙ୍କ ହାତରେ ନେଉଳ ରହିଥିବାର ମୂର୍ତ୍ତି ଦେଖିବାକୁ ମିଳିଥାଏ। ଏହି ନେଉଳର ମୁହଁରୁ ରତ୍ନ ବାହାରୁଥିବାର ଚିତ୍ରଣ କରାଯାଇଛି। ତେଣୁ ତିବ୍ବତୀୟ ସଂସ୍କୃତିରେ ନେଉଳ ସୁଖସମୃଦ୍ଧିର ପ୍ରତୀକ ବୋଲି ବିଶ୍ୱାସ କରାଯାଏ।(ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।

୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।

୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।

୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।

୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।

୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।

୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଅବଶିଷ୍ଟାଂଶ

ଗଞ୍ଜାମକୁ ୨୦ ବର୍ଷ...

ଶୃଙ୍ଖଳା ନାହିଁ। ମାତ୍ର ଗୋଟିଏ ମିନିଟର ଭୁଲ୍ ନିଷ୍ପତ୍ତି ପାଇଁ ଗଞ୍ଜାମର ଭିତ୍ତିଭୂମି ନଷ୍ଟ ହୋଇଗଲା।୨୪ ବର୍ଷରେ ନବୀନ ପଟ୍ଟନାୟକ ଗଢ଼ିଥିବା ଏକ ସଫଳ ଓ ସମ୍ବେଦନଶୀଳ ବିପର୍ଯ୍ୟୟ ପରିଚାଳନା ପ୍ରଣାଳୀ ୨୪ ମାସରେ କିପରି ଭୁଷୁଡ଼ି ଗଲା, କିଏ ଗଞ୍ଜାମକୁ ୨୦ ବର୍ଷ ପଛକୁ ନେଇଗଲା; ବିଜେପି ସରକାର ତାହାର ଜବାବ ଦେବେ କି ବୋଲି ପ୍ରଶ୍ନ କରିଛନ୍ତି।

ଉକ୍ତ ଭିଡିଓ ବାର୍ତ୍ତାରେ ସୁଜାତା କହିଛନ୍ତି ଯେ ଅର୍ଣ୍ଣବ ବାତ୍ୟାକୁ ନେଇ ଆକଳନରେ ଭୁଲ ଥିଲା ବୋଲି ବିଜେପି ସରକାର ସ୍ୱୀକାର କରିଛନ୍ତି। ସେମାନେ ମାଲକାନଗିରି ଓ ମହାନଦୀ ପାଇଁ ପ୍ରସ୍ତୁତ ଥିଲେ, ଗଞ୍ଜାମ ପାଇଁ ପ୍ରସ୍ତୁତ ନ ଥିବା କହିଛନ୍ତି। ସରକାରଙ୍କର ଏହି ଭୁଲ ଆକଳନର ପରିଣାମ ଆଜି ଗଞ୍ଜାମବାସୀ ଭୋଗୁଛନ୍ତି। ବନ୍ୟା ଏବଂ ବାତ୍ୟା ପରିଚାଳନା ବ୍ୟବସ୍ଥାରେ ପ୍ରଥମଟି ହେଉଛି ତଳିଆ ଅଞ୍ଚଳର ଲୋକମାନଙ୍କୁ ଆଗୁଆ ସୁରକ୍ଷିତ ସ୍ଥାନରେ ପହଞ୍ଚାଇବା। ଦ୍ୱିତୀୟଟି ହେଉଛି ଆବଶ୍ୟକ ସାମଗ୍ରୀ ଚୁଡ଼ା, ଚାଉଳ, କେରୋସିନ, ପଲ୍ଲା ଇତ୍ୟାଦିକୁ ଉପଯୁକ୍ତ ସ୍ଥାନରେ ଆଗୁଆ ରଖିବା। ଏ ଦୁଇଟି କାମ ଗଞ୍ଜାମରେ ବିଜେପି ସରକାର କରିଥିଲେ କି? ନବୀନ ପଟ୍ଟନାୟକଙ୍କ ସରକାରରେ ଏ କାର୍ଯ୍ୟ ଠିକ୍ ସମୟରେ ଏବଂ ଠିକ୍ ଲୋକଙ୍କ ପାଇଁ କରାଯାଉଥିଲା। ସମ୍ପୂର୍ଣ୍ଣ ପ୍ରଶାସନିକ, ରାଜନୈତିକ ଓ ସାମାଜିକ କଳ ନବୀନ ବାବୁଙ୍କ ନେତୃତ୍ୱରେ ଶୃଙ୍ଖଳିତ ଭାବରେ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିଲା। ଆଜି ବିଜେପି ସରକାରରେ ସେହି ଶୃଙ୍ଖଳିତ କାର୍ଯ୍ୟ କାହିଁକି ଦେଖାଯାଉ ନାହିଁ? ବ୍ରିଜ, କେନାଲ, ନଦୀବନ୍ଧ ଭଳି ଭିତ୍ତିଭୂମି ନିର୍ମାଣ କରିବା ପାଇଁ ବର୍ଷ ବର୍ଷ ଲାଗି ଯାଏ। ମାତ୍ର ଗୋଟିଏ ମିନିଟର ଭୁଲ ନିର୍ଣ୍ଣୟରେ ଗଞ୍ଜାମର ଏହି ଭିତ୍ତିଭୂମି ନଷ୍ଟ ହୋଇଗଲା। ଗୋଟେ ଘର ବନାଇବା ମଣିଷର ଜୀବନବ୍ୟାପୀ ସଞ୍ଚୟ ଓ ପରିଶ୍ରମର ଫଳ। ଆଜି ଗଞ୍ଜାମର ବନ୍ୟାରେ ଲୋକଙ୍କ ଘର, ଦୋକାନ, ଗୋଦାମ, ଚାଷ ଜମି ନଷ୍ଟ ହୋଇଗଲା। କିଏ ଆଜି ଗଞ୍ଜାମକୁ କୋଡ଼ିଏ ବର୍ଷ ପଛକୁ ନେଇଗଲା? ରେଡ୍ ଆଲର୍ଟ ଚେତାବନୀ ଦେଖି ସମସ୍ତ ଜଳଭଣ୍ଡାରରୁ ପର୍ଯ୍ୟାପ୍ତ ମାତ୍ରାରେ ଜଳ ନିଷ୍କାସନ କରିବା ଓ ତଳିଆ ଅଞ୍ଚଳ ଲୋକମାନଙ୍କୁ ଏହାର ସତର୍କ ସୂଚନା ଦେବା। ଏ ସବୁ କାମ ବିଜେପି ସରକାର ଗଞ୍ଜାମବାସୀଙ୍କ ପାଇଁ କାହିଁକି କରିନଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି।

ସେ ପୁଣି କହିଛନ୍ତି ଯେ କୋଭିଡ଼ ସମୟରେ ଗଞ୍ଜାମ ଜିଲ୍ଲା ସବୁଠୁ ବଡ଼ ଆହ୍ୱାନର ସମ୍ମୁଖୀନ ହୋଇଥିଲା। କିନ୍ତୁ ପଞ୍ଚାୟତିରାଜ ବ୍ୟବସ୍ଥା, ମିଶନ ଶକ୍ତି ମାମାନେ, ବ୍ଲକ ତହସିଲ ଅଧିକାରୀ, ଜିଲ୍ଲା ପ୍ରଶାସନ, ରାଜନୈତିକ ନେତୃବୃନ୍ଦ ସମସ୍ତେ ମିଶି ସେହି ଆହ୍ୱାନକୁ ଗଞ୍ଜାମରେ ସଫଳତା ସହ ମୁକାବିଲା କରିଥିଲେ। ନବୀନ ବାବୁ ସରପଞ୍ଚମାନଙ୍କୁ କ୍ଷମତା ଦେଇଥିଲେ, ମିଶନ ଶକ୍ତି ମାମାନଙ୍କୁ ଦାୟିତ୍ୱ ଦେଇଥିଲେ। ହେଲେ ଆଜି ବିଜେପି ସରକାରରେ ସରପଞ୍ଚମାନେ କ୍ଷମତାହୀନ। ମିଶନ ଶକ୍ତିକୁ ବନ୍ଦ କରିଦିଆଯାଉଛି। ବିପର୍ଯ୍ୟୟ ପରିଚାଳନା ଓ ପ୍ରସ୍ତୁତିରେ ଏହା ଏକ ବହୁତ ବଡ଼ ଭୁଲ। ଲୋକେ ରିଲିଫ ପାଇଁ ହେଲିକପ୍ଟରକୁ ଚାହୁଁଛନ୍ତି। ରନ୍ଧା ଖାଦ୍ୟ ପାଇଁ ଲମ୍ବା ଲମ୍ବା ଧାଡ଼ି ଲାଗିଛି। ମାମାନେ ରାସ୍ତାରେ ଆସି କାନ୍ଦୁଛନ୍ତି। ନଷ୍ଟ ଫସଲକୁ ଦେଖି ଗଞ୍ଜାମରେ ଚାଷୀ ମୁଣ୍ଡରେ ହାତ ଦେଇଛନ୍ତି। ଛୋଟ ଛୋଟ ପିଲାମାନେ ତାଙ୍କ ନଷ୍ଟ ବହିପତ୍ରକୁ ଦେଖି କାନ୍ଦୁଛନ୍ତି। ପରିବର୍ତ୍ତନ ଓ ଓଡ଼ିଆ ଅସ୍ମିତାର ନାରା ଦେଇ ସରକାରକୁ ଆସିଥିବା ବିଜେପି ଗଞ୍ଜାମର ଏହି ଦୁର୍ଦ୍ଦଶା ପାଇଁ ଦାୟିତ୍ୱ ନେବ କି ବୋଲି ସୁଜାତା ପ୍ରଶ୍ନ କରିଛନ୍ତି।

ଆନ୍ଧ୍ରକୁ ଭୋଟ...

ଗ୍ରାମବାସୀ ଆନ୍ଧ୍ରପ୍ରଦେଶର ସାରିକି ଗ୍ରାମରେ ହୋଇଥିବା ମତଦାନ କେନ୍ଦ୍ରରେ ୩୧.୫୮ ପ୍ରତିଶତ ଭୋଟ୍ ଦେଇଛନ୍ତି। ସେହିପରି ଫାଟୁସିନେରୀ ଗ୍ରାମର ଭୋଟର୍ ତୋନମ୍‌ଠାରେ ୪୨.୪୩ ପ୍ରତିଶତ ଏବଂ ଅନ୍ୟ ଏକ ବୁଥ୍‌ରେ ୪୭.୬୯ ପ୍ରତିଶତ ମତଦାନ କରିଥିବା ଜଣାପଡ଼ିଛି। ପଟାଙ୍ଗୀ ବ୍ଲକ୍‌ର ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ଗାଲିପାଗରା ଓ ତାଡ଼ିଭାଲସା ଗ୍ରାମର ଭୋଟର୍ ମଧ୍ୟ ଆନ୍ଧ୍ରର ସାରିକି ଓ କୁରୁକୁଟି ମତଦାନ କେନ୍ଦ୍ରକୁ ଯାଇ ଭୋଟ୍ ଦେଇଛନ୍ତି। ଓଡ଼ିଶାର ୭ରୁ ଅଧିକ ଗାଁର ଭୋଟର୍ ଆନ୍ଧ୍ର ନିର୍ବାଚନରେ ସାମିଲ ହୋଇଥିବା ସୂଚନା ମିଳିଛି। ଆନ୍ଧ୍ରର ନିର୍ବାଚନୀ ପ୍ରଭାବକୁ ରୋକିବା ପାଇଁ ଗୁରୁବାର କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଟିଆ ଗ୍ରାମପୁଞ୍ଜରେ ବ୍ୟାପକ ଜନସେବା ଶିବିର ଆୟୋଜନ କରାଯାଇଥିଲା। ୪୫୦ ହିତାଧିକାରୀଙ୍କ ମଧ୍ୟରୁ ୩୦୦ ଜଣଙ୍କୁ ବିଭିନ୍ନ ଭତ୍ତା ଯୋଜନାରେ ସାମିଲ କରି ଭତ୍ତା ବଣ୍ଟନ କରାଯାଇଥିଲା। ଆଉ ୧୫୦ ଜଣଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ଦେବା ସହ ଚାଉଳ ବଣ୍ଟନ କରାଯାଇଥିଲା। ଏହାବ୍ୟତୀତ ୯୩୫ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ଓ ବିଭିନ୍ନ ପରୀକ୍ଷା ସୁବିଧା ଯୋଗାଇ ଦିଆଯାଇଥିଲା।

କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, କୋଟିଆ ନୋଡାଲ୍ ଅଧିକାରୀ ତଥା ଉପଜିଲ୍ଲାପାଳ ଫାବି ରସିଦ ଏବଂ ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନାଙ୍କ ନେତୃତ୍ୱରେ ପୁଲିସ ଓ ପ୍ରଶାସନିକ ଟିମ୍ ବିଭିନ୍ନ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ରାମଚନ୍ଦ୍ର କାଡ଼ାମ, ବିଜେଡିର ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଝିନ୍ନ ହିକକା, ଭୃଗୁ ବକ୍ସିପାତ୍ର, ବିଜେପି ନେତା ସୁମନ୍ତ ପ୍ରଧାନଙ୍କ ସମେତ ଜିଲ୍ଲା ଆଇନଜୀବୀ ସଂଘର ପ୍ରତିନିଧିମାନେ ଗାଁଗାଁ ବୁଲି ଆନ୍ଧ୍ରରେ ଭୋଟ୍ ନଦେବାକୁ ନିବେଦନ କରିଥିଲେ।

ଏତେସବୁ ପଦକ୍ଷେପ ସତ୍ତ୍ୱେ ଭୋଟରଙ୍କୁ ଅଟକାଇବାରେ ପ୍ରଶାସନ ବିଫଳ ହୋଇଛି। ଆନ୍ଧ୍ର ନିଯୁକ୍ତ ଏଜେଣ୍ଟ ଓ ଦଲାଲମାନେ ବିଭିନ୍ନ ପ୍ରଲୋଭନ ଦେଖାଇ ଭୋଟରଙ୍କୁ ପାହାଡ଼ିଆ ରାସ୍ତା ଦେଇ ଆନ୍ଧ୍ର ସୀମାକୁ ନେଇଥିଲେ। ପୁଣି କିଛି ଲୋକଙ୍କୁ ଚାରିଚକିଆ ଗାଡ଼ି, ସାଇକେଲ ଓ ବାଇକ୍‌ରେ ଯାତ୍ରୀ ପରିଚୟ ଦେଇ ନିଆଯାଇଥିବା ମଧ୍ୟ ସୂଚନା ମିଳିଛି। ଆନ୍ଧ୍ର ପକ୍ଷରୁ ଖାଇବା ଓ ରହିବା ବ୍ୟବସ୍ଥା କରାଯାଇଥିବା ଅଭିଯୋଗ ରହିଛି। ମତଦାନ ପରେ ସେମାନେ ଓଡ଼ିଶା ସୀମାକୁ ଫେରିଥିବା ସୂଚନା ମିଳିଛି। ତେବେ ଚିନ୍ତାଜନକ କଥା ହେଉଛି, ଓଡ଼ିଶା ପକ୍ଷରୁ ପୂର୍ବରୁ ଆନ୍ଧ୍ରର ମତଦାନ କେନ୍ଦ୍ରକୁ ନେଇ ଆପତ୍ତି ଉଠାଯିବା ପରେ ଦୁଇଟି ବୁଥ୍‌କୁ ସ୍ଥାନାନ୍ତର କରାଯାଇଥିଲା। ତଥାପି ସେହି ଅଞ୍ଚଳର ଭୋଟର୍ ଆନ୍ଧ୍ରରେ ମତଦାନ କରିବା ରାଜ୍ୟର ସୀମା ସୁରକ୍ଷା ଓ ପ୍ରଶାସନିକ ଦକ୍ଷତା ଉପରେ ଗମ୍ଭୀର ପ୍ରଶ୍ନ ଚିହ୍ନ ଲଗାଇଛି। କୋଟିଆରେ ଓଡ଼ିଶାର ରାଜନୈତିକ ଓ ପ୍ରଶାସନିକ ଉପସ୍ଥିତି ପାଇଁ ଏହାକୁ ଏକ ବଡ଼ ଚେତାବନୀ ବୋଲି ମନେ କରାଯାଉଛି।

ପଞ୍ଚାୟତ ନିର୍ବାଚନରେ...

ପାତ୍ରପୁର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭୋଟ ହେବା କଥା ଜାଣିବା ସତ୍ତ୍ୱେ ପାତ୍ରପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ଭୋଟରଙ୍କୁ ରୋକିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଦେଖିବାକୁ ମିଳିଛି। ଅନ୍ୟ ପକ୍ଷରେ ଗୁଡିଖଳା ଗ୍ରାମ ଗଜପତି ଜିଲ୍ଲା ରାୟଗଡ ବ୍ଲକ ଗଙ୍ଗାବାଡ ପଞ୍ଚାୟତ ଯାଉଥିବା କହି ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ପରବର୍ତ୍ତୀ ରିଲିଫ ବଣ୍ଟନ କରିବା ସହିତ ଉକ୍ତ ଗ୍ରାମବାସୀମାନେ କିପରି ଅନ୍ୟ ରାଜ୍ୟକୁ ଭୋଟ ଦେବା ପାଇଁ ନଯିବେ ସେ ଦିଗରେ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ସୂଚନା ଥାଉ କି ଆବାସ ଯୋଜନା, ଭତ୍ତା, ପାନୀୟ ଜଳ, ମନରେଗାରେ କାମ ଓ ରାସନ ଭଳି ସରକାରୀ ସୁବିଧାର ଲୋଭ ଦେଖାଇ ସୀମାନ୍ତ ଗ୍ରାମବାସୀଙ୍କୁ ନିଜ ଆଡ଼କୁ ଟାଣିବାକୁ ଉଦ୍ୟମ ଅନେକ ବର୍ଷର୍ ଧରି ଆନ୍ଧ୍ର ପ୍ରଶାସନ ପକ୍ଷରୁ ହେଉଥିବା ବେଳେ ଆନ୍ଧ୍ର ନିର୍ବାଚନରେ ଭୋଟ ଦେଲେ ଅଧିକ ସୁବିଧା ମିଳିବ। ନଚେତ ମିଳୁଥିବା ସରକାରୀ ଯୋଜନାରୁ ବଞ୍ଚିତ ହୋଇଯିବ ପ୍ରଲୋଭନ ଦେଖାଉଥିବା ଜଣାପଡିଛି । ଅନ୍ୟପକ୍ଷେ ଗତ ନିର୍ବାଚନ ସମୟରେ ସୀମାନ୍ତବର୍ତ୍ତୀ ଗ୍ରାମରେ ପାତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ଡେରା ପକାଇଥିଲା। ଆଗକୁ ସରପଞ୍ଚ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ପାତ୍ରପୁର ବ୍ଲକ ପ୍ରଶାସନ ଏଥିପ୍ରତି କେତେ ସଜାଗ ହେବ ତାହା ଦେଖିବାକୁ ବାକି ରହିଲା। କୋଟିଆ ଭଳି ପାତ୍ରପୁରରେ ସମସ୍ତେ ଏକତ୍ରିତ ହେବେ ନା ନାହିଁ ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

■ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମମାଲା

୬ ଅଭିଯୁକ୍ତଙ୍କ ଜାମିନ ଆବେଦନର ଏକତ୍ର ଶୁଣାଣି ୧୧ରେ

କଟକ,୫ ।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ୬ ଅଭିଯୁକ୍ତଙ୍କ ଜାମିନ ଆବେଦନର ଏକତ୍ର ଶୁଣାଣି ଆସନ୍ତା ନଭେମ୍ବର ୧୧ରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ମଦନ ମୋହନ ଦଳାଇ, ସୁନୀଲ କୁମାର ହୋତା, ଶିବଶଙ୍କର ଦାଶ ଓରଫ ପିଣ୍ଟୁ, ଯୋଗେନ୍ଦ୍ର ରାଉତୋ ଓରଫ ଯୋଗୀ, ବିପିନ ସ୍ୱାଇଁ ଓ କାଳୁଚରଣ ଭୂୟାଁ ଓରଫ କାଳୁ ନିୟମିତ ଜାମିନ ଆବେଦନ କରିଛନ୍ତି।

ଜଙ୍ଗଲ ଜମି ଜବରଦଖଲ ମାମଲା

ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୫ ।୧୧(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ କଂସାରିଗୁଡ଼ା ମୌଜାରେ ଜଙ୍ଗଲ ଜମି ଜବରଦଖଲ କରାଯାଇଥିବା ଅଭିଯୋଗ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି । ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ବାଞ୍ଛାନିଧି ବାଘଙ୍କ ତରଫରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ଏ ସଂପର୍କିତ ତଥ୍ୟ ଉପସ୍ଥାପନ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନଭେମ୍ବର ୧୨କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ରାୟଗଡ଼ା ଜିଲ୍ଲା ଏକ ଅନୁସୂଚିତ ଅଞ୍ଚଳ ଓ ଏଠାରେ ପେସା ଆଇନ ସଂପୂର୍ଣ୍ଣ ଭାବେ ଲାଗୁ। ଏଠାରେ ଘରୋଇ କମ୍ପାନି ଜଙ୍ଗଲ ଜମି ଜବରଦଖଲ କରିବା ପରେ ମଧ୍ୟ ପ୍ରଶାସନ ଚୁପ ବସିଛି। କଂସାରିଗୁଡ଼ା ଓ ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମର ସରକାରୀ ଜଙ୍ଗଲ ଜମିକୁ ବେଆଇନ ଭାବେ ଏକ କମ୍ପାନି ଜବରଦଖଲ କରି ଆଲୁମିନା ମାଇନିଂ ଓ ରିଫାଇନାରି ସଂପର୍କିତ କାର୍ଯ୍ୟରେ ବ୍ୟବହାର କରୁଛି। ଜଙ୍ଗଲ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ରାୟଗଡ଼ା ଡିଏଫଓ, ଜିଲ୍ଲାପାଳ, ଏସପି, କାଶୀପୁର ତହସିଲଦାରଙ୍କ ନିକଟରେ ଦାବି ହୋଇଥିଲା।

VEHICLE FOR SALE
(1) EICHER PRO 2110 XP ,MODEL 2025, Regn. No -OD-01-BC-1113, in as is where is condition. (2) EICHER PRO 2110 XP, MODEL 2025, Regn. No OD-04-X-1113 in as is where is condition. (3) EICHER PRO 2110 XP, MODEL 2025, Regn. No OD-15-AD-1113 in as is where is condition. (4) EICHER PRO 3018 PLUS, MODEL 2025, Regn. No OD-05-CB-1113 in as is where is condition. (5) EICHER PRO 3018 PLUS, MODEL 2025, Regn. No OD-02-DF-1113 in as is where is condition. (6) EICHER PRO 2110 XP ,MODEL 2025, Regn. No -OD-14-AK-1113, in as is where is condition. Contact: M/S Sundaram Finance Limited, Bhubaneswar Branch, Ph:0674-2544772 within 7 days

AFFIDAVIT
By virtue of an affidavit sworn before The Notary Public, Titilagarh, on dated-04.11.2026. I, **Anjali Kharsel** (new name), W/o Niranjan Kharsel, permanent & current resident of AT: Jarelpadar, PO: Bharuamunda, PS: Sinapali, Dist: Nuapada, State: Odisha, PIN: 766108 declare that I have changed my name from **Angare Herna** (old name) to **Anjali Kharsel** (new name). Henceforth, I shall be known as **Anjali Kharsel** (new name) for all future purposes.
Anjali Kharsel

AFFIDAVIT
By virtue of an affidavit sworn before The Notary Public, Titilagarh, on dated- 04.11.2026. I, **Nakula Majhi** (new name), S/o Ram Chandra Majhi, permanent & current resident of AT: Gurjibhata, Near By Primary School, PO: Luthurbandh, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Lokesh Mishri Rao** (old name) to **Nakula Majhi** (new name). Henceforth, I shall be known as **Nakula Majhi** (new name) for all future purposes.
Nakula Majhi

AFFIDAVIT
By virtue of an affidavit sworn before The Notary Public, Titilagarh, on dated-04.11.2026. I, **Padmaseni Bag** (new name), D/o Upendra Bag, permanent & current resident of AT/PO: Bharuamunda, PS: Sinapali, Dist: Nuapada, State: Odisha, PIN: 766108 declare that I have changed my name from **Padma Bag** (old name) to **Padmaseni Bag** (new name). Henceforth, I shall be known as **Padmaseni Bag** (new name) for all future purposes.
Padmaseni Bag

ଡକୁମେଣ୍ଟ ହଜିଛି
ନୋଟାରୀ ପବ୍ଲିକ, ରସୁଲପୁର, ଓଡ଼ିଶା ସମ୍ମୁଖରେ ଏକ ଶପଥପତ୍ର ଦ୍ୱାରା । ମୁଁ, କାଶୀନାଥ ତରେଇ, ପିତା: L a t e ଯଟାଧାରି ତରେଇ ବାସିନ୍ଦା ରସୁଲପୁର, ଥାନା: କୁଆଖିଆ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୦୯, ଓଡ଼ିଶା ଘୋଷଣା କରୁଛି ଯେ ମୋର ପୂର୍ବ ପଞ୍ଜିକୃତ । ବିକ୍ରୟ ରେଜିଷ୍ଟର କବଲା ନଂ.: ୧୫୯୮, ତାରିଖ: ୦୫.୦୬.୨୦୦୦, ମୌଜା: ରସୁଲପୁର ଡିଏସଆର ରସୁଲପୁର ସମ୍ପତ୍ତିର କାର୍ଯ୍ୟାଳୟରେ ଖାତା ନଂ.: ୪୩୩/୩, ପ୍ଲଟ୍ ନଂ.: ୧୦୫୯/୧୬୧୪, କ୍ଷେତ୍ର: ଏକର୦.୦୫୦ ଡିସିମିଲି ଏବଂ ମୋ ନାମରେ ଅରିଜିନାଲ ପଟ୍ଟା ପ୍ରାପ୍ତ କରିଛି । ବିକ୍ରୟ କବଲା ଦଲିଲ ନଂ ୧୫୯୮ ତାରିଖ: ୧୦.୦୪.୨୦୨୩ ରେ କୁଆଖିଆ ରୁ ଯାଜପୁର ଯିବା ସମୟରେ କେଉଁଠି ହଜିଯାଇଛି । ମୋର ସର୍ବୋତ୍ତମ ପ୍ରୟାସ ସତ୍ତ୍ୱେ ମିଳି ପାରିଲା ନାହିଁ, ଯଦି କେହି ଏହି ଦଲିଲଟିକୁ ପାଇଛନ୍ତି ତେବେ ଦୟାକରି ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ । ମୋ. ନଂ.: ୮୪୨୦୦୧୧୯୮୫, ସୋମନାଥପଟ୍ଟନାୟକ।

GOVT. OF ODISHA 32001/1256/2627
OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI.
AT/PO: PARALAKHEMUNDI, DIST: GAJAPATI.
e-mail: eemi_gajapati@yahoo.co.in

e-Procurement Notice No. 3426 / Date: 03.11.2026
BID IDENTIFICATION NO. MIDGJP-07/2026-27

The Superintending Engineer, Minor Irrigation Division, Paralakhemundi on behalf of Governor of Odisha invites **Percentage Rate** bid in **Single Cover System** in **ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N)** from the eligible class of contractors.

1.	Name of the work	:	Construction of New Check Dams and Improvement of Check Dams & MIPs under various Schemes.
2.	No of works	:	18 Nos. (Eighteen).
3.	Estimated cost	:	Varies from Rs. 5.25 to 45.78 Lakhs.
4.	Period of completion	:	Please refer the NIT.
5.	Date and time of availability of bid documents in the portal	:	From 10.30 Hours of 07.11.2026 to 17.00 Hours of 16.11.2026.
6.	Last date / time for receipt of bids in the portal	:	17.00 Hours of 16.11.2026.
7.	Date of opening	:	11.00 Hours on 17.11.2026.
8.	Name and address of the Officer inviting Bid	:	Superintending Engineer, Minor Irrigation Division, Gajapati, At/Po – Paralakhemundi, Dist– Gajapati, PIN–761200.

Further details can be seen from the e-procurement portal https://tendersodisha.gov.in
Superintending Engineer
MI Division, Gajapati
Paralakhemundi
OIPR-32001/32013/1/26-27/0010

OFFICE OF THE NIMAPADA NOTIFIED AREA COUNCIL
At/Po/Ps:- Nimapada, Dist.-Puri, Odisha, Pin-752106, e-Mail:- nimapadanac@gmail.com, Web: www.nimapadanac.in, Phone No. :-(06758-454167)

No. 6882 / Date 31.10.2026 13001/2380/2627
e-Procurement Notice

Bid Documents consisting of Work Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1.	Tender Reference No	:	NP-NAC-02/2026-27
2.	Tender I.D No.	:	2026_ORULB_144849_ 1 to 13
3.	Name of the work	:	Civil Construction works as mentioned in website.
4.	No. of work	:	13 Nos.
5.	Estimated Cost	:	Rs. 4,66,070.00 to Rs. 16,93,654.00
6.	Period of Completion	:	30 days to 120 days
7.	Date & time of Bidding	:	Dt. 05.11.2026 to Dt. 20.11.2026 upto 05.30 P.M.
8.	Last date & time for receipt of bids in the portal	:	Dt. 20.11.2026 upto 05.30 P.M.
9.	Bids received online shall be opened on Dt.	:	Dt. 21.11.2026 at 11.00 A.M.
10.	Name and address of the Officer inviting Bid	:	Executive Officer, Nimapada N.A.C.

Further details can be seen from the procurement portal i.e www.tendersodisha.gov.in.
Executive Officer
Nimapada N.A.C.
OIPR-13001/13168/1/26-27/0005

ରାଜ୍ୟ ମହିଳା ଚେସ୍: ସ୍ମାରକୀ ଚାମ୍ପିଅନ



ଭୁବନେଶ୍ୱର,୫।୧୧ (ସମିସ): କେନ୍ଦ୍ରାପଡ଼ାର ସ୍ମାରକୀ ମହାନ୍ତି ଏକାଦଶଥର ଲାଗି ରାଜ୍ୟ ମହିଳା ଚେସ୍ ଚାମ୍ପିଅନ ହୋଇଛନ୍ତି। କିଟ୍ ପରିସରରେ ଆଜି ଶେଷ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୭ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଗଞ୍ଜାମର ସ୍ନେହାଯୁକ୍ତା ବେହେରା ରନର୍ସଅପ୍, କଟକର ଶ୍ରଦ୍ଧାସ୍ମରଣିକା ନନ୍ଦ ତୃତୀୟ ଓ ଗତବର୍ଷର ଚାମ୍ପିଅନ ଯଶିତା ରାଉତ ଚତୁର୍ଥ ସ୍ଥାନରେ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟଟି ଜଗତ୍‌ସିଂହପୁର ଜିଲ୍ଲା ଚେସ୍ ସଂଘ ଦ୍ୱାରା ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ସଂଘ ସଭାପତି କିଶୋର ପରିଡ଼ା ଓ ମହିଳା କ୍ରିକେଟର ଚିଫ୍ ସିଲେକ୍ଟର ରଶ୍ମିତା ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଶୁଭାଶିଷଙ୍କୁ ନେତୃତ୍ୱ

ଭୁବନେଶ୍ୱର,୫।୧୧ (ସମିସ): ଚଳିତ ବର୍ଷର ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫି ଲାଗି ଶୁଭାଶିଷ ମଲିକଙ୍କୁ ଓଡ଼ିଶା ଦଳର ନେତୃତ୍ୱ ଦିଆଯାଇଛି। ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ୧୯ ଜଣିଆ ଦଳ ଘୋଷଣା କରିଛନ୍ତି ଚିଫ୍ ସିଲେକ୍ଟର ସୌରଜିତ ମହାପାତ୍ର। ଅନ୍ୟମାନେ ହେଲେ ଆଦିତ୍ୟ ଆନନ୍ଦ, ଆୟୁଷ ମନ୍ତ୍ରୀ, ଯୋଗେଶ୍ୱର ବାଗ୍, କମଲେଶ ପାତ୍ର, ମୋଦିରାସ ବେହେରା, ପାନକଳ ମୋକ୍ଷିତ, ପ୍ରୟାନ ସାମଲ, ରାଜା ଯାଦବ, ରୁଦ୍ର ପି. ମଲ୍ଲିକ, ଗୁଞ୍ଜନ ସାହୁ, ଶେଖ ହାୟାତ, ସ୍ୱାଗତ ସୌରଭ, ସାହିଲ ସତ୍ୟବ୍ରତ, ସାଇରାଜ ସାହୁ, ସୌରଭ ଯାଦବ, ଶୁଭମ ପଲାଇ, ବେଦାନ୍ତ ଦେଭାଡେ।

ଦିଲ୍ଲୀ ଦିନିକିଆ ମ୍ୟାଚ୍ ବିଶାଖାପାଟଣାକୁ ସ୍ଥାନାନ୍ତର

ନୂଆଦିଲ୍ଲୀ, ୫ ।୧୧ (ଏଜେନ୍ସି): ଦିଲ୍ଲୀର ବିଷାକ୍ତ ବାୟୁ ପ୍ରଦୂଷଣ ଆଗରେ ଶେଷରେ ବିସିସିଆଇ ମୁଣ୍ଡ ନୁଆଁଇଛି। ଡିସେମ୍ବର ୧୩ ତାରିଖରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସ୍ଥାନୀୟ ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯିବାକୁ ଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚକୁ ଶେଷରେ ସ୍ଥାନାନ୍ତରଣ କରିଛି ବିସିସିଆଇ। ଏହି ମ୍ୟାଚଟି ଏବେ ଦିଲ୍ଲୀ ବଦଳରେ ବିଶାଖାପାଟନମକୁ ସ୍ଥାନାନ୍ତର କରାଯାଇଛି।

ସୂର୍ଯ୍ୟାଶ ପଟ୍ଟନାୟକଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର,୫।୧୧(ସମିସ): ଟପ୍‌ସିଡ ଓଡ଼ିଶାର ସୂର୍ଯ୍ୟାଶ ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଚାମ୍ପିଅନସିପ୍ ସିରିଜ୍‌ରେ ବାଳକ ବିଭାଗରେ ଦ୍ୱିମୁକୁଟ ଅର୍ଜନ କରିଛନ୍ତି। ପ୍ରଥମେ ସେ ଏକକ ଫାଇନାଲରେ ବେଙ୍ଗଲର ସାଇରାଂଶ ଝାଙ୍କୁ ୨-୦ରେ ଏବଂ ଯୁଗଳରେ ଝାଡଖଣ୍ଡର ସଫଳ ଆଗମନଙ୍କୁ ସାଥିକରି ଟାଇଟଲ ଜିତିଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ମଧୁସୂଦନ ପାଢ଼ୀ ଓ ଖୋର୍ଦ୍ଧା ଜିଲ୍ଲା ଟେନିସ ସଂଘ ସମ୍ପାଦକ ଅସିତ ପ୍ରଧାନ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

ରାଜ୍ୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ

ଭୁବନେଶ୍ୱର,୫।୧୧ (ସମିସ): ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ରାଜ୍ୟ ୧୫ ଓ ୧୭ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ପୋଖରୀପୁଟ ଇଣ୍ଡୋର ହଲ୍‌ରେ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ ସୋନାଲି ଚାନ୍ଦ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ୫ଟି କାଟାଗୋରୀରେ ମୋଟ ୪୫୦ ଜଣ ଖେଳାଳି ଭାଗ ନେଇଥିଲାବେଳେ ଆସନ୍ତା ୮ ରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ଆୟୋଜକ ସଂଘ ସମ୍ପାଦକ ନିଳିନ କୁମାର ଜଣାଇଛନ୍ତି।

● ସିକେ ନାଇଡୁ ଟ୍ରଫି

ବେଙ୍ଗଲ ଅଗ୍ରଣୀ

ଭୁବନେଶ୍ୱର,୫।୧୧ (ସମିସ): ଯୁଦ୍ଧଜିତ ଗୁହାଙ୍କ ୪ ଓ ସୁଖମିତ ସିଂଙ୍କ ୨ ୱିକେଟ ଅକ୍ତିଆର ବଳରେ ପଶ୍ଚିମବଙ୍ଗର କଲ୍ୟାଣୀଠାରେ ଚାଲିଥିବା ଓଡ଼ିଶା ବିପକ୍ଷ ୨୩ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ବେଙ୍ଗଲ ପ୍ରଥମ ଇନିଂସରେ ଅଗ୍ରଣୀ ନେଇଛି। ପ୍ରଥମ ଇନିଂସରେ ବେଙ୍ଗଲର ୨୪୩ ରନ୍ ଜବାବରେ ଓଡ଼ିଶା ୨୦୮ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଅଧିନାୟକ ସୁଜଳ ସିଂ ସର୍ବାଧିକ ୫୬ ଓ ସମ୍ବିତ ବେଜା ୩୨ ରନ୍ କରିଥିଲେ। ପ୍ରଥମ ଇନିଂସରେ ୩୫ରନ୍‌ରେ ଆଗୁଆ ଥିବା ବେଙ୍ଗଲ ଗୁରୁବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୬ ୱିକେଟ ହରାଇ ୧୭୪ ରନ୍ କରିଛନ୍ତି। ବେଙ୍ଗଲ ପ୍ରଥମ ଇନିଂସରେ ୬ଟି ୱିକେଟ ନେଇଥିବା ଓଡ଼ିଶାର ଓମ୍‌କାର ମହାନ୍ତି ଦ୍ୱିତୀୟ ଇନିଂସରେ ୩ ୱିକେଟ ନେଇଛନ୍ତି।

AFFIDAVIT
I, Satyanannda Panigrahi, aged about 66 years, S/o-Bipin Bihari Panigrahi, resident of Chandra Sekhar Nagar, Balangir, Po-Balangir, Ps-Town Bolangir, Dist- Balangir, Odisha, PIN- 767001, do hereby declare by this affidavit No. 2281, dtd- 05.11.2026, that now onwards I shall be known as **SATYANANDA PANIGRAHI** for all future purposes.

AFFIDAVIT
By virtue of an affidavit sworn before The Notary Public, Titilagarh, on dated-04.11.2026. I, **Sabitri Sahu** (new name), W/o Sahadeb Sahu, permanent & current resident of AT: Sargiguda, Titilagarh, PO/PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Sabe Sahu** (old name) to **Sabitri Sahu** (new name). Henceforth, I shall be known as **Sabitri Sahu** (new name) for all future purposes.
Sabitri Sahu

AFFIDAVIT
By virtue of an affidavit (CF No. 02, dtd- 05.11.2026) sworn before The Executive Magistrate, Padampur. I, **Satya Sahu,** S/o Abel Sahu, permanent resident of At-Sauntakhanda, PO- Jamutpali, PS- Gaisilat, Dist- Bargarh, Odisha declare that I have changed my minor son's name from **Fhanamali Sahu** (old name) to **Dhanamali Sahu** (new name). Henceforth, he shall be known as **Dhanamali Sahu** (new name) for all purposes.
Satya Sahu

32001/1262/2627 E-mail : cemidivision_deogarh@yahoo.in
GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, MINOR IRRIGATION DIVISION, DEBAGADA.
No. 1271 / Date. 4.11.2026
e-PROCUREMENT NOTICE
BID REF No: SE,MID,DGR /03/2026-27

Bid documents consisting names of Work, Estimated cost, Cost of tender paper, EMD, time completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

1.	Name of the works :-	:	Civil Construction works.
2.	No of Works :-	:	33 (Thirty three) Nos.
3.	Estimated Cost :-	:	Approximately from Rs. 2.50 lakh to 8.00 lakh.
4.	Period of completion :-	:	3 (Three) Calendar months.
5.	Date and Time of availability of bid documents in the portal :-	:	From Dt. 12.11.2026 at 10.00 AM to Dt. 23.11.2026 up to 5.00 PM.
6.	Last Date / Time of receipt of bids in the portal :-	:	Dt. 23.11.2026 up to 5.00 PM.
7.	Date of opening of Bid :-	:	Dt. 25.11.2026 at 11.00 AM onwards.
8.	Name and address of the OIT :-	:	Superintending Engineer, Minor Irrigation Division, Debagada.
9.	Mode of Payment of Bid Cost & Bid Security :-	:	Online.

Further details can be seen from the e-Procurement market place http://tendersodisha.gov.in
Sd/-
Superintending Engineer
M.I. Division, Debagada
OIPR-32001/32289/1/26-27/0002

LOST
By virtue of an affidavit sworn before the Notary Public, Jayapur, Koraput, No: 5750, on dated 05/11/2026, I **SRI SRIMANTA SAILAKANTA GANDA**, S/o Sri Nabin Chandra Ganda presently resident of Vill At-Santoshpur, PO- Benagaon, PS-B.Singhpur, Tahasil & Sub Registration Office - Borigumma, Dist- Koraput, declare that on dated 04/11/2026, Time- 8.30am to 11.30am while I was on the way to my home from Santoshpur to Borigumma by riding my motor cycle, the Original ROR khata No: 155/481, and Regd. Sale Deed No: 77/2000 on dated 21/01/2000 which was in the name of Smt. Mami Pradhan, W/o Sri Ramesh Pradhan the said document has been Lost on the way and I could not find the said deed after diligent serch. If any one finds the above lost documents kindly contact this no : 9437362343
Mr. Bikash Chandra Pradhan

ରଣଜୀ ଟ୍ରଫି: ଓଡ଼ିଶା-୧, ଝାଡ଼ଖଣ୍ଡ-୧

ଭୁବନେଶ୍ୱର,୫।୧୧ (ସମିସ)

ଲଘୁଚାପ ଜନିତ ବର୍ଷା ଓ ତତ୍‌ଜନିତ ସୃଷ୍ଟି ହୋଇଥିବା ବାତ୍ୟା ମୁରାସୁର ପ୍ରଭାବରେ କିଟ୍ ଷ୍ଟାଡିୟମ୍‌ରେ ଓଡ଼ିଶା ଓ ଝାଡଖଣ୍ଡ ମଧ୍ୟରେ ଚାଲିଥିବା ରଣଜୀ ଏଲିଟ ଟ୍ରଫି ଗ୍ରୁପ୍-ସି' ମୁକାବିଲାର ପ୍ରଥମ ଇନିଂସ ଖେଳ ଶେଷ ହୋଇପାରି ନାହିଁ। ଫଳରେ ନିୟମ ଅନୁଯାୟୀ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ସଂଗ୍ରହ କରିଛନ୍ତି। ଏହା ପୂର୍ବରୁ ଏଠାରେ ଓଡ଼ିଶା -ସର୍ଭିସେସ୍ ମଧ୍ୟରେ ଅନୁଷ୍ଠିତ ରଣଜୀ ମୁକାବିଲା ମଧ୍ୟ ସମାନ କାରଣରୁ ପ୍ରଥମ ଇନିଂସ ଶେଷ ହୋଇପାରି ନ ଥିଲା। ଫଳରେ ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଥିଲା। ରଣଜୀ ଟ୍ରଫିର ପ୍ରଥମ ପର୍ଯ୍ୟାୟରେ ୪ଟି ମ୍ୟାଚ୍ ଶେଷ ହୋଇଥିଲାବେଳେ ବର୍ଷା ଯୋଗୁଁ ଓଡ଼ିଶା ୨ ପଏଣ୍ଟ ସଂଗ୍ରହ କରିପାରିଛି। ବାରବାଟୀରେ ଦିଲ୍ଲୀ ସହ ୨୦୨୭ ଜାନୁଆରୀ ୧୭ରେ ମୁକାବିଲାରୁ ଓଡ଼ିଶାର ଦ୍ୱିତୀୟ ପର୍ଯ୍ୟାୟ ରଣଜୀ ମୁକାବିଲା ଆରମ୍ଭ ହେବ। କିଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମୁକାବିଲାରେ ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଏହି ୪ ଦିନିଆ ମ୍ୟାଚ୍‌ରେ ମାତ୍ର ୨୩୦.୧ ଓଭର ଖେଳ ସମ୍ଭବ ହୋଇଥିଲା। ଏହା ମଧ୍ୟରୁ ପ୍ରଥମେ ବ୍ୟାଟିଂ କରିଥିବା ଝାଡଖଣ୍ଡ ୧୪୨.୧ ଓଭର ଖେଳି ୮ ୱିକେଟରେ ୪୩୩ ରନ୍ କରି ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଜବାବରେ ମ୍ୟାଚ୍ ଶେଷ ହେଲା ବେଳକୁ ଓଡ଼ିଶା ୮୮ ଓଭରରେ ୭ ୱିକେଟରେ ୨୮୦ ରନ୍ କରିପାରିଥିଲା। ଓଡ଼ିଶା ପ୍ରଥମ ଇନିଂସରେ ସ୍ୱସ୍ତିକ ସାମଲ ସର୍ବାଧିକ ୮୦, ଅନିଲ ପରିଡା ୫୭ ରନ୍ କରିଥିଲେ। କିନ୍ତୁ ୱିକେଟରକ୍ଷକ ରାଜେଶ ଧୂପର ୧୩୨ ବଲ୍‌ରୁ ୩୯ ଏବଂ ଲଳିତ ଯାଦବ ୨୫ ବଲ୍‌ରେ ୨୫ ରନ୍ କରି ଅପରାଜିତ ରହିବା ଫଳରେ ମ୍ୟାଚ୍‌ର ପ୍ରଥମ ଇନିଂସ ଶେଷ ହୋଇ ପାରି ନ ଥିଲା।

GOVERNMENT OF ODISHA 34001/1111/2627
OFFICE OF THE SUPERINTENDING ENGINEER
PHULBANI (R&B) DIVISION, PHULBANI
AT/PO./PS- PHULBANI, PIN-762001
E-MAIL: - eeplbrb@gmail.com, Tel-06842-2532102
INVITATION FOR BID (IFB)/ NOTICE INVITING TENDER (NIT)
e-Procurement Tender Call Notice
Bid Identification No.: - SE-R&B-PLB-14/2026-27, DATE: - 04.11.2026
Letter No. 6565 Date. 04.11.2026

The **Superintending Engineer, Phulbani (R&B) Division, Phulbani** on behalf of Governor of Odisha invites percentage rate bid in **Single Cover** system in **ONLINE MODE** for the construction of works detailed in the table below from **"MV"/ "HT" or Above Class Contractors** registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil and Electrical works. The scanned of proof of registration from the appropriate authority shall be enclosed along with the bid.

1.	Name/Type of Work	:	**Electrical Works**
2.	No. of Tender	:	02 (Two) Numbers
3.	Estimated Cost put to Tender. (T.S Amount)	:	Rs.4.36 Lakhs to Rs.4.32 Lakhs
4.	E.M.D.	:	Rs.4,400/- to Rs.4,400/-
5.	Period of completion	:	01 (One) Calendar Months.
6.	Class of Contractor or Eligibility of the bidders	:	**"MV"/ "HT" or Above Class Contractors** (Orissa P.W.D. or equivalent class of other licensing authority) & (Electrical Contractors **from ELBO.)**
7.	Tender Cost or Cost of participation in on line Bid	:	Rs.2,000/- (Non-refundable) for Bid Documents.
8.	Availability of Bid document for on line bidding	:	From 07.11.2026 at 10:00 AM to 17.11.2026 up to 05:00 PM
9.	Clarification regarding bidding online	:	From 07.11.2026 at 10:00 AM to 17.11.2026 up to 05:00 PM
10.	Date, Time and Place of opening of the Technical & Financial Bid document	:	On 18.11.2026 at 11:30 AM in the Office of the Superintending Engineer, Phulbani (R&B) Division, at Phulbani, Dist: Kandhamala

The bidders have to participate in ONLINE bidding only. Further details can be seen from the website: http://tendersorissa.gov.in . All future Addendums, corrigendum or cancellations will be available on ONLINE MODE only.
Superintending Engineer
Phulbani (R&B) Division, Phulbani
OIPR-34001/34066/1/26-27/0020

LOST
By virtue of an affidavit sworn before the Notary Public, Bhubaneswar, on dated 04/11/2026, I **SWATI SUCHARITA PATI**, W/o Lelin Kumar Samantaray presently resident of At- /PO- Naharakanta, PS- Mancheswar, Bhubaneswar, Dist- Khordha, Odisha declare that I am the legal & bonafied owner of the property situated in mouza - Naharakanta, PS-Newcapital, PS No- 27, Hal PS-Mancheswar, Dist- Khordha, Odisha having Khata No-609/2764, and I have purchased the above said property having Khata No- 89(Sabak) Plot No-552, area A0.060decs & plot no- 553, A0.086.83decs from Kumudini Chhotaray on dated 05/04/2022 having document No 11082204810 & obtain Sale deed. On dated 01/11/2026 the above Sale Deed has been LOST near Laxmisagar Chhak, Bhubaneswar while riding my motor cycle and I could not find the said deed after diligent serch. This newspaper publication is required to produced before the Concerned Authority for issue of a Certified Copy of ROR/Patta in my favour.
Mrs. SWATI SUCHARITA PATI

ଖଣି ବିଭାଗ କାର୍ଯ୍ୟକୁ ନେଇ ଜିଲ୍ଲାରେ ଅସନ୍ତୋଷ

୧୪ ଉତ୍ସ ନିଲାମ ତାଲିକାରୁ ୩ ବାଦ୍

ନୟାଗଡ଼, ୬ ।୧୧(ସମିସ)

ନୟାଗଡ଼ ଜିଲ୍ଲା ଖଣି ବିଭାଗ କାର୍ଯ୍ୟକୁ ନେଇ ଜିଲ୍ଲାର ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି । ରାଜନୈତିକ ଚାପରେ ହେଉ ଅଥବା କୌଣସି କାରଣକୁ ନେଇ ଖଣି ବିଭାଗ ଅଧିକାରୀ କାର୍ଯ୍ୟ କରୁଥିବା ସନ୍ଦେହ ହେଉଛି । ନୟାଗଡ଼ ଜିଲ୍ଲା ପ୍ରଶାସନ ଦ୍ୱାରା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଅନୁମୋଦନ ପରେ ଜିଲ୍ଲା ଖଣି ବିଭାଗ ୧୪ଟି ଉତ୍ସର ନିଲାମ କରିବା ପାଇଁ ଗତ ଅକ୍ଟୋବର ୧୩ ତାରିଖ ଚିଠି ନଂ ୩୬୮୨ରେ ରାଜ୍ୟ ଖଣି ବିଭାଗକୁ ଅବଗତ କରିଥିଲା । ଉକ୍ତ ଉତ୍ସଗୁଡ଼ିକ ମଧ୍ୟରେ ବାଲିଘାଟ, ପଥର ଖଣି, ମାଙ୍କଡ଼ା ଖଣି ରହିଥିଲା । କିନ୍ତୁ ଅକ୍ଟୋବର ୧୬ ତାରିଖ ଚିଠି ନଂ ୩୭୨୧ ଅନୁସାରେ, ଜିଲ୍ଲା ଖଣି ଅଧିକାରୀ କେବଳ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ୩ ଉତ୍ସକୁ ନିଲାମ ପ୍ରକ୍ରିୟାରୁ ବାଦ ଦେଇଥିବା ଜଣାପଡ଼ିଛି । ଏହି ଉତ୍ସଗୁଡ଼ିକ ନିଲାମ ହୋଇଥିଲେ ସରକାରଙ୍କ ଖାତାକୁ କୋଟି କୋଟି ଟଙ୍କା ରାଜସ୍ୱ ଆସିଥାନ୍ତା । କିନ୍ତୁ କାହିଁକି ଜିଲ୍ଲା ପ୍ରଶାସନ ଦ୍ୱାରା ଚୟନ ହୋଇଥିବା ଉତ୍ସକୁ ନିଲାମରୁ ବାଦ ଦିଆଗଲା ବୋଲି ପ୍ରଶ୍ନ ଉଠିଛି ।

ଜିଲ୍ଲା ପ୍ରଶାସନ ଦ୍ୱାରା ଅନୁମୋଦିତ କମିଟି ତଥା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଚୟନ ହୋଇଥିବା ୧୪ ଉତ୍ସକୁ ଇ-ନିଲାମ କରିବାକୁ ପ୍ରଥମେ ଚିଠି କରାଯାଇଥିଲା । ଏହି ଉତ୍ସଗୁଡ଼ିକ ମଧ୍ୟରେ ଖଣ୍ଡପଡ଼ା ବ୍ଲକ ଅଁଳାପଡ଼ା ବାଲିଘାଟ, କୁମ୍ଭାରପଡ଼ା ବାଲିଘାଟ, ରଣପୁର ବ୍ଲକ ସିନ୍ଦୂରିଆ, ଓଡ଼ଗାଁ ରୋହିବାଙ୍କ ମାଙ୍କଡ଼ା ଖଣି, ଖଣ୍ଡପଡ଼ା ସିଂଘମୁଣ୍ଡିଆ ପଥର ଖଣି-୧, ସିଂଘମୁଣ୍ଡିଆ ପଥର ଖଣି-୨, ରଣପୁର କୋଟଗଡ଼ ପଥର ଖଣି-୫, ଓଡ଼ଗାଁ କୋମଣ୍ଡ ମାଙ୍କଡ଼ା ଖଣି, ଖଣ୍ଡପଡ଼ା ବଡ଼ ବାଣପୁର ବାଲିଘାଟ, ଓଡ଼ଗାଁ ପଙ୍କାଲବାରି ପଥର ଖଣି, ରଣପୁର ବଡ଼ପଥୁରିଆ ପଥର ଖଣି, ଭାପୁର ଗୋବର୍ଦ୍ଧନପ୍ରସାଦ ପଥର ଖଣି, ରଣପୁର ଦାସୀପୋଖରୀ ପଥର ଖଣି, ଖଣ୍ଡପଡ଼ା କୁମୁଣ୍ଡି ବାଲିଘାଟ ରହିଥିଲା । କିନ୍ତୁ ପରବର୍ତ୍ତୀ ତଥା ୧୬ ତାରିଖ ଚିଠିରେ ୩ଟି ଉତ୍ସକୁ ନିଲାମ ପ୍ରକ୍ରିୟାରୁ ବାଦ ଦିଆଗଲା । ତାହା ମଧ୍ୟରେ ବଡ଼ବାଣପୁର ବାଲିଘାଟ, ଗୋବର୍ଦ୍ଧନପ୍ରସାଦ ପଥରଖଣି, କୁମୁଣ୍ଡି ବାଲିଘାଟ ରହିଛି । କାହିଁକି ଏହି ୩ ଉତ୍ସକୁ ଜିଲ୍ଲା ଖଣି ଅଧିକାରୀ ନିଲାମ ପ୍ରକ୍ରିୟାରୁ ବାଦ୍ ଦେଲେ ବୋଲି ପ୍ରଶ୍ନ ଉଠିଛି । ଏହା ପଛରେ ନିଶ୍ଚିତ ଭାବେ ରାଜନୈତିକ ଅଭିସନ୍ଧି ତଥା ଖଣି ଓ ବାଲି ମାଫିଆଙ୍କ ଷଡ଼ଯନ୍ତ୍ର ଥିବା ଅଭିଯୋଗ ହେଉଛି । କୌଣସି ରାଜନୈତିକ ବ୍ୟକ୍ତି ଏହି ବାଲିଘାଟକୁ ନିଜ ମନମାନିରେ ଚଲାଇବାକୁ ପ୍ରୟାସ କରୁଛନ୍ତି ବୋଲି ସନ୍ଦେହ ଉଠିଛି । ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ବଡ଼ବାଣପୁର ଓ କୁମୁଣ୍ଡି ବାଲିଘାଟ ବେଆଇନ ଭାବେ ଚାଲୁଥିବା ବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । କିନ୍ତୁ ଖଣି ବିଭାଗ ଏଗୁଡ଼ିକୁ ନିଲାମ ତାଲିକାରୁ ବାଦ୍ ଦେଇ ପୁଣି ମାଫିଆଙ୍କୁ ଚୋରି କରିବାକୁ ସୁଯୋଗ ସୃଷ୍ଟି କରୁଛି । ଜିଲ୍ଲା ଖଣି ବିଭାଗ ବିଜ୍ଞପ୍ତି ଅନୁସାରେ, ନଭେମ୍ବର ୭ରୁ ଇ-ନିଲାମ ପାଇଁ ଆବେଦନ ଆରମ୍ଭ ହେବ । ଟେଣ୍ଡର ତାରିଖକୁ ନଭେମ୍ବର ୯ରୁ ୧୮ ନଭେମ୍ବର ରଖାଯାଇଛି । ଇ-ଲଟେରୀ ନଭେମ୍ବର ୨୩ ତାରିଖ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ଏ ନେଇ ଜିଲ୍ଲା ଖଣି ଅଧିକାରୀ ଜିତେନ୍ଦ୍ର କୁମାର ହାସଁଦାଙ୍କ ପ୍ରତିକ୍ରିୟା ନେବାରେ, ସେଗୁଡ଼ିକ କ୍ୱାଣ୍ଟିଟି ରିଭାଇଜ୍ କରି ପୁଣି ଥରେ ପ୍ରୋସେସ୍ କରାଯିବ ବୋଲି କହିଛନ୍ତି ।

● ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ୩ଟି ଉତ୍ସ
● ଅସାଧୁ ବୁଝାମଣା, ମୋହରା ଖଣି ବିଭାଗ

● ମଦ ଦୋକାନରୁ ଚୋରି ଘଟଣା

ମୁଖ୍ୟ ଅଭିଯୁକ୍ତ ଗିରଫ, ବାଇକ୍ ଓ ଶାବଳ ଜବତ



ଓଡ଼ଗାଁ/ନୂଆଗାଁ, ୬ ।୧୧(ସମିସ): ଓଡ଼ଗାଁ ଥାନା ବାହାଡ଼ାଝୋଲାସ୍ଥିତ ଏକ ଠିପିଖୋଲା ବିଦେଶୀ ମଦ ଦୋକାନରୁ ଚୋରି ଘଟଣା ପର୍ଦ୍ଦାଫାସ ହୋଇଛି । ମୁଖ୍ୟ ଅଭିଯୁକ୍ତ ବବୁଲୁ ଦଳେଇକୁ ପୁଲିସ ଗିରଫ କରିବା ସହ ଚୋରିରେ ବ୍ୟବହୃତ ଏକ ବାଇକ୍ ଓ ଶାବଳ ଜବତ କରିଛି । ଗିରଫ ଅଭିଯୁକ୍ତର ଘର ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ବୁରୁପଡ଼ା ଗ୍ରାମରେ । ବୁଧବାର ବିଳମ୍ବିତ ରାତିରେ ଫତେଗଡ଼ ନିକଟରେ ଏକ ବାଇକରେ ତିନିଜଣ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା । ବାଇକରେ ଥିବା ଦୁଇଜଣ ଖସି ପଳାଇଥିବା ବେଳେ ବବୁଲ ଧରାପଡ଼ିଥିଲା । ପୁଲିସ ତାକୁ ଥାନାକୁ ଆଣି ପଚରାଉଚରା ପରେ ସମସ୍ତ ଘଟଣା ସାମ୍ନାକୁ ଆସିଥିଲା । ପୁଲିସ ତାକୁ ଗିରଫ କରିଛି ।

ଗତ ୧ ତାରିଖ ରାତି ପ୍ରାୟ ସାଢ଼େ ୨ଟାରେ ମୁଖାପିନ୍ଧା ଚୋର ଦଳ ବାହାଡ଼ାଝୋଲାସ୍ଥିତ ଉକ୍ତ ମଦ ଦୋକାନରେ କଳାକନା ବୁଲାଇଥିଲେ । ପ୍ରଥମେ ଆଖପାଖ ଅଞ୍ଚଳରେ ଥିବା ସିସିଟିଭି ସହ ମଦ ଦୋକାନର କ୍ୟାମେରା ଭାଙ୍ଗିଥିଲେ । ଏପରିକି ଦୋକାନ ଉପର ମହଲାରେ ବିଶ୍ରାମ ନେଉଥିବା ରାତ୍ର ଜଗୁଆଳଙ୍କ କୋଠରିକୁ ବାହାର ପଟୁ ବନ୍ଦ କରି ଦୋକାନ ତାଲା ଭାଙ୍ଗିଥିଲେ । ପରେ ଦୋକାନରୁ ପ୍ରାୟ ୪୫ ହଜାର ଟଙ୍କା ଓ ଦୁଇ ପେଟି ଦାମୀ ମଦ ଲୁଟି ନେଇଥିଲେ । ଏଥିସହିତ ଦୋକାନକୁ ଲାଗି ରହିଥିବା ଫାଷ୍ଟଫୁଡ୍ ଦୋକାନରୁ ମଧ୍ୟ ଟଙ୍କା ଚୋରି କରିଥିଲେ । ଏ ନେଇ ଦୋକାନ ମାଲିକ ଭାଗବତ ପ୍ରଧାନ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ବବୁଲ ପୂର୍ବରୁ ମଧ୍ୟ ଏକ ସାତଜଣିଆ ଚୋର ଦଳ ସହ ମିଶି ଓଡ଼ଗାଁ ଥାନା ଅଞ୍ଚଳରେ ମଦ ଦୋକାନ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିଲା । ୨୦୨୫ ଅକ୍ଟୋବର ୧ ତାରିଖ ଓଡ଼ଗାଁ ସିନେମା ହଲ୍ ଛକରେ ଥିବା ଦୁଇଟି ଏବଂ ରୋହିବାଙ୍କଠାରେ ଥିବା ଗୋଟିଏ ମଦ ଦୋକାନରୁ ଲକ୍ଷାଧିକ ଟଙ୍କା ଓ ମଦ ଲୁଟ୍ ଘଟଣାରେ ତା'ର ସମ୍ପୃକ୍ତି ଥିବା ଜଣାପଡ଼ିଛି ।

୪ ବନ୍ଧୁକ ଓ ମାଂସ ଜବତ, ଶିକାରୀ ଗିରଫ



ଦଶପଲ୍ଲା, ୬ ।୧୧(ସମିସ): ଦେଶୀ ବନ୍ଧୁକରେ ଜଙ୍ଗଲରୁ ବାର୍‌ହା ଶିକାର କରି ଖମଣ ଚଢ଼େୟାପଲ୍ଲୀ ଅଞ୍ଚଳରେ ମାଂସ ବିକ୍ରି କରାଯାଉଥିବା ଖବରପାଇ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ, ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ୨୧ ତାରିଖ ଚଢ଼ଉ କରାଯାଇଥିଲା । ମାଂସ ବିକ୍ରି କରୁଥିବା ଖମଣ ଗ୍ରାମର ଜଳନ୍ଧର ଜାନୀ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ । ତାଙ୍କ ନିକଟରୁ ୪ଟି ଦେଶୀ ବନ୍ଧୁକ ସହ ୩ କେଜି ବାର୍‌ହା ମାଂସ ଜବତ କରାଯାଇ ମାମଲା ରୁଜୁ ହୋଇଥିଲା । ବୁଧବାର ରାତିରେ ଚଢ଼େୟାପଲ୍ଲୀ ସେକ୍ସନ କର୍ମଚାରୀ ଓ ବଣିଗୋଛା ପୁଲିସ ମିଳିତ ପ୍ରୟାସରେ ଜଳନ୍ଧରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଚଢ଼ଉରେ ବନପାଳ ସନାତନ ସ୍ୱାଇଁ ଓ ବନରକ୍ଷୀ ଭାବଗ୍ରାହୀ ଚମ୍ପତିରାୟ, ସିଦ୍ଧାର୍ଥ ଶଙ୍କର ସାହୁ ସାମିଲ ହୋଇଥିଲେ । ଏସଡିଏଫଓ ଆଏଶା ଅଖତର ନିଶା ମାମଲାର ତଦନ୍ତ କରୁଛନ୍ତି ।

ଡକାୟତି ମାମଲାରେ ମୁଖ୍ୟ ଅଭିଯୁକ୍ତ ଓ ବଣିଆ ଗିରଫ



ଟଙ୍କା, ସୁନା ଅଳଙ୍କାର, ବାଇକ୍ ଜବତ

ନୟାଗଡ଼, ୬ ।୧୧(ସମିସ): ନୟାଗଡ଼ ସଦର ଥାନା ମଧୁବନ ଗାଁରେ ଶରତ ସାହୁଙ୍କ ଘରୁ ହୋଇଥିବା ଡକାୟତି ମାମଲାରେ ପୁଲିସକୁ ବଡ଼ ସଫଳତା ମିଳିଛି । ଏହି ମାମଲାରେ ପୁଲିସ ଡକାୟତ ଆକାଶ ନାୟକ ଓ ତାଙ୍କଠାରୁ ଗହଣା କିଣିଥିବା ବଣିଆ ରାଜ ସୁବୁଦ୍ଧିଙ୍କୁ ଗିରଫ କରିଛି । ଆକାଶର ଘର ଓଡ଼ଗାଁ ଥାନା କୁରାଳ ଗାଁରେ ହୋଇଥିବା ବେଳେ ରାଜର ଘର ଶରଣକୁଳ ଅଞ୍ଚଳରେ । ଏମାନଙ୍କଠାରୁ ପୁଲିସ ଗୋଟିଏ ସୁନା ଝରା, ରୁପା ପାଉଁଜି, ୪୦ ହଜାର ଟଙ୍କା, ଗୋଟିଏ ଘଣ୍ଟା, ୪ଟି ସୁନାମୁଦି ଓ କିଛି ରୁପା ଗହଣା ଜବତ କରିଛି । ଏହାସହ ଆକାଶ ବ୍ୟବହାର କରୁଥିବା ଏକ ବାଇକ ମଧ୍ୟ ଜବତ କରାଯାଇଥିବା ଏସଡିପିଓ ସୁଦୀପ୍ତ ସାହୁ ଓ ଥାନା ଇନ୍ସପେକ୍ଟର ପ୍ରିୟତମା ପ୍ରଧାନ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଏସଡିପିଓଙ୍କ ସୂଚନା ମୁତାବକ, ଗତ ମାସ ୨୯ ତାରିଖ ମଧୁବନ ଗାଁର ଶରତ ପରିବାର ସହ ଘରେ ଶୋଇଥିବା ବେଳେ ୬ ଡକାୟତ ଘରେ ପଶିଥିଲେ । ସେମାନେ ପରିବାର ଲୋକଙ୍କୁ ଭୟଭୀତ କରି ସୁନା ଓ ରୁପା ଅଳଙ୍କାର ସହ ଟଙ୍କା ଲୁଟି ନେଇଥିଲେ । ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଘର ନିକଟରେ ଲାଗିଥିବା ଏକାଧିକ ସିସିଟିଭି ଯାଞ୍ଚ କରିବା ସହ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲା । ମାମଲାର ତଦନ୍ତ ଚାଲିଥିବା ବେଳେ ରାତିରେ ପାଟ୍ରୋଲିଂ ସମୟରେ ସନ୍ଦେହଜନକ ଅବସ୍ଥାରେ ଆକାଶକୁ ପୁଲିସ ଉଠାଇ ଆଣି ପଚରାଉଚରା କରିଥିଲା । ଆକାଶଠାରୁ ଏହି ଡକାୟତି ସମ୍ପର୍କରେ ସୂଚନା ମିଳିଥିଲା । ଏହି ମାମଲାରେ ସମ୍ପୃକ୍ତ ଥିବା ୬ ଜଣଙ୍କ ନାଁ ମଧ୍ୟ ଆକାଶ କହିଥିଲା । ସେଥିମଧ୍ୟରୁ ଶରଣକୁଳର ସୁନା ଦଳେଇ ଓ ସନ୍ତୋଷ ନାୟକଙ୍କୁ ଭୁବନେଶ୍ୱର ଖାରବେଳନଗର ଥାନା ପୁଲିସ ଏକ ଡକାୟତି ମାମଲାରେ ଗିରଫ କରିଥିବା ବେଳେ ଅନ୍ୟ ଦୁଇଜଣ ଫେରାର ଅଛନ୍ତି । ଏହି ଦୁଇଜଣଙ୍କୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।

● ଚୂଡ଼ାନ୍ତ ତାଲିକାରେ ନାହିଁ ଗ୍ରାମସଭା ଦ୍ୱାରା ପ୍ରସ୍ତାବିତ ପ୍ରକଳ୍ପ

ନୂଆଗାଁ ବିଜିବିଓ କାର୍ଯ୍ୟ ଉପରେ ସ୍ଥଗିତାଦେଶ

ନୟାଗଡ଼/ନୂଆଗାଁ, ୬ ।୧୧(ସମିସ): ନୂଆଗାଁ ବ୍ଲକରେ ଓଡ଼ିଶା ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଚୟନରେ ହୋଇଥିବା ଅନିୟମିତତାକୁ ନେଇ ସୃଷ୍ଟି ହୋଇଛି ଭିନ୍ନ ପରିସ୍ଥିତି । ନୂଆଗାଁ ପଞ୍ଚାୟତ ସମିତି ଦ୍ୱାରା ବିଭିନ୍ନ ପଞ୍ଚାୟତରେ ଗ୍ରାମସଭା କରାଯାଇ ପ୍ରସ୍ତାବିତ ପ୍ରକଳ୍ପ ଚୟନ ପାଇଁ ଚିଠି କରାଯାଇଥିଲା । ବିଭିନ୍ନ ପଞ୍ଚାୟତରେ ଗ୍ରାମସଭା କରାଯାଇ ପ୍ରକଳ୍ପ ଚୟନ ହୋଇଥିଲା । ଉକ୍ତ ପ୍ରକଳ୍ପଗୁଡ଼ିକୁ ବ୍ଲକ ଚୂଡ଼ାନ୍ତ କରିବା ପରେ ଅନୁମୋଦନ ପାଇଁ ଜିଲ୍ଲା ପରିଷଦକୁ ପଠାଯାଇଥିଲା । ଜିଲ୍ଲା ପରିଷଦରୁ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ବେଳକୁ ପ୍ରସ୍ତାବିତ ପ୍ରକଳ୍ପର ଚିହ୍ନବର୍ଣ୍ଣ ନ ଥିବା ଦେଖାଯାଇଥିଲା । ୨୦୨୬-୨୭ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଚୂଡ଼ାନ୍ତ ପ୍ରକଳ୍ପ ତାଲିକାକୁ ନେଇ ନୂଆଗାଁ ବ୍ଲକର ଅନେକ ପଞ୍ଚାୟତ ଜନପ୍ରତିନିଧି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚ ନ୍ୟାୟାଳୟ ମାମଲାର ଶୁଣାଣି କରି କାର୍ଯ୍ୟ ଉପରେ ସ୍ଥଗିତାଦେଶ ପ୍ରଦାନ କରିଛନ୍ତି । ବ୍ଲକର ସ୍ୱାଗତିକା ପ୍ରିୟଦର୍ଶିନୀ ଓ ଅନ୍ୟମାନଙ୍କ ପକ୍ଷରୁ ଏହି ମାମଲା ଦାୟର ହୋଇଥିଲା । ମାମଲା ଶେଷ ନ ହେବା ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟ ନ କରିବା ପାଇଁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ସ୍ଥଗିତାଦେଶ ପରେ ବ୍ଲକ ପ୍ରଶାସନ ହରଡ଼ଘଣାରେ ପଡ଼ିଥିବା ଆଲୋଚନା ହେଉଛି ।

ସାଇବର ଠକେଇ ଶିକାର ଯୁବକଙ୍କ ଆତ୍ମହତ୍ୟା

ଭାପୁର, ୬ ।୧୧(ସମିସ): ଫତେଗଡ଼ ଥାନା ବାଇଗୁଣିଆ ଗ୍ରାମ ବଡ଼ସାହିର ଜଗନ ମହାରଣା ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ବଡ଼ସାହିର ସୁରେନ୍ଦ୍ର ମହାରଣାଙ୍କ ସାନପୁଅ ଜଗନ ରଙ୍ଗମିସ୍ତ୍ରି କାର୍ଯ୍ୟ କରନ୍ତି । ସାଇବର ଠକମାନେ ତାଙ୍କୁ ଫୋନ କରି ଟଙ୍କା ଡିପୋଜିଟ କଲେ ଦୁଇ ଦିନରେ ବାରଗୁଣ ଟଙ୍କା ପାଇବେ ବୋଲି କହିଥିଲେ । ଲୋଭର ବଶବର୍ତ୍ତୀ ହୋଇ ସେ ଧାର ଉଦ୍ଧାର କରି ୨ ଲକ୍ଷ ୬ ହଜାର ଟଙ୍କା ଜମା କରିଥିଲେ ଓ ୨୫ ଲକ୍ଷ ପାଇବେ ବୋଲି ଚେକ୍ ମଧ୍ୟ ପାଇଥିଲେ । ମାତ୍ର ଟଙ୍କା ପଠାଇବା ପରେ ଉକ୍ତ ଫୋନ ନମ୍ବର ସୁଇଚଅଫ ହୋଇବାରୁ ସେ ଠକାମିର ଶିକାର ହୋଇଥିବା ନିଶ୍ଚିତ ହୋଇଥିଲେ । ଏଥିରେ ହତାଶ ହୋଇ ସେ ବୁଧବାର ବିଷ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖଣ୍ଡପଡ଼ା, ପରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା । ଅବସ୍ଥା ଆହୁରି ଖରାପ ହେବାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ତାଙ୍କ ମୃତ୍ୟୁ ହୋଇଛି । ମୃତଦେହ ବ୍ୟବଚ୍ଛେଦ ପରେ ଗୁରୁବାର ପରିବାରକୁ ହସ୍ତାନ୍ତର କରାଯାଇଛି ।

ଆଦର୍ଶ ଗାଁ ଯୋଜନା କାର୍ଯ୍ୟକୁ ନେଇ କେଁ

● କାମ ପରେ ବି ବିଲ୍ ହେଉନାହିଁ



ନୟାଗଡ଼, ୬ ।୧୧(ସମିସ): ନୟାଗଡ଼ ସଦର ବ୍ଲକ ଚଣ୍ଡିବସ୍ତ ପଞ୍ଚାୟତ ହାଟଦ୍ୱାର ଗ୍ରାମ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ହୋଇଛି । ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଉକ୍ତ ଗାଁର ବିକାଶ ପାଇଁ ଲକ୍ଷାଧିକ ଟଙ୍କା ମଞ୍ଜୁର ହୋଇଛି । ଉକ୍ତ କାର୍ଯ୍ୟ କରିବା ପାଇଁ ନୟାଗଡ଼ ବ୍ଲକ ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି । ଗ୍ରାମବାସୀ ଏକ କମିଟି କରି ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ରାଜନୈତିକ ଚାପରେ ବ୍ଲକ ପ୍ରଶାସନ ଅସହଯୋଗ କରୁଥିବା ଅଭିଯୋଗ ହୋଇଛି । ହୋଇଥିବା କାମର ବିଲ୍ ହେଉ ନ ଥିବା ବେଳେ ବଳକା କାମ ନ କରିବାକୁ ଚାପ ପକାଯାଉଛି । କାହିଁକି ଓ କାହା ଚାପରେ ଜେଇ ନିର୍ମାଣ କାମର ବିଲ କରୁନାହାନ୍ତି ବୋଲି ପ୍ରଶ୍ନ ଉଠିଛି । ଏ ନେଇ ଗୁରୁବାର ହାଟଦ୍ୱାର ଗ୍ରାମର ଅନେକ ଲୋକ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓ ଐଶ୍ୱର୍ଯ୍ୟା ଭୁୟାଁଙ୍କୁ ଅଭିଯୋଗ କରିଛନ୍ତି । ବିଡିଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିବା ବେଳେ ଖୁବଶୀଘ୍ର ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ କହିଛନ୍ତି । ଗାଁ ରାସ୍ତାଠାରୁ ଆରମ୍ଭ କରି ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ରହିଛି । ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଚଣ୍ଡିବସ୍ତ ପଞ୍ଚାୟତରୁ ସମିତିସଭ୍ୟ ନିର୍ବାଚିତ ହୋଇଛନ୍ତି । ଖୋଦ୍ ବ୍ଲକ ଅଧ୍ୟକ୍ଷଙ୍କ ପଞ୍ଚାୟତରେ ଏଭଳି ଅବସ୍ଥାକୁ ନେଇ ସାଧାରଣରେ ଆଲୋଚନା ହେଉଛି ।

ଓଡ଼ଗାଁରେ ଚେସ୍ ଓ ଜୁନିୟର ବ୍ୟାଡ୍ମିଣ୍ଟନ ପ୍ରତିଯୋଗିତା

ଓଡ଼ଗାଁ, ୬ ।୧୧(ସମିସ): ଓଡ଼ଗାଁରେ ଜିଲ୍ଲାସ୍ତରୀୟ ୧୪ତମ ଚେସ୍ ଓ ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଛି । ରଘୁନାଥ ଆଥଲେଟିକ୍ ଆସୋସିଏସନ ସମ୍ପାଦକ ତଥା କ୍ରୀଡ଼ା ସଂଗଠକ ଦିବାକର ନାଏକଙ୍କ ଜନ୍ମଦିନ ଅବସରରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଓଡ଼ଗାଁ ସରକାରୀ କଲ୍ୟାଣ ମଣ୍ଡପରେ ଆୟୋଜିତ ଚେସ୍ ପ୍ରତିଯୋଗିତାକୁ ଆଦର୍ଶ ଥାନା ଅଧିକାରୀ ସତ୍ୟନାରାୟଣ ବାରିକ ଓ ଏସ୍‌ଆଇ ଚକ୍ରଧର ସିଂ ଉଦଘାଟନ କରିଥିଲେ । ସିନିୟର ବିଭାଗରେ ଜିତେନ୍ଦ୍ର କୁମାର ଦାଶ ଚାମ୍ପିଅନ, ସ୍ୱୟଂପ୍ରକାଶ ସାହୁ ପ୍ରଥମ ରନର୍ସଅପ୍ ଓ ମୃତ୍ୟୁଞ୍ଜୟ ସାହୁ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି । ସେମାନଙ୍କୁ ଯଥାକ୍ରମେ ୨୫୦୦, ୧୮୦୦ ଓ ୧୫୦୦ ଟଙ୍କା ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଅର୍ଣ୍ଣବ ଦୋରା ଚମ୍ପିୟାନ, ପ୍ରତ୍ୟୁଷ ରଞ୍ଜନ ନାୟକ ପ୍ରଥମ ରନର୍ସଅପ୍ ଓ ଓମ୍ ପ୍ରକାଶ ପାଣିଗ୍ରାହୀ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ । ସେମାନଙ୍କୁ ଯଥାକ୍ରମେ ୨୦୦୦, ୧୫୦୦ ଓ ୧୦୦୦ ଟଙ୍କା ସହ ଟ୍ରଫି ଦିଆଯାଇଛି । ବାରିପଦାର ସଞ୍ଜୀବ କୁମାର ମହାନ୍ତ ଓ ଅଭିଷେକ ଆଚାର୍ଯ୍ୟ ଆର୍ବିଟର ଭାବେ ଖେଳ ପରିଚାଳନା କରିଥିଲେ ।



ସେହିପରି ଓଡ଼ଗାଁ ଇନ୍‌ଡୋର ଷ୍ଟାଡିୟମ ପରିସରରେ ୧୩, ୧୫, ୧୭ ଓ ୧୯ ବର୍ଷରୁ କମ୍ ବର୍ଗର ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଛି । ଏଥିରେ ୪୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ । ୧୯ ବର୍ଷରୁ କମ୍ ବାଳକ ବିଭାଗରେ ଅଂଶୁମାନ ନାୟକ ପ୍ରଥମ ଓ ହିମାଂଶୁ ଶେଖର ଦାସ ଦ୍ୱିତୀୟ, ବାଳିକା ବିଭାଗରେ ସୁନୀତା ପଣ୍ଡା ପ୍ରଥମ ଓ ଦୀପ୍ତିଦୀପ୍ସିତା ଦ୍ୱିତୀୟ, ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଅଂଶୁମାନ ନାୟକ ପ୍ରଥମ, ହିମାଂଶୁ ଶେଖର ଦାସ ଦ୍ୱିତୀୟ, ବାଳିକା ବିଭାଗରେ ଓଜସ୍ୱିନୀ ମହାପାତ୍ର ପ୍ରଥମ ଓ ରୋଜାଲିନ ପ୍ରଧାନ ଦ୍ୱିତୀୟ, ୧୫ ବର୍ଷରୁ କମ୍ ବାଳକ ବିଭାଗରେ ବିଶ୍ୱରଞ୍ଜନ ବେହେରା ପ୍ରଥମ, ଚିନ୍ମୟ କୁମାର ସାହୁ ଦ୍ୱିତୀୟ, ବାଳିକା ବିଭାଗରେ ଅଲିସା ବିଶୋଇ ପ୍ରଥମ, ଋତୁପର୍ଣ୍ଣା ବେହେରା ଦ୍ୱିତୀୟ, ୧୩ ବର୍ଷରୁ କମ୍ ବାଳକ ବିଭାଗରେ ସମରଜିତ ନାୟକ ପ୍ରଥମ, ରୋନକ ସାହୁ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ବ୍ଲକ ରୋଡ଼ସ୍ଥିତ କଲ୍ୟାଣ ମଣ୍ଡପରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଦିବାକର ନାଏକ, ଇନ୍‌ଡୋର ଷ୍ଟାଡିୟମ ଇନ୍‌ଚାର୍ଜ ତଥା ବ୍ୟାଡମିଣ୍ଟନ କୋଚ୍ ସୋନାଲି ସାହୁ ପ୍ରମୁଖ ଉପସ୍ଥିତ ରହି କୃତୀ ଖେଳାଳିଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଖେଳମଣିଷ ଦିବାକର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ରୀଡ଼ା ଉତ୍ସବରେ ଜିତେନ୍ଦ୍ର ଦାଶ, ଗଙ୍ଗାଧର ଦାଶ, ପ୍ରକାଶ ଦାଶ, ବସନ୍ତ ବିଶୋଇ, ନରେଶ ପାଣିଗ୍ରାହୀ, ଅରୂପ ପାଣିଗ୍ରାହୀ ଓ ଶଶିକାନ୍ତ ଶତପଥୀ ସହଯୋଗ କରିଥିଲେ । ରଞ୍ଜନ ଦାଶ, ପଞ୍ଚାନନ ପଣ୍ଡା, ଶରତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

● ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ

ଚୟନକୁ ନେଇ ତେଜୁଛି ଅସନ୍ତୋଷ

ଭାପୁର, ୬ ।୧୧(ସମିସ): ପ୍ରାଥମିକ ଶିକ୍ଷାକୁ ଗୁଣାତ୍ମକ ତଥା ଉନ୍ନତ କରିବା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏହି ଯୋଜନାରେ ଭାପୁର ବ୍ଲକର ୫ ବିଦ୍ୟାଳୟ ଯୋଗ୍ୟ ବିବେଚିତ ହୋଇଛି । ତେବେ ଏହି ଚୟନ ପ୍ରକ୍ରିୟାକୁ ନେଇ ଶାସକ ଦଳ ନେତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ଯେଉଁ ଆଧାରରେ ୫ ବିଦ୍ୟାଳୟ ଚୟନ ହେଲା ସେହି ଆଧାରରେ ଅନ୍ୟ ବିଦ୍ୟାଳୟ ଚୟନ ହୋଇପାରିଥାନ୍ତା ବୋଲି କହି ହତାଶ ବୋଧ ପ୍ରକାଶ କରିଛନ୍ତି ଶାସକ ଦଳର କେତେକ ନେତା । ବ୍ଲକର ଭାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କରବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିଜିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଇଗୁଣିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଶାଳପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନାଁ ଏହି ତାଲିକାରେ ସ୍ଥାନ ପାଇଛି । ପ୍ରଥମେ ବିଜିପୁର ଓ ଫତେଗଡ଼ ପଞ୍ଚାୟତ ଏହି ଯୋଜନାରେ ସାମିଲ ହୋଇଥାନ୍ତା । ମାତ୍ର ଏହି ଯୋଜନାରେ ଫତେଗଡ଼ ବାଦ ପଡ଼ିବା ନେଇ ଫତେଗଡ଼ ପଞ୍ଚାୟତରେ ଅସନ୍ତୋଷ ସୃଷ୍ଟି ହୋଇଛି । ଫତେଗଡ଼, ବଡ଼ସହରା, ପଦ୍ମାବତୀ, ଗୋଳାପୋଖରୀ, ରାକମା, ଶାସନ ଓ ଚକ୍ରଧରପ୍ରସାଦ ଭଳି ପଞ୍ଚାୟତ ବାଦ୍ ପଡ଼ିବା ସେହି ପଞ୍ଚାୟତ ନେତାଙ୍କୁ ବ୍ୟଥିତ କରିଛି । କିଛି ଅସନ୍ତୁଷ୍ଟ ଶାସକ ଦଳର ନେତା କହିଛନ୍ତି ଯେ ବଡ଼ ନେତା ତାଙ୍କ ପଞ୍ଚାୟତକୁ ଏହି ଯୋଜନାରେ ସାମିଲ କରି ଅନ୍ୟମାନଙ୍କ ସହ ପକ୍ଷପାତିତା କରିଛନ୍ତି ।

● ଓରମାସର ଦୀପାବଳି ଷ୍ଟଲ୍ ଉଦଘାଟିତ

ହାତ ତିଆରି ସାମଗ୍ରୀକୁ ମିଳିବ ବଜାର



ନୟାଗଡ଼, ୬ ।୧୧(ସମିସ): ଆଲୋକର ପର୍ବ ଦୀପାବଳି ଅବସରରେ ନୟାଗଡ଼ରେ ଓରମାସ୍ ପକ୍ଷରୁ ସ୍ୱତନ୍ତ୍ର ଦୀପାବଳି ଷ୍ଟଲ୍ ଉଦଘାଟିତ ହୋଇଛି । ଜିଲ୍ଲା ପରିଷଦର ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତ, ଓରମାସ ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ନୀଳକଣ୍ଠ ରଥଙ୍କ ସମେତ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଏହି ଷ୍ଟଲ ଉଦଘାଟିତ ହୋଇଛି । ଏହି ଷ୍ଟଲରେ ସ୍ଥାନୀୟ କାରିଗର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗ୍ରାମୀଣ ଉତ୍ପାଦକଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ଉପଲବ୍ଧ ହେଉଛି । ଏଥିରେ ମାଟିଦୀପ, ଟେରାକୋଟା ସାମଗ୍ରୀ, କୃତ୍ରିମ ଫୁଲ ଏବଂ ଦୀପାବଳି ସାଜସଜ୍ଜା ପାଇଁ ଆବଶ୍ୟକ ବିଭିନ୍ନ ସାମଗ୍ରୀ ସ୍ଥାନ ପାଇଛି । ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ କାରିଗର ଓ ଗ୍ରାମୀଣ ଉତ୍ପାଦକମାନଙ୍କୁ ଉପଯୁକ୍ତ ବଜାର ସୁଯୋଗ ଯୋଗାଇଦେବା ସହ ସେମାନଙ୍କ ହାତତିଆରି ସାମଗ୍ରୀର ପ୍ରଚାର ପ୍ରସାର କରିବା । ଦୀପାବଳି ଷ୍ଟଲ୍ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ସୂଚନା ଦିଆଯାଇଛି ।

ନୂଆଗାଁରେ ଖୋଲିବ ନ୍ୟାୟାଳୟ

ନୂଆଗାଁ, ୬ ।୧୧(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁରେ ନୂତନ ସିଭିଲ୍ ଜଜ୍ (କନିଷ୍ଠ ବିଭାଗ)-ତଥା ଜେଏମ୍‌ଏଫସି ଅଦାଲତ ପ୍ରତିଷ୍ଠା ହେବାକୁ ଯାଉଛି । ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ଅକ୍ଟୋବର ୩୦ ତାରିଖ ୧୮ଟି ନୂତନ ଅଦାଲତ ପ୍ରତିଷ୍ଠା ସମ୍ପର୍କିତ ଚିଠି ଜାରି ହୋଇଛି । ଏହି କ୍ରମରେ ନୟାଗଡ଼ ଜିଲ୍ଲାର ନୂଆଗାଁକୁ ସ୍ଥାନ ମିଳିଛି । ହାଇକୋର୍ଟଙ୍କ ସ୍ୱତନ୍ତ୍ର ପ୍ରଶାସନିକ ଅଧିକାରୀ ମଳୟ କୁମାର ପ୍ରଧାନଙ୍କ ପକ୍ଷରୁ ନୟାଗଡ଼ ଜିଲ୍ଲା ଓ ଦୌରାଜଜ୍‌ଙ୍କୁ ଜାରି ଚିଠିରେ ନୂଆଗାଁରେ ନୂତନ ଅଦାଲତ ପ୍ରତିଷ୍ଠା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି । ଏଥିସହ ଅଦାଲତର ସ୍ଥାନୀୟ ଅଧିକାର କ୍ଷେତ୍ର ନିର୍ଦ୍ଧାରଣ ସମ୍ପର୍କିତ ଚିଠା ବିଜ୍ଞପ୍ତି ଏବଂ ଉପଯୁକ୍ତ ସରକାରୀ ଗୃହ ଉପଲବ୍ଧତା ସମ୍ପର୍କରେ ତଥ୍ୟ ନଭେମ୍ବର ୬ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି ।

ଗଞ୍ଜେଇ ଚାଲାଣରେ ସମ୍ପୃକ୍ତି

ଅବକାରୀ ଅଧିକ୍ଷକଙ୍କ ସ୍କାନରରେ କନଷ୍ଟେବଲ

ନୟାଗଡ଼, ୬ ।୧୧(ସମିସ)

ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ଜଣେ ଅବକାରୀ ବିଭାଗ କନଷ୍ଟେବଳ ସାଜିଛନ୍ତି ଗଞ୍ଜେଇ ଚାଲାଣର ମୁଖ୍ୟ କାର୍ପଟଦାର । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଞ୍ଚଳର ଉକ୍ତ କନଷ୍ଟେବଳ ଜଣକ ପ୍ରଥମେ କନ୍ଧମାଳ ଜିଲ୍ଲାରେ କାର୍ଯ୍ୟ କରୁଥିଲେ । ପରେ ବାଲେଶ୍ୱର, ବ୍ରହ୍ମପୁର ଓ ରାଜ୍ୟର ଅନ୍ୟ ସ୍ଥାନରେ ମଧ୍ୟ କାର୍ଯ୍ୟ କରିଥିଲେ । ସେ ନୟାଗଡ଼ ଜିଲ୍ଲାକୁ ଡେପୁଟେସନରେ ଆସି କାର୍ଯ୍ୟରତ ଥିବା ବେଳେ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ଦେଇ ଗଞ୍ଜେଇ ଚାଲାଣର ମୁଖ୍ୟ କାର୍ପଟଦାର ସାଜିଥିବା ଖୋଦ୍ ଅବକାରୀ ବିଭାଗରେ ଗୁଞ୍ଜରଣ ସୃଷ୍ଟି କରିଛି । ଏନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପରେ ଅବକାରୀ ବିଭାଗରେ କମ୍ପନ ସୃଷ୍ଟି ହୋଇଛି । ଅବକାରୀ ଅଧିକ୍ଷକଙ୍କ ସ୍କାନରରେ ସମ୍ପୃକ୍ତ କନଷ୍ଟେବଳ ରହିଥିବା ସୂଚନା ମିଳିଛି । ବେଆଇନ କାର୍ଯ୍ୟ କରି ପୂର୍ବରୁ ଦୁଇଥର ନିଲମ୍ବିତ ହୋଇଥିବା ଉକ୍ତ କନଷ୍ଟେବଳଙ୍କ ବିରୋଧରେ ଏହି ଘଟଣାକୁ ନେଇ ତଦନ୍ତ ହୋଇପାରେ ବୋଲି ସୂଚନା ମିଳିଛି ।

ଉକ୍ତ କନଷ୍ଟେବଳଙ୍କୁ ନେଇ ନିଶା ମାଫିଆଙ୍କ ମଧ୍ୟରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ବଡ଼ ନିଶା ମାଫିଆଙ୍କୁ ମାତ୍ ଦେଇ ନିୟମିତ ଭାବେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ପୁଲିସ ଏହାର ସାମାନ୍ୟତମ ସୁରାକ ପାଉନାହିଁ । ମହିଳା, ନାବାଳକ, ନାବାଳିକାଙ୍କୁ ମୋହରା କରି କନ୍ଧମାଳ ଜିଲ୍ଲାରୁ ଭୁବନେଶ୍ୱର, କଟକ, ପୁରୀକୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ ଚାଲାଣ କରାଯାଉଛି । ଅବକାରୀ ବିଭାଗର ଅନେକ କର୍ମଚାରୀଙ୍କ ପାଖରେ ଏ ନେଇ ସୂଚନା ରହିଛି । ୨୦୧୭ ରେ ରିହାବିଲିଟେସନ୍ ଯୋଜନାରେ କନ୍ଧମାଳ ଜିଲ୍ଲାରେ ଚାକିରି ପାଇଥିବା ଏହି କନଷ୍ଟେବଳଙ୍କ ନାମରେ ପୂର୍ବରୁ ଅନେକ ଅଭିଯୋଗ ରହିଛି । ଯାହାକୁ ନେଇ ତାଙ୍କୁ ବିଭାଗ ବାରମ୍ବାର ବଦଳି କରୁଛି । ନିକଟରେ ଦଶପଲ୍ଲା ପୁଲିସ ଏକ କାରରୁ ଏକ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିବା ସହ ଜଣେ ନାବାଳକଙ୍କୁ ହେପାଜତକୁ ନେଇଛି । ଉକ୍ତ ଗଞ୍ଜେଇ ଚାଲାଣ ପଛରେ କୁଆଡ଼େ ସମ୍ପୃକ୍ତ କନଷ୍ଟେବଳଙ୍କ ଭୂମିକା ଥିଲା ବୋଲି ଆଲୋଚନା ହେଉଛି । ସେହିଦିନ ଉକ୍ତ କନଷ୍ଟେବଳ ଦଶପଲ୍ଲାର ଏକ ବାର୍‌ରେ ଅନ୍ୟ ଅବକାରୀ କର୍ମଚାରୀଙ୍କୁ ନେଇ ଏକାଠି କରିଥିବା ଅଭିଯୋଗ ହୋଇଛି । ଅବକାରୀ କର୍ମଚାରୀଙ୍କୁ ଖାଇବା ଓ ପିଇବାରେ ବ୍ୟସ୍ତ ରଖି ଗଞ୍ଜେଇ ଚାଲାଣ ପାଇଁ ରାସ୍ତା ସଫା କରୁଥିଲେ ବୋଲି ଅଭିଯୋଗ ହୋଇଛି । ଦଶପଲ୍ଲାର ଉକ୍ତ ବାରରେ କନଷ୍ଟେବଳ ଣକ ଗଣ୍ଡଗୋଳ କରିଥିବା ଘଟଣା ମଧ୍ୟ ସାମ୍ନାକୁ ଆସିଛି । ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ଦେଇ ନିୟମିତ ଭାବେ ବସ, କାର, ଅଟୋ, ପନିପରିବା ବୋଝେଇ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏହାକୁ ସୁରକ୍ଷା ଦେବାକୁ ଏସ୍କର୍ଟ ବ୍ୟବସ୍ଥା ମଧ୍ୟ କରାଯାଉଛି । ଦଶପଲ୍ଲାରୁ ଜବତ ଗଞ୍ଜେଇ ଓ ନାବାଳକ ଗିରଫ ଘଟଣାର ଖୋଳତାଡ଼ କରାଗଲେ କନଷ୍ଟେବଳଙ୍କ ଭୂମିକାର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ଅଭିଯୋଗ ହେଉଛି ।

● ପୂର୍ବରୁ ହୋଇଥିଲେ ନିଲମ୍ବିତ
● ପୁଣି ହୋଇପାରେ ତଦନ୍ତ

ବୁଡ଼ିବାକୁ ବସିଲାଣି ମାଟିଦୀପ ବେଉସା; ଚିନ୍ତାରେ କୁମ୍ଭକାର





- ଚାଇନା ଲାଇଟ୍ ଓ ବିଦ୍ୟୁତ୍ ଚାଳିତ ଦୀପର ଚାହିଦା ବୃଦ୍ଧି
- ହ୍ରାସ ପାଉଛି ମାଟିଦୀପ ବିକ୍ରି

ଖୋର୍ଦ୍ଧା,୫।୧୧(ସମିସ):

ଆଉ ୨ଦିନ ପରେ ଆଲୋକର ପର୍ବ ଦୀପାବଳି। ଦୀପାବଳି ଆସିଲେ ଚାରିଆଡ଼େ ଦେଖିବାକୁ ମିଳେ ଆଲୋକର ଝଲକ। ଏହି ପବିତ୍ର ପର୍ବରେ ମାଟିଦୀପ ଜାଳିବାର ପରମ୍ପରା ଆମ ସଂସ୍କୃତି ଓ ଧାର୍ମିକ ଭାବନା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଘରର ତୁଳସୀ ଚଉରାଠାରୁ ଆରମ୍ଭ କରି ଦେବାଦେବୀଙ୍କ ପୀଠ ଓ ମନ୍ଦିର ପର୍ଯ୍ୟନ୍ତ ମାଟିଦୀପର ଆଲୋକରେ ଝଲସି ଉଠେ ପରିବେଶ। ହେଲେ ଆଧୁନିକତାର ଚାକଚକ୍ୟ ଓ ବଜାରରେ ଚାଇନା ନିର୍ମିତ ରଙ୍ଗବେରଙ୍ଗର ବିଦ୍ୟୁତ୍ ଚାଳିତ ଲାଇଟ୍ ର ବଢ଼ୁଥିବା ଚାହିଦା ଯୋଗୁଁ ଏବେ ସଙ୍କଟରେ ପଡ଼ିଛି କୁମ୍ଭକାରଙ୍କ ପାରମ୍ପରିକ ମାଟିଦୀପ ବ୍ୟବସାୟ। ଦିନକୁ ଦିନ ମାଟିଦୀପର ବିକ୍ରି କମୁଥିବାରୁ ଏହି ବୃତିକୁ ଆପଣାଇ ଜୀବିକା ନିର୍ବାହ କରୁଥିବା କୁମ୍ଭକାର ପରିବାର ଏବେ ଚିନ୍ତାରେ।

ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ବହୁ କୁମ୍ଭକାର ପରିବାର ପିଢ଼ି ପରେ ପିଢ଼ି ଏହି ପାରମ୍ପରିକ ବୃତିକୁ ଆପଣାଇ ଆସିଛନ୍ତି। ମାଟି ହାଣ୍ଡି, ଦୀପ, କଳସ, ସୁରେଇ ସମେତ ବିଭିନ୍ନ ଘରୋଇ ଓ ପୂଜା ସାମଗ୍ରୀ ତିଆରି କରି ସେମାନେ ପରିବାର ପ୍ରତିପୋଷଣ କରନ୍ତି। ବିଶେଷକରି ଦୀପାବଳି ପୂର୍ବରୁ ଏହି ପରିବାରଗୁଡ଼ିକରେ ମାଟିଦୀପ ତିଆରି କାର୍ଯ୍ୟ ଜୋରଦାର ହୋଇଥାଏ। ପୁରୁଷଙ୍କ ସହ ମହିଳା ଓ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ଏହି କାମରେ ନିୟୋଜିତ ହୋଇଥାନ୍ତି। ମାଟି ସଂଗ୍ରହଠାରୁ ଆରମ୍ଭ କରି ଦୀପ ଗଢ଼ିବା, ଶୁଖାଇବା ଓ ପୋଡ଼ିବା ପର୍ଯ୍ୟନ୍ତ ଦୀର୍ଘ ପ୍ରକ୍ରିୟା ଦେଇ ସେମାନେ ଦୀପ ପ୍ରସ୍ତୁତ କରନ୍ତି। ଖୋର୍ଦ୍ଧା ସମେତ ବାଘମାରି, ଡାଳତୋଳା, ଗୁଡ୍ରୁମ, ବେଗୁନିଆ, ବୋଲଗଡ଼, ଜଟଣୀ, ଟାଙ୍ଗୀ, ନିରାକାରପୁର ଓ ଜଙ୍କିଆ ଆଦି ଅଞ୍ଚଳର ହାଟବଜାରରେ କୁମ୍ଭକାରମାନେ ନିଜ ହାତ ତିଆରି ସାମଗ୍ରୀ ବିକ୍ରି କରିଥାନ୍ତି। ଦୀପାବଳି ସମୟରେ ମାଟିଦୀପର ଚାହିଦା ଅଧିକ ରହୁଥିବାରୁ ଏହି ସମୟକୁ ସେମାନେ ବର୍ଷର ପ୍ରମୁଖ ରୋଜଗାରର ସୁଯୋଗ ଭାବେ ଦେଖିଥାନ୍ତି। କିନ୍ତୁ ବର୍ତମାନ ବଜାରରେ ବିଭିନ୍ନ ଡିଜାଇନ ର ଏଲଇଡି ଲାଇଟ୍, ରଙ୍ଗବେରଙ୍ଗର ସାଜସଜ୍ଜା ବତି ଓ ବିଦ୍ୟୁତ୍ ଚାଳିତ ଦୀପର ବ୍ୟବହାର ବଢ଼ିବା ଫଳରେ ପାରମ୍ପରିକ ମାଟିଦୀପର ବିକ୍ରି ଉପରେ ପ୍ରଭାବ ପଡ଼ିଛି। ଏପରିକି ଅନେକ ସମୟରେ ଦୀପ ତିଆରି ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ମଧ୍ୟ ବିକ୍ରିରୁ ମିଳୁନାହିଁ। ଫଳରେ କୁମ୍ଭକାରମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି।

ମହିଳା ଦୀପ କାରିଗର ଅର୍ପିତା ବେହେରା କହିଛନ୍ତି ଯେ, ମାଟିଦୀପ ତିଆରି ଆମର କୁଳ ବ୍ୟବସାୟ। ଏହି ବୃତିକୁ ଆମେ ପୂର୍ବପୁରୁଷଙ୍କଠାରୁ ଶିଖି ଆସିଛୁ। ଦୀପାବଳି ପୂର୍ବରୁ ବହୁ ଆଗରୁ ଦୀପ ତିଆରି କରି ରଖିଥାଉ। ପୂର୍ବରୁ ଦୀପାବଳି ସମୟରେ ହଜାର ହଜାର ମାଟିଦୀପ ବିକ୍ରି ହେଉଥିଲା। ଏହା ସହ ପୂଜାପାର୍ବଣ, ଯାନିଯାତ୍ରା ଓ ବିବାହ ଉତ୍ସବରେ ମଧ୍ୟ ମାଟିପାତ୍ରର ଭଲ ଚାହିଦା ରହୁଥିଲା। ଏହି ବ୍ୟବସାୟରୁ ମିଳୁଥିବା ଆୟରେ ପରିବାର ଚଳୁଥିଲା। ମାତ୍ର ଏବେ ବଜାରରେ ଆଧୁନିକ ଲାଇଟ୍ ର ପ୍ରଭାବ ଯୋଗୁଁ ମାଟିଦୀପ ବିକ୍ରି ହ୍ରାସ ପାଇଛି। ଦୀପ ବିକ୍ରି କରି ଉଚିତ୍ ପ୍ରାପ୍ୟ ମିଳୁ ନ ଥିବାରୁ ଜୀବିକା ନିର୍ବାହ କରିବା କଷ୍ଟକର ହୋଇପଡ଼ିଛି।

ସେହିପରି ଅନ୍ୟ ଜଣେ ମହିଳା କାରିଗର ରୁକ୍ମିଣୀ ବେହେରା କହିଛନ୍ତି ଯେ, ଦୀପାବଳି ପର୍ବ ଆସିଲେ ଗ୍ରାମର ଆବାଳବୃଦ୍ଧବନିତା ମାଟିଦୀପ ତିଆରି କାମରେ ଲାଗି ପଡ଼ନ୍ତି। ଏହା କେବଳ ଏକ ବ୍ୟବସାୟ ନୁହେଁ, ଆମର ପାରମ୍ପରିକ ପରିଚୟ ଓ ସଂସ୍କୃତିର ଅଂଶ। ହେଲେ ଆଜି ଏହି ବୃତିରେ ନିୟୋଜିତ କୁମ୍ଭକାର ପରିବାରମାନେ ଅବହେଳାର ଶିକାର ହେଉଛନ୍ତି। ସେମାନଙ୍କ ବୃତିକୁ ବଂଚାଇ ରଖିବା ସହ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ପାଇଁ ସରକାରୀ ପ୍ରୋତ୍ସାହନ, ସହଜ ଋଣ, ତାଲିମ ଓ ବଜାର ସୁବିଧା ଯୋଗାଇଦେବା ଆବଶ୍ୟକ।

କାରିଗର ଶିଶୁଲା ଦେଇ କୁହନ୍ତି, ଦୀପାବଳିରେ ମାଟି ଦୀପରେ ଜଡା ତେଲ, ରାଶି ତେଲ ବା ପୋଲାଙ୍ଗ ତେଲ ପକାଇ ଜାଳିବା ବିଧି ରହିଛି। ଲୋକେ ଆଧୁନିକ ଆଡକୁ ଯାଉଥିବାବେଳେ ପରମ୍ପରାକୁ ଭୁଲି ଯାଉଛନ୍ତି। ଓଡ଼ିଆ ପରମ୍ପରା ଅନୁଯାୟୀ ମାଟି ଦୀପ ଜାଳିବାର ବିଧି ରହିଛି କିନ୍ତୁ ଆଧୁନିକତା ଭିତରେ ଏସବୁକୁ ଲୋକେ ଏବେ ଭୁଲି ଗଲେଣି। ସଂସ୍କୃତି ଏବେ ବି ଜୀବିତ ଅଛି ମରିନାହିଁ, ତେଣୁ ମାଟି ଦୀପର କିଛି ମାତ୍ରାରେ ଆଦର ଅଛି। ମନ୍ଦିରରେ ମାଟି ଦୀପ ଲାଗୁଛି। ତେଣୁ ଅଧିକ ସଂଖ୍ୟାରେ ନହଲେ ବି କିଛି ମାତ୍ରାରେ ବଜାରରେ ମାଟି ଦୀପର ଚାହିଦା ଅଛି। ପୂର୍ବରୁ ଦୀପାବଳିର ମାସକ ଆଗରୁ ଦୀପ ତିଆରିରେ ପରିବାର ଲୋକେ ନିୟୋଜିତ ହୋଇଥାନ୍ତି। ହେଲେ ଏବେ କିଛି ବର୍ଷ ହେଲା ବ୍ୟବସାୟ କମିଥିବାରୁ ଦୀପାବଳିର ୫-୧୦ ଦିନ ପୂର୍ବରୁ ଦୀପ ନିର୍ମାଣ କରାଯାଉଛି। ଦୀପାବଳି ସମୟରେ ୫୦ରୁ ୬୦ହଜାର ଟଙ୍କା ପୂର୍ବରୁ ଦୀପ ବ୍ୟବସାୟ ହେଉଥିଲା। ଏବେ ୧୦ହଜାର ଟଙ୍କା ବ୍ୟବସାୟ ହେବା କଷ୍ଟ ହୋଇପଡୁଛି। ବର୍ତ୍ତମାନ ବଜାରରେ ବିଭିନ୍ନ ଛକ ଓ ଗାଁ ଗାଁ ବୁଲି ଦୀପ ବିକ୍ରି କରିବାକୁ ପଡୁଛି।

ତେବେ ମାଟିଦୀପ କେବଳ ଆଲୋକର ମାଧ୍ୟମ ନୁହେଁ, ଏହା ଆମ ପରମ୍ପରା, ସଂସ୍କୃତି ଓ ସ୍ୱଦେଶୀ କାରିଗରୀର ପ୍ରତୀକ। ତେଣୁ ଆଧୁନିକ ଆଲୋକସଜ୍ଜା ସହ ମାଟିଦୀପ ବ୍ୟବହାରକୁ ମଧ୍ୟ ପ୍ରୋତ୍ସାହନ ଦେବା ଜରୁରୀ। ସ୍ଥାନୀୟ କାରିଗରଙ୍କଠାରୁ ମାଟିଦୀପ କିଣିବା ସହ ସେମାନଙ୍କ ହାତ ତିଆରି ସାମଗ୍ରୀକୁ ବଜାରରେ ଉଚିତ୍ ସ୍ଥାନ ଦେଲେ ଏହି ପାରମ୍ପରିକ କଳା ଓ କୁମ୍ଭକାରଙ୍କ ଜୀବିକା ସୁରକ୍ଷିତ ରହିପାରିବ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି।

■ ବଦଳି ନିୟମକୁ ଫୁଁ'
ବର୍ଷ ବର୍ଷ ଧରି କର୍ମଚାରୀଙ୍କ ଅଘୋଷିତ ରାଜୁତି

ବେଗୁନିଆ, ୫।୧୧(ସମିସ): ସରକାରୀ ବଦଳି ନିୟମକୁ ଖୋଲାଖୋଲି ଅଣଦେଖା। ତିନି ବର୍ଷ ବଦଳରେ ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନରେ ଜମାଇଛନ୍ତି ଆସ୍ଥାନ। ବେଗୁନିଆର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କେତେକ କର୍ମଚାରୀଙ୍କ ଦୀର୍ଘକାଳୀନ ରହଣିକୁ ନେଇ ଏବେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏପରିକି କେତେକ କାର୍ଯ୍ୟାଳୟ କର୍ମଚାରୀଙ୍କ ହସ୍ତମୁଦି ମାହାଲରେ ପରିଣତ ହୋଇଥିବା ଗୁରୁତର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଦୀର୍ଘବର୍ଷ ଧରି ଗୋଟିଏ ସ୍ଥାନରେ ରହିବାର ସୁଯୋଗ ନେଇ କେତେକ କର୍ମଚାରୀ ଜନସାଧାରଣଙ୍କୁ ସେବା ଯୋଗାଇବା ପରିବର୍ତ୍ତେ ନିଜ ମନମାନି ଚଳାଇଛନ୍ତି। ବିଭିନ୍ନ ଆଳ ଦେଖାଇ ଲୋକଙ୍କୁ ହଇରାଣ କରିବା ସହ ସରକାରୀ କାର୍ଯ୍ୟ ସମ୍ପାଦନ ପାଇଁ ଅନୈତିକ ଭାବେ ଅର୍ଥ ଆଦାୟ କରୁଥିବା ଅଭିଯୋଗ ବିଭିନ୍ନ ସମୟରେ ହୋଇଥିବା ବେଳେ କାହିଁକି ଘଣ୍ଟ ଘୋଡ଼ାଇବାର ଉଦ୍ୟମ କରାଯାଉଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏପରିକି ଉପରିସ୍ଥ ଅଧିକାରୀଙ୍କୁ ଅର୍ଥ ଦେଇ ନିଜର କାର୍ଯ୍ୟସ୍ଥଳୀ ସୁରକ୍ଷିତ ରଖୁଥିବା ନେଇ ମଧ୍ୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଜନସାଧାରଣ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କାହିଁକି କୌଣସି ଠୋସ୍ ପଦକ୍ଷେପ ନିଆଯାଉନାହିଁ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାହାର ଛତ୍ରଛାୟାରେ କର୍ମଚାରୀମାନେ ଦୀର୍ଘବର୍ଷ ଧରି ଗୋଟିଏ ସ୍ଥାନରେ ରହିଛନ୍ତି? ଅଭିଯୋଗ ସତ୍ତ୍ୱେ ପ୍ରଶାସନର ନିରବତା ପଛରେ କି ରହସ୍ୟ ରହିଛି ତାହା ସମସ୍ତଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି? ଏଭଳି ଅବ୍ୟବସ୍ଥା ଯୋଗୁଁ ଜନସାଧାରଣଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ ତୁରନ୍ତ ନିରପେକ୍ଷ ତଦନ୍ତ, ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ରହିଥିବା କର୍ମଚାରୀଙ୍କ ବଦଳି ଏବଂ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସଚେତନ ନାଗରିକମାନେ ଦାବି କରିଛନ୍ତି।

ଚିଲିକା ବ୍ଲକ୍‌ସ୍ତରୀୟ ଯୁବୋତ୍ସବ



ବାଲୁଗାଁ, ୫।୧୧(ସମିସ) : ସମଗ୍ର ଦେଶରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୭ ଆରମ୍ଭ ହୋଇ ଥିବା ବେଳେ ୧୫ ରୁ ୨୯ ବର୍ଷ ବୟସର ଯୁବ ପିଢିଙ୍କ ଅନ୍ତର୍ନିହିତ ପ୍ରତିଭା ଓ ନେତୃତ୍ୱର ପରିସ୍ଫୁଟନ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହିକ୍ରମରେ ଚିଲିକା ବ୍ଲକ ସ୍ତରୀୟ ଯୁବୋତ୍ସବ ବାଲୁଗାଁ ମହାବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଓ ଚିଲିକା ବ୍ଲକ ସହକାରୀ ଶିକ୍ଷାଧିକାରୀ ଗଗନ ବିହାରୀ ବେହେରା ଯୁବୋତ୍ସବକୁ ଉଦଘାଟନ କରି ଥିଲେ। ନିଶାମୁକ୍ତ ଯୁବ ଭାରତ ଶୀର୍ଷକକୁ ନେଇ ଚିଲିକା ବ୍ଲକ ଅଧିନ ବିଭିନ୍ନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଦଳଗତ ଲୋକ ନୃତ୍ୟ, ଦଳଗତ ଲୋକ ସଂଗୀତ, ନାଟକ, କବିତା ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ନାଟ୍ୟକାର ଭିକାରି ଚରଣ ପ୍ରଧାନ ଓ ପ୍ରହଲ୍ଲାଦ ବେହେରା, ନୃତ୍ୟଗୁରୁ ଗୋବିନ୍ଦ ଜାଲି ଓ ମମତା ମିଶ୍ର, ସଙ୍ଗୀତଜ୍ଞ ସୁନୀଲ କୁମାର ପ୍ରଧାନ ଓ ଗୁରୁ ବିଷ୍ଣୁପ୍ରିୟା ବାରିକ, କବି ଗୋପୀନାଥ ଦାଶ ଓ ଶିଶିର ଦାସ, ଚିତ୍ରଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ସୁରେନ୍ଦ୍ର ନାଥ ଗୌଡ଼ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ବିଡିଓ ପୁନମ ମହାପାତ୍ର, ବ୍ଲକ ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରା ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି ଯୋଗଦେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ କୈଳାସ ଚନ୍ଦ୍ର ମହାରଣା ମଞ୍ଚ ସଂଚାଳନ କରିଥିବା ବେଳେ ଛାତ୍ର ସଂସଦ ସଭାପତି ପୂଜା ଦିହୁଡ଼ି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପିକା ରୀନା ରାଉତ ଓ ଡକ୍ଟର ମନସ୍ୱିନୀ ପଟ୍ଟନାୟକ ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ଅଧ୍ୟାପିକା କୀର୍ତ୍ତିମୟୀ ବାରିକ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ବିଶ୍ୱବିଜୟୀ ଦାଶ, ଧୋବୀଚରଣ ପରିଡା ଓ ହିମାଂଶୁ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ମୁକ୍ତେଶ୍ୱର ପିଏଚ୍ ଟିକଟ ଭେଣ୍ଡରଙ୍କ ଦୌରାତ୍ମ୍ୟ, ରେଳଯାତ୍ରୀ ହନ୍ତସନ୍ତ

- ଅଭିଯୋଗ ପରେ ଖୋର୍ଦ୍ଧା ଡିଆରଏମ୍‌ଙ୍କ ତଦନ୍ତ ନିର୍ଦ୍ଦେଶ

ଟାଙ୍ଗୀ, ୫।୧୧ (ସମିସ): ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ଅଧୀନସ୍ଥ ମୁକ୍ତେଶ୍ୱର ପି.ଏଚ. ରେ ଠିକା ନେଇଥିବା ଟିକଟ ଭେଣ୍ଡରଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବା ରେଳ ଯାତ୍ରୀ ମାନେ ଅଭିଯୋଗ କରିଛନ୍ତି । ଠିକ ସମୟରେ ଟିକଟ କାଉଣ୍ଟର ନଖୋଲିବା, ଅଧିକାଂଶ ସମୟ ଟ୍ରେନ ଆସିବାର ୫ ମିନିଟ ପୂର୍ବରୁ ଆସି ଖୋଲିବା, ରେଳ ଯାତ୍ରୀ ମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଆଦି ନିତିଦିନିଆ ଘଟଣାରେ ପରିଣତ ହୋଇଥିଲେ ମଧ୍ୟ ଏହାର ସମାଧାନ ପାଇଁ ରେଳ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ରେଳ ଯାତ୍ରୀ ମାନଙ୍କ ମନରେ ନୈରାଶ୍ୟ ସୃଷ୍ଟି କରିଛି । ଘଟଣାରୁ ପ୍ରକାଶ ଯେ, ଗତକାଲି ମଙ୍ଗଳାଯୋଡିର ସାମ୍ବାଦିକ ମାନସ ପ୍ରଧାନ ଗାଡି ସଂଖ୍ୟା ୬୮୪୨୦ ପଲାସା -ଭୁବନେଶ୍ୱର ମେମୁରେ ଯିବା ପାଇଁ ମୁକ୍ତେଶ୍ୱର ଷ୍ଟେସନରେ ଅପେକ୍ଷା କରିଥିଲେ । ଏଠାରେ ଟ୍ରେନ ପହଂଚିବାର ନିର୍ଦ୍ଧାରିତ ସମୟ ୧୦.୫୦ ମିନିଟ ହୋଇଥିଲେ ମଧ୍ୟ ୧୦.୪୪ ମିନିଟ ପର୍ଯ୍ୟନ୍ତ ଟିକେଟ କାଉଣ୍ଟର ଖୋଲାଯାଇ ନଥିଲା। ୧୦.୪୬ ମିନିଟ ରେ ଜନୈକ ବ୍ୟକ୍ତି ଆସି ଟିକଟ କାଉଣ୍ଟର ଖୋଲିବା ପରେ ତାଙ୍କୁ ଲିଙ୍ଗରାଜ ଷ୍ଟେସନ ପର୍ଯ୍ୟନ୍ତ ଗୋଟିଏ ଟିକଟ ଦେବା ପାଇଁ କହିବାରୁ ଉକ୍ତ ବ୍ୟକ୍ତି ଟିକଟ ମୂଲ୍ୟ ବାବଦକୁ ୧୫ ଟଙ୍କା ବଦଳରେ ୨୦ ଟଙ୍କା ନେଇ ଟିକଟ ଦେଇଥିଲେ । ପ୍ରାପ୍ତ ଟିକଟ ଯାଞ୍ଚ କରିବାରୁ ଜଣାପଡିଲା ଯେ ଗନ୍ତବ୍ୟସ୍ଥଳ ଲିଙ୍ଗରାଜ ଷ୍ଟେସନ ପରିବର୍ତ୍ତେ ବାରଙ୍ଗ ଷ୍ଟେସନ ଲେଖାଅଛି । ଏ ବିଷୟରେ ସେହି ବ୍ୟକ୍ତିଙ୍କୁ ପଚାରିବାରେ ସେ ହଠାତ ଉତ୍ତ୍ୟକ୍ତ ହୋଇ କାଉଣ୍ଟର ବାହାରକୁ ଆସି ମାନସଙ୍କ ହାତରୁ ଟିକଟ ଛଡାଇନେବା ସହ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ବିଭିନ୍ନ ଧମକ ଦେଇଥିଲେ ଏବଂ ଟିକଟ ବାବଦକୁ ନେଇଥିବା ୨୦ ଟଙ୍କା ମଧ୍ୟ ଫେରାଇବାକୁ ରୋକଠୋକ ମନାକରିଥିଲେ । ଅନୁସନ୍ଧାନରୁ ଜଣାପଡିଛି ଯେ ଉକ୍ତ ବ୍ୟକ୍ତି ଟିକଟ ଭେଣ୍ଡରଙ୍କ ଦ୍ୱାରା ପ୍ରେରିତ ଜଣେ ସ୍ଥାନୀୟ ଯୁବକ । ଜଣେ ବାହାର ବ୍ୟକ୍ତି କିଭଳି ରେଳବାଇ ର ସମ୍ବେଦନଶୀଳ ଟିକଟ କାଉଣ୍ଟରରେ ଟିକଟ ବିକ୍ରି କରିପାରୁଛି ଉଚ୍ଚସ୍ତରୀୟ ତଦନ୍ତ ହେଲେ ଏହାର ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ। ଏଭଳି ଅବ୍ୟବସ୍ଥା ସମ୍ପର୍କରେ ସାମ୍ବାଦିକ ଶ୍ରୀ ପ୍ରଧାନ ଏକ୍ସ ଯୋଗେ ରେଳ ମନ୍ତ୍ରୀ, ଖୋର୍ଦ୍ଧା ରେଳ ମଣ୍ଡଳ ପରିଚାଳକଙ୍କୁ ଅବଗତ କଲାପରେ ତୁରନ୍ତ ବିଭାଗୀୟ ତତ୍ପରତା ପ୍ରକାଶ ପାଇଥିଲା । ଅଭିଯୋଗକୁ ଗ୍ରହଣ କରାଯିବା ସହ ସମ୍ପୃକ୍ତ କର୍ତୃପକ୍ଷଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ରେଳ ମଣ୍ଡଳ ପରିଚାଳକଙ୍କ ପକ୍ଷରୁ ଅଭିଯୋଗକାରୀଙ୍କୁ ଏକ୍ସ ମାଧ୍ୟମରେ ସୂଚନା ଦିଆଯିବା ସହ ରେଳ ବିଭାଗର ୨ ଜଣ ଅଧିକାରୀ ମଧ୍ୟ ଫୋନ ଯୋଗେ ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି । ତଦନ୍ତ ଶେଷ ହେବା ପରେ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

ନୂତନ ଆୟକର ଅଧିନିୟମରେ ଟିଡିଏସ୍ ବ୍ୟବସ୍ଥା ନେଇ ସଚେତନତା କାର୍ଯ୍ୟକ୍ରମ



ଖୋର୍ଦ୍ଧା, ୫।୧୧(ସମିସ): ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଟିକସ ଅନୁପାଳନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ନୂତନ ଆୟକର ଅଧିନିୟମ, ୨୦୨୫ରେ ଥିବା ଉତ୍ସରୁ ଟିକସ କାଟ (ଟିଡିଏସ୍) ସମ୍ବନ୍ଧୀୟ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟକର ବିଭାଗ, ଭୁବନେଶ୍ୱରର ଟିଡିଏସ କମିଶନରେଟ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଏକ ସଚେତନତା ତଥା ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗର ସବ-ରେଜିଷ୍ଟ୍ରାର, ତହସିଲଦାର, ବିଡିଓ, ସ୍ୱତନ୍ତ୍ର ଟ୍ରେଜେରୀ କାର୍ଯ୍ୟାଳୟ ସମେତ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ବହୁ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆୟକର ଅଧିକାରୀ ଆଦିତ୍ୟ କୁମାର ନୂତନ ଆୟକର ଅଧିନିୟମ, ୨୦୨୫ରେ ବ୍ୟବହୃତ ସରଳ, ସଂକ୍ଷିପ୍ତ ଓ ସ୍ପଷ୍ଟ ଭାଷା ତଥା ଏହାର ବିଭିନ୍ନ ବୈଶିଷ୍ଟ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଆୟୋଜକ ତଥା ଆୟକର ଅଧିକାରୀ ଚନ୍ଦନ କୁମାର ଘଡ଼ାଇ ସରକାରୀ କାର୍ଯ୍ୟାଳୟଗୁଡ଼ିକ ପାଇଁ ଉଦ୍ଦିଷ୍ଟ ନୂତନ ଆୟକର ଅଧିନିୟମରେ ଥିବା ବିଭିନ୍ନ ଟିଡିଏସ ସମ୍ବନ୍ଧୀୟ ବ୍ୟବସ୍ଥା ଉପରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ବିଶେଷକରି ତ୍ରୈମାସିକ ଟିଡିଏସ ରିଟର୍ଣ୍ଣ ଦାଖଲ ସମୟରେ ଟିକସ କାଟୁଥିବା ବ୍ୟକ୍ତି ବା ସଂସ୍ଥାଗୁଡ଼ିକ ଦେୟରାଶି ଓ ଟିଡିଏସ ସମ୍ପର୍କିତ ସଠିକ ତଥ୍ୟ ପ୍ରଦାନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହାଦ୍ୱାରା ଟିକସଦାତାମାନେ ନିଜ ପ୍ରାପ୍ୟ ଟିଡିଏସ କ୍ରେଡିଟ ସଠିକ ଭାବେ ପାଇପାରିବେ ବୋଲି ସେ କହିଥିଲେ।

ଏଥିସହ ସଠିକ ନିୟମ ଅନୁଯାୟୀ ଟିକସ କାଟିବା ଓ ସମୟାନୁଯାୟୀ ରିଟର୍ଣ୍ଣ ଦାଖଲ କରିବା ଦେଶର ରାଜସ୍ୱ ଆୟ ବୃଦ୍ଧିରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଟିଡିଏସ ସମ୍ବନ୍ଧୀୟ ବିଭିନ୍ନ ନିୟମ ପାଳନ କରିବା ସମୟରେ ସରକାରୀ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ଅସୁବିଧା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଆୟକର ବିଭାଗର ଅଧିକାରୀମାନେ ସେଗୁଡ଼ିକର ସମାଧାନ ନେଇ ଆବଶ୍ୟକ ପରାମର୍ଶ ଓ ସ୍ପଷ୍ଟୀକରଣ ପ୍ରଦାନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧାର ଆୟକର ଅଧିକାରୀ ସ୍ୱପନ ରଏ, ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଓ ପ୍ରତାପ ଚନ୍ଦ୍ର ବେଉରାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତଥିଲେ। ଆୟକର ଅଧିକାରୀ ଚନ୍ଦନ କୁମାର ଘଡାଇ ଧନ୍ୟବାଦ ଅର୍ପଣ କରିଥିଲେ।

ବାଲୁଗାଁ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଶିବିର

ବାଲୁଗାଁ,୫।୧୧(ସମିସ) : ଉତ୍କଳ ବିଶ୍ୱବିଦ୍ୟାଳୟ ଚଳିତ ବର୍ଷ ନିଜର ସହ-ବନ୍ଧିତ ମହାବିଦ୍ୟାଳୟରେ ଏକ ଲକ୍ଷ ରୋପଣ କରି ପରିବେଶ ସୁରକ୍ଷା ନିମନ୍ତେ ସଂକଳ୍ପ ନେଇଛି। ଏପରିସ୍ଥଳେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରୋତ୍ସାହନରେ ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଗତ ଅକ୍ଟୋବର ୨୧ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ଚାଲିଥିବ ସାତ ଦିନିଆ ଚାରା ରୋପଣ ସ୍ୱତନ୍ତ୍ର ଶିବିର ଉଦଯାପିତ ହୋଇଯାଇଛି। ବାଲୁଗାଁ ମହାବିଦ୍ୟାଳୟର ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର କୈଳାଶ ଚନ୍ଦ୍ର ମହାରଣା ଓ ରୀନା ରାଉତଙ୍କ ନେତୃତ୍ୱରେ ଆୟୋଜିତ ସାତ ଦିନିଆ ଚାରା ରୋପଣ ସ୍ୱତନ୍ତ୍ର ଶିବିର ମାଧ୍ୟମରେ ଏନଏସଏସ ସ୍ୱେଚ୍ଛାସେବୀ ମାନେ ମହାବିଦ୍ୟାଳୟ ପରିସରରେ ଓ ବାହାରେ ୫୦ରୁ ଅଧିକ ନଡ଼ିଆ ଚାରା ସହ ଅନ୍ୟାନ୍ୟ ମୂଲ୍ୟବାନ ଚାରା ରୋପଣ କରି ଏହାର ସୁରକ୍ଷାର ସୁବ୍ୟବସ୍ଥା କରିଥିଲେ। ତତସହିତ ସ୍ୱେଚ୍ଛାସେବୀମାନେ ପୋଷ୍ୟଗ୍ରାମ ଶାନ୍ତିନଗର ଓ ଗୋପବନ୍ଧୁ ନଗର ଗ୍ରାମରେ ଚାରା ରୋପଣ, ନିଶାମୁକ୍ତ ଭାରତ ଲାଗି ପଥପ୍ରାନ୍ତ ନାଟକ ସମେତ ବିଭିନ୍ନ ସଚେତନତା ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡର ସହକାରୀ ବନ ସଂରକ୍ଷକ ରଞ୍ଜନ କୁମାର ବେହେରା ଓ ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ପ୍ରବୀଣ କୁମାର ଜେନା ଯୋଗଦେଇ ଚିଲିକା କୂଳରେ ଚାରା ରୋପଣର ଆବଶ୍ୟକତା ସହ ଛାତ୍ରଛାତ୍ରୀଙ୍କର ବ୍ୟକ୍ତିତ୍ୱ ଓ ନେତୃତ୍ୱ ବିକାଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶିବିରରେ ବ୍ୟକ୍ତିତ୍ୱ ବିକାଶ ଲାଗି ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ପ୍ରବନ୍ଧ, କବିତା, ଚିତ୍ରାଙ୍କନ, କଣ୍ଠ ସଂଗୀତ, ନୃତ୍ୟ, ଅଭିନୟ, କୁଇଜ ଓ ପୁଚି ଖେଳ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସ୍ୱେଚ୍ଛାସେବୀ ବିଜୟଲକ୍ଷ୍ମୀ ପଣ୍ଡା, ପ୍ରଜ୍ଞାସ୍ମିତା ସାହୁ, ପ୍ରଜ୍ଞା ଗଜେନ୍ଦ୍ର ଓ ପ୍ରାକ୍ତନ ସ୍ୱେଚ୍ଛାସେବୀ ଜସ୍ମିନ ବେଗମ ପ୍ରମୁଖ ଏନଏସଏସ ରେ ନିଜର ଅନୁଭୂତି ବଖାଣି ଥିଲେ। ସ୍ୱେଚ୍ଛାସେବୀ ସୁଶୀଲ ମାଝି ଧନ୍ୟବାଦ ଦେଇଥିଲେ।

ବାଣପୁର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ



ବାଣପୁର,୫।୧୧(ସମିସ) : ବାଣପୁର ବ୍ଲକର ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି୨୦୨୬ କାର୍ଯ୍ୟକ୍ରମ ବାଣପୁର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ-୨ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବାଣପୁର ଏନଏସି ନଗରପାଳ ମିଟୁ ନାୟକ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବିଦ୍ୟାଳୟ ପଞ୍ଚଶାଖା ଶିକ୍ଷା ସେତୁ ସଭାପତି ଡଃ. ଚିନ୍ତାମଣି ମିଶ୍ର, ବାଣପୁର ବିଡିଓ ଦାଶରଥୀ ଜେନା, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ର ଆୟୋଜିତ କାର୍ଯ୍ୟକ୍ରମରେ ୪ଶହ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନିଜର ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ। ତନ୍ମଧ୍ୟରୁ ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରା ଯାଇଥିବା ବେଳେ ସେମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ବାଣପୁର ବ୍ଲକ ଅଧିନ ବିଆରସିସି ଓ ୧୨ ଜଣ ସିଆରସିସି ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରି ଥିଲେ। ଶେଷରେ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ସିପିଆଇର ବେଗୁନିଆ ଜୋନ୍‌ର ୭ମ ସମ୍ମିଳନୀ

ଖୋର୍ଦ୍ଧା, ୫।୧୧(ସମିସ): ବୋଲଗଡ଼ ବ୍ଲକ ପିଚୁକୁଳି ଠାରେ ସିପିଆଇ ବେଗୁନିଆ ଜୋନର ସପ୍ତମ ସମ୍ମିଳନୀ ବେଣୁଧର ଭୁଜବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିପିଆଇ ପାର୍ଟିର ଲାଲ ପତାକା କୁ ବରିଷ୍ଠ ସିପିଆଇ ନେତା ଅଜୟ ମଙ୍ଗରାଜ ଉତ୍ତୋଳନ କରିଥିଲେ । ପାର୍ଟିର ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ସମ୍ମିଳନୀକୁ ଉଦଘାଟିତ କରିଥିଲେ । ବରିଷ୍ଠ ନେତା ବସନ୍ତ କୁମାର ପାଇକରାୟ, ଦିବାକର ପରମଗୁରୁ, ଆଡ଼ଭୋକେଟ ରାମଣି ରଞ୍ଜନ ରାଉତରାୟ, ଭାରତୀୟ ଗଣନାଟ୍ୟ ସଙ୍ଘର ରାଜ୍ୟ ସଭାପତି ସୁଶାନ୍ତ ମହାପାତ୍ର, ଉତ୍କଳ ମହିଳା ସମିତିର ସମ୍ପାଦିକା କୃଷ୍ଣପ୍ରିୟା ମିଶ୍ର, ଜିଲ୍ଲା ସମ୍ପାଦକ ଆଡ଼ଭୋକେଟ ଅମୀୟ ପଟନାୟକ,ଉତ୍କଳ ମହିଳା ସମିତି ର ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ, ସିପିଆଇଏମଏଲର ଅଜୟ ମାନ୍ଧାତା ପ୍ରମୁଖ ଉଦବୋଧନ ଦେଇ ପୁଞ୍ଜିବାଦୀ ବ୍ୟବସ୍ଥାର ପରିବର୍ତନ ପାଇଁ ଆହ୍ୱାନ ଦେଇଥିଲେ। ଆଗାମୀ ବର୍ଷ ପାଇଁ ବେଗୁନିଆଁ ଜୋନ ସମ୍ପଦକ ଭାବେ କମ୍ରେଡ ବସନ୍ତ କୁମାର ସେଠୀ ଏବଂ ସହ ସମ୍ପାଦକ ରୂପେ ଶ୍ରୀନିବାସ ମାନସିଂହ, ଅକ୍ରୁର ପ୍ରଧାନ ଓ ବୁଧଦେବ ବେହେରା ପ୍ରମୁଖ ଉକ୍ତ ସମ୍ମିଳନୀ ରେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଆଗାମୀ ଡିସେମ୍ବର ୧, ୨ ଏବଂ ୩ ତାରିଖରେ ଜନସାଧାରଣଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଆନ୍ଦୋଳନ କରାଯିବାକୁ ସମ୍ମିଳନୀ ରେ ନିଷ୍ପତି ହୋଇଥିବାର ବରିଷ୍ଠ ନେତା ବସନ୍ତ ପାଇକରାୟ ସୂଚନା ଦେଇଛନ୍ତି।

୧୦ରୁ ମଲିପଦରରେ ବାଦୀପାଲା ମହୋତ୍ସବ

ବେଗୁନିଆ, ୫।୧୧ (ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲିପଦର ଗ୍ରାମସ୍ଥିତ ଶ୍ରୀ ଗୋପୀନାଥ ଦେବଙ୍କ ମନ୍ଦିର ପରିସରରେ ଗିରି ଗୋବର୍ଦ୍ଧନ ପୂଜା ଅବସରରେ ଚାରିଦିନିଆ ବାଦିପାଲା ମହୋତ୍ସବ ଆୟୋଜିତ ହେବ। ଏହା ଆସନ୍ତା ୧୦ ତାରିଖରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଲୋକକଳାର ଆସର ଜମିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ମହୋତ୍ସବରେ ଗାୟକ ରତ୍ନ ନିରଞ୍ଜନ ସ୍ୱାଇଁ ଓ ଗାୟକ ରସସାଗର ବସନ୍ତ ବେହେରା ଯୋଗଦେଇ ବାଦିପାଲା ପରିବେଷଣ କରିବେ। ଓଡ଼ିଶାର ପାରମ୍ପରିକ ଲୋକକଳା ବାଦିପାଲା ମାଧ୍ୟମରେ ଆଧ୍ୟାତ୍ମିକ ଓ ଧାର୍ମିକ ଭାବଧାରାର ପ୍ରଚାର ସହ ପାଲାପ୍ରେମୀଙ୍କୁ ଭକ୍ତିରସରେ ଅପ୍ୟାୟିତ କରିବେ।

ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ବିଦ୍ୟାଳୟ ଛାୟା ସଂସଦ ପ୍ରତିଯୋଗିତା

ରାଜ୍ୟସ୍ତରୀୟ ସୁରଭିରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ ଦୁଇ କୃତୀ ପ୍ରତିଯୋଗୀ

ଖୋର୍ଦ୍ଧା, ୫।୧୧(ସମିସ):



ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଂସଦୀୟ ପରମ୍ପରା, ନେତୃତ୍ୱ ଦକ୍ଷତା ଓ ଯୁକ୍ତିପୂର୍ଣ୍ଣ ଭାବେ ନିଜ ମତ ଉପସ୍ଥାପନ କରିବାର କଳାକୁ ବିକଶିତ କରିବା ଲକ୍ଷ୍ୟରେ ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ (ଡାଏଟ୍) ପରିସରରେ ଜିଲ୍ଲାସ୍ତରୀୟ ପିଏମ୍ ଶ୍ରୀ ବିଦ୍ୟାଳୟ ଛାୟା ସଂସଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା, ଖୋର୍ଦ୍ଧା ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ୨୯ଟି ପିଏମ୍ ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଉତ୍ସାହ ଓ ଉଦ୍ଦୀପନାର ସହ ଭାଗ ନେଇଥିଲେ। ଛାୟା ସଂସଦ ମାଧ୍ୟମରେ ସଂସଦୀୟ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ପ୍ରତ୍ୟକ୍ଷ ଧାରଣା ହାସଲ କରିବା ସହ ନିଜର ବକ୍ତୃତା, ତର୍କ ଓ ଯୁକ୍ତି ଉପସ୍ଥାପନ ଦକ୍ଷତା ପ୍ରଦର୍ଶନ କରିବାକୁ ପ୍ରତିଯୋଗୀମାନେ ସୁଯୋଗ ପାଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ନିର୍ଦ୍ଦେଶ ଓ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ମନସ୍ୱିନୀ ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ଡାଏଟ୍, ଖୋର୍ଦ୍ଧାର ଅଧ୍ୟକ୍ଷ ତାପସ କୁମାର ନାୟକ, ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଖୋର୍ଦ୍ଧା ରୋଡ୍‌ର ଶିକ୍ଷକ ମୀନକେତନ ପଣ୍ଡା ଏବଂ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ଖୋର୍ଦ୍ଧାର ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭୋଳ ଯୋଗଦେଇ ପ୍ରତିଯୋଗୀମାନଙ୍କ ପ୍ରଦର୍ଶନର ମୂଲ୍ୟାୟନ କରିଥିଲେ।

ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦୁଇଜଣ ଛାତ୍ରଛାତ୍ରୀ ଆଗାମୀ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଛାତ୍ରଜୀବନରୁ ସଂସଦୀୟ ଗଣତନ୍ତ୍ରର ମୂଳନୀତି, ନିୟମ ଓ ପରମ୍ପରା ସମ୍ପର୍କରେ ଅବଗତ କରାଇବା ସହ ଭବିଷ୍ୟତରେ ଦାୟିତ୍ୱବାନ ନାଗରିକ ଓ ଦକ୍ଷ ନେତୃତ୍ୱ ଗଢ଼ି ତୋଳିବା ଦିଗରେ ଏଭଳି ପ୍ରତିଯୋଗିତା ବେଶ୍ ଉପାଦେୟ ହେବ ବୋଲି ମତ ପ୍ରକାଶ ପାଇଛି।

ରାଜ୍ୟରେ ଫଟୋ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ

ଜାନୁଆରୀ ୨୧ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

ଭୁବନେଶ୍ୱର,୬।୧୧(ସମିସ): ଓଡ଼ିଶାରେ ଫଟୋ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ ଆୟୋଗ। ୨୦୨୭ ଜାନୁଆରୀ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଗ୍ରହଣ କରି ଏହି ସଂଶୋଧନ କରାଯିବ। ସମସ୍ତ ପ୍ରକ୍ରିୟା ଶେଷ ହେବା

- ନଭେମ୍ବର ୨୦ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ପୁନର୍ବିନ୍ୟାସ କାର୍ଯ୍ୟ ହେବ ଶେଷ
- ପ୍ରତ୍ୟେକ ମତଦାନ କେନ୍ଦ୍ରରେ ସର୍ବାଧିକ ୧୨୦୦ ଜଣ ଭୋଟର ବ୍ୟବସ୍ଥା

ପରେ ଆସନ୍ତା ଜାନୁଆରୀ ୨୧ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହା ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ୍, ଅଦ୍ୟତନ ଓ ତ୍ରୁଟିମୁକ୍ତ କରିବା ସହ ସମସ୍ତ ଯୋଗ୍ୟ ନାଗରିକଙ୍କୁ ତାଲିକାରେ ସାମିଲ କରିବା ଲକ୍ଷ୍ୟ ରଖାଯାଇଛି।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ନଭେମ୍ବର ୨୦ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ସୁବ୍ୟବସ୍ଥା ଓ ପୁନର୍ବିନ୍ୟାସ କାର୍ଯ୍ୟ ଶେଷ ହେବ। ନଭେମ୍ବର ୩୦ରେ ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଏହାପରେ ନଭେମ୍ବର ୩୦ରୁ ଡିସେମ୍ବର ୩୦ ତାରିଖ ମଧ୍ୟରେ ଭୋଟରମାନେ ତାଲିକା ସଂକ୍ରାନ୍ତରେ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଆସନ୍ତା ଜାନୁଆରୀ ୧୬ ସୁଦ୍ଧା ସମସ୍ତ ଦାବି ଓ ଆପତ୍ତିର ସମାଧାନ କରାଯିବା ପରେ ଜାନୁଆରୀ ୨୧ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହି ସଂଶୋଧନ ପ୍ରକ୍ରିୟାରେ ମତଦାନ କେନ୍ଦ୍ରଗୁଡ଼ିକର ସୁବ୍ୟବସ୍ଥା ଓ ପୁନର୍ବିନ୍ୟାସ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ପ୍ରତ୍ୟେକ ମତଦାନ କେନ୍ଦ୍ରରେ ସର୍ବାଧିକ ୧୨୦୦ ଜଣ ଭୋଟର ରହିବାର ବ୍ୟବସ୍ଥା ରହିଛି। ଯେଉଁଠାରେ ଅଧିକ ଭୋଟର ଥିବେ, ସେଠାରେ ଆବଶ୍ୟକତା ଅନୁଯାୟୀ ନୂଆ ମତଦାନ କେନ୍ଦ୍ର ଖୋଲିବା ପାଇଁ ପଦକ୍ଷେପ ନିଆଯିବ ଏଥିପାଇଁ ନିର୍ବାଚନ ଆୟୋଗଙ୍କ ଅନୁମୋଦନ ନିଆଯିବ। ସେହିପରି ଭୋଟରଙ୍କୁ ସମାନ ଭାବେ ବଣ୍ଟନ କରିବା ପାଇଁ ବୁଥ୍ ଅନ୍ତର୍ଗତ ସେକ୍ସନଗୁଡ଼ିକର ପୁନର୍ବିନ୍ୟାସ କରାଯିବ। ଭୋଟରମାନେ ନିଜ ମତଦାନ କେନ୍ଦ୍ରରେ ପହଞ୍ଚିବା ପାଇଁ ଦୁଇ କିଲୋମିଟରରୁ ଅଧିକ ଦୂର ଯେପରି ଯିବାକୁ ନ ପଡ଼େ ଏବଂ ରାସ୍ତାରେ କୌଣସି ପ୍ରାକୃତିକ ପ୍ରତିବନ୍ଧକର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ଜଣାପଡ଼ିଛି।

ବିଧାୟକଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ଛତ୍ରପୁର, ୬।୧୧(ସମିସ): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ବିପର୍ଯ୍ୟୟ ସମୟରେ ଗଞ୍ଜାମ ଜିଲ୍ଲାବାସୀଙ୍କୁ ବିପଦରୁ ଉଦ୍ଧାର, ଥଇଥାନ ଓ ରିଲିଫ୍ ଯୋଗାଣ ପାଇଁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଦିନରାତି ଏକ କରି କାର୍ଯ୍ୟ କରୁଥିବା ବେଳେ ଜଣେ ବରିଷ୍ଠ ଅଧିକାରୀଙ୍କ ପ୍ରତି ଆସିକା ବିଧାୟକଙ୍କ ଦୁର୍ବ୍ୟବହାର ଘଟଣାକୁ ନେଇ ପ୍ରଶାସନିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ଆସିକା ଅଞ୍ଚଳର ବନ୍ୟା ପ୍ରଭାବିତ ଓ ଜଳବନ୍ଦୀ ଅଞ୍ଚଳରେ ରହି ଲୋକଙ୍କୁ ରନ୍ଧା



ଖାଦ୍ୟ ଓ ରିଲିଫ୍ ସାମଗ୍ରୀ ଯୋଗାଣ କାର୍ଯ୍ୟର ତଦାରଖ କରୁଥିବା ସମୟରେ ଆସିକା ବିଧାୟକ ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଜରୁରିକାଳୀନ ପରିସ୍ଥିତିରେ ଜନସେବାରେ ନିୟୋଜିତ ଜଣେ କାର୍ଯ୍ୟରତ ଅଧିକାରୀଙ୍କ ପ୍ରତି ଏଭଳି ଆଚରଣକୁ ନେଇ ଅଧିକାରୀ ଓ କର୍ମଚାରୀ ମହଲରେ ତୀବ୍ର ପ୍ରତିବାଦ ଦେଖାଦେଇଛି। ଏହାର ପ୍ରତିବାଦରେ ଗୁରୁବାର ଗଞ୍ଜାମ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଆସିକା ବିଧାୟକଙ୍କ ବ୍ୟବହାରକୁ ନିନ୍ଦା କରିବା ସହ ତାଙ୍କ ବିରୋଧରେ ଦୃଢ଼ ଶୃଙ୍ଖଳାଗତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ, ଏବଂ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟରେ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି କରାଯାଇଛି। ଅପରପକ୍ଷରେ ଜିଲ୍ଲାପାଳ ଏହି ଘଟଣାକୁ ନେଇ କହିଛନ୍ତି ଯେ, ଏଭଳି ସଙ୍କଟଜନକ ସମୟରେ ସମସ୍ତଙ୍କୁ ଦୃଢ଼ତାର ସହ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ

ଜିଲ୍ଲାପରିଷଦ କାର୍ଯ୍ୟାଳୟର ବିଭିନ୍ନ ବିଭାଗର କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ସହ ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

କରିବାକୁ ହେବ। ଏହି ଘଟଣା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ଆଶ୍ୱାସନା ଦେଇଥିଲେ। ଏହି ଦାବିପତ୍ର ପ୍ରଦାନ ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ସିନିୟର ଓଏଏସ ଅଫିସର ଦେବଦତ୍ତ ପଣ୍ଡା, ଅତିରିକ୍ତ ସିଡିଓ ବିଜୟ କୁମାର ବେହେରା, ଓରମାସ ଡେପୁଟି ସିଇଓ ରାଜ ଗୋପାଳ ଦାଶଙ୍କ ସମେତ ବିଭିନ୍ନ ବିଭାଗ ର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

ସିଡିଓଙ୍କୁ ଦୁର୍ବ୍ୟବହାର ଘଟଣା: ବିଜେଡି ପକ୍ଷରୁ ଏତଲା




ଆସିକା,୬।୧୧(ସମିସ): ସିଡିଓଙ୍କୁ ଆସିକା ବିଧାୟକ ସରୋଜ ପାଢ଼ୀ ଗାଳି ଗୁଲଜ ଓ ମେନ୍ ହ୍ୟାଣ୍ଡଲ କରିବା ବିଷୟ ନେଇ ଆସିକା ବିଜେଡି ଏହାକୁ ନିନ୍ଦା କରି ଆସିକା ଥାନାରେ ବିଧାୟକ ନାମରେ ଅଭିଯୋଗ କରିଛନ୍ତି। ଏସଂକ୍ରାନ୍ତରେ ଆସିକା ଏସଡିପିଓ ସହ ଏହି ୨୫ ଜଣିଆ ଦଳ ଆଲୋଚନା କରିଥିଲେ। ବନ୍ୟା ବିପର୍ଣ୍ଣ ମାନଙ୍କୁ ଘର ଘର ବୁଲି ରିଲିଫ ବଣ୍ଟନ କର୍ତ୍ତବ୍ୟରତ ସିଡିଓଙ୍କୁ ଏଭଳି ଆଚରଣକୁ ଅନେକ ନାପସନ୍ଦ କରିଛନ୍ତି। ତେଣୁ ଏ ନେଇ ଆସିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ବିଜୁ ଜନତା ଦଳ। ଥାନାରେ ଅଭିଯୋଗ ବେଳେ ଉପସ୍ଥିତ ଥିଲେ ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀ, ନଚିକେତା ସ୍ୱାଇଁ, ସୂର୍ଯ୍ୟ କାନ୍ତ ପରିଡା, ବାୟା ବିଷୋୟୀ, ନିଗମ ରାଉତ, ଜିତେନ୍ଦ୍ର ମହାରଣା, ମନୋଜ ଦୋରା, ନୀଳାଞ୍ଚଳ ମଣ୍ଡଳଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ସେପଟେ ଏ ନେଇ ବିଧାୟକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

୩ ଦିନରେ ୪ ଡିଗ୍ରୀ ଖସିବ ପାରଦ

ଭୁବନେଶ୍ୱର, ୬।୧୧(ସମିସ): ବାତ୍ୟା ମୁରାସୁ ସମ୍ପୂର୍ଣ୍ଣ ଦୁର୍ବଳ ହୋଇ ଓଡ଼ିଶାଠାରୁ ବହୁ ଦୂରକୁ ଚାଲି ଯାଇଛି। ଏବେ ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ନ ଥିବାରୁ ରାଜ୍ୟରେ ପାଗ ସମ୍ପୂର୍ଣ୍ଣ ଶୁଖିଲା ରହିଛି। ଯଦିଓ ଦୁଇ ଦିନ ମଧ୍ୟରେ ରାଜ୍ୟର କିଛି ସ୍ଥାନରେ କାଁ ଭାଁ ବର୍ଷା ଆଶଙ୍କା ରହିଛି, ହେଲେ ଏହା ବିଶେଷ ପ୍ରଭାବ ପକାଇବ ନାହିଁ। ତେଣୁ ରାଜ୍ୟରେ ରାତିର ତାପମାତ୍ରା କମିବା ପାଇଁ ପାଗ ଅନୁକୂଳ ରହିଛି। ଶୁକ୍ରବାରଠାରୁ ପରବର୍ତ୍ତୀ ୩ ଦିନ ମଧ୍ୟରେ ରାଜ୍ୟରେ ରାତିର ତାପମାତ୍ରା ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ହେବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ର କହିଛି, ଆଗାମୀ ୨୪ ଘଣ୍ଟା ଯାଏଁ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ତେବେ ୬ରୁ ୮ ତାରିଖ ମଧ୍ୟରେ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇପାରେ। ଏହାପରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବନାହିଁ। ଗତ ୨୪ ଘଣ୍ଟାରେ ପାରଳାଖେମୁଣ୍ଡିରେ ସର୍ବନିମ୍ନ ୧୭.୫ ଡିଗ୍ରୀ ଏବଂ ପାହାଡ଼ିଆ ଅଞ୍ଚଳ ଦାରିଙ୍ଗବାଡ଼ିରେ ୧୭ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି।

ହାତୁଡ଼ି ଉଠିବା ମାତ୍ରେ ମିଳିଗଲା ହଜିଥିବା ଚାବି!

ପୁରୀ, ୬।୧୧(ସମିସ): ଭକ୍ତ ଓ ଭଗବାନଙ୍କ ସମ୍ପର୍କ ଅତ୍ୟନ୍ତ ନିବିଡ଼। ଭକ୍ତର ଆକୁଳ ଡାକରେ ଭଗବାନ ଧାଇଁ ଆସନ୍ତି ବୋଲି ରହିଛି ଅନେକ ପୌରାଣିକ ଉଦାହରଣ। ଏହି ବିଶ୍ୱାସକୁ ଆହୁରି ଦୃଢ଼ କରିଛି ଗୁରୁବାର ରମା ଏକାଦଶୀ ତିଥିରେ ଶ୍ରୀମନ୍ଦିର ସିଂହଦ୍ୱାର



ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ଅଦ୍ଭୁତ ଘଟଣାକୁ ନେଇ ଭକ୍ତଙ୍କ ମଧ୍ୟରେ ଚର୍ଚ୍ଚା

ଗୁମୁଟରେ ଘଟିଥିବା ଏକ ଘଟଣା। ପତିତପାବନଙ୍କ ଦ୍ୱାର ଖୋଲିବା ପାଇଁ ଚାବି ଖୋଜା ଚାଲିଥିବାବେଳେ ଦୀର୍ଘ ସମୟ ଧରି ଦ୍ୱାରଫିଟା ନୀତି ଅଟକି ରହିଥିଲା। ଶେଷରେ ତାଲା ଭାଙ୍ଗିବା ପାଇଁ ହାତୁଡ଼ିରେ ବାଡ଼ାଯାଉଥିବା ବେଳେ ହଠାତ୍ ହଜିଯାଇଥିବା ଚାବି ମିଳିଯିବା ଘଟଣା ଭକ୍ତଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବାବେଗ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ପତିତପାବନଙ୍କ ଦ୍ୱାର ଖୋଲିବା ପାଇଁ ଚାବି ନ ମିଳିବାରୁ ସେବାୟତମାନେ ବହୁ ସମୟ ଧରି ଖୋଜାଖୋଜି କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଅନ୍ୟପଟେ ଭକ୍ତ ପତିତପାବନଙ୍କ ଦର୍ଶନ ପାଇଁ ଅପେକ୍ଷା କରି ରହିଥିଲେ। ଶେଷରେ ନିରୁପାୟ ହୋଇ ସେବାୟତମାନେ ହାତୁଡ଼ି ଆଣି ତାଲା ଭାଙ୍ଗିବା ଆରମ୍ଭ କରିଥିଲେ। ମାତ୍ର ଠିକ୍ ସେହି ସମୟରେ ଖୋଜା ଚାଲିଥିବା ଚାବିଟି ହଠାତ୍ ମିଳିଯାଇଥିଲା। ଫଳରେ ତାଲା ଭାଙ୍ଗିବାର ଆବଶ୍ୟକତା ପଡ଼ି ନ ଥିଲା ଏବଂ ପୁରୁଣା ମୂଳ ଚାବିରେ ହିଁ ପତିତପାବନଙ୍କ ଦ୍ୱାର ଖୋଲାଯାଇଥିଲା। ଏହି ଘଟଣାକୁ ନେଇ ଭକ୍ତମାନେ ନିଜ ନିଜ ଆଧ୍ୟାତ୍ମିକ ଭାବନା ପ୍ରକାଶ କରିଛନ୍ତି। ଅନେକଙ୍କ ମତରେ ଏହା ମହାପ୍ରଭୁଙ୍କ ଏକ ଅପାର ଲୀଳା। ମହାପ୍ରଭୁ ଶ୍ରୀଜଗନ୍ନାଥ ଭକ୍ତର ଭାବକୁ ବୁଝନ୍ତି। ତାଙ୍କ ପ୍ରତି ଥିବା ଭକ୍ତି ଓ ସମର୍ପଣ ହିଁ ସବୁଠାରୁ ବଡ଼।

କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ଆସିକା ବିଧାୟକ ହତ୍ୟା ଧମକ ଦେବା ହୀନମନ୍ୟତାର ପରିଚୟ: ବିଜେଡି

ଭୁବନେଶ୍ୱର, ୬।୧୧(ସମିସ): ଗଞ୍ଜାମ ଜିଲ୍ଲାରେ ବନ୍ୟା ପ୍ରଭାବିତଙ୍କୁ ରିଲିଫ୍ ବଣ୍ଟନ ସମୟରେ ବାଧା ସୃଷ୍ଟି କରିବା ଓ କର୍ତ୍ତବ୍ୟରତ ଜଣେ ସରକାରୀ ଅଧିକାରୀଙ୍କୁ ଆସ୍କା ବିଧାୟକ ସରୋଜ ପାଢ଼ୀ ଦୁର୍ବ୍ୟବହାର କରି ହତ୍ୟା ଧମକ ଦେବା ଘଟଣାକୁ ଦୃଢ଼ ନିନ୍ଦା କରିଛି ବିଜେଡି। ଏଭଳି ଆଚରଣ ପାଇଁ ବିଧାୟକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ପକ୍ଷରୁ ଦାବି ହୋଇଛି।

- ଖଣି ମନ୍ତ୍ରୀଙ୍କ ସହିତ ବ୍ୟକ୍ତିଗତ ମତଭେଦରୁ ବିଧାୟକ ଏପରି କାଣ୍ଡ ଭିଆଇଛନ୍ତି
- ବିଧାୟକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ସରକାର

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ଗଞ୍ଜାମରେ ବିନାଶକାରୀ ବନ୍ୟାରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଓ ଜୀବିକା ପ୍ରଭାବିତ ହୋଇଛି। ଏହି ସମୟରେ ରିଲିଫ୍ ବଣ୍ଟନରେ ବିଧାୟକ ବାଧା ସୃଷ୍ଟି କରିବା ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳରେ ଦାୟିତ୍ୱ ନିର୍ବାହ କରୁଥିବା ଜଣେ ସରକାରୀ ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେବା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ବନ୍ୟା ବିପନ୍ନ ପରିବାର ଏହି ଭୟାବହ ପରିସ୍ଥିତିରୁ ମୁକୁଳିବା ପାଇଁ ସଂଘର୍ଷ କରୁଛନ୍ତି। ସରକାରୀ ସହାୟତା ପାଇଁ ଆକୁଳ ଅପେକ୍ଷା କରିଥିବା ପରିବାର ଗୁଡ଼ିକୁ ରିଲିଫ୍ ଓ ଥଇଥାନ କାର୍ଯ୍ୟରେ ସହଯୋଗ କରିବା ପରିବର୍ତ୍ତେ ମନ୍ତ୍ରୀ ବିଭୂତି ଜେନାଙ୍କ ସହ ବ୍ୟକ୍ତିଗତ ମତଭେଦକୁ ନେଇ ଆସ୍କା ବିଧାୟକ ସରୋଜ ପାଢ଼ୀ ଗୁଣ୍ଡାଗର୍ଦ୍ଦି କରିବା ଅତ୍ୟନ୍ତ ନିନ୍ଦନୀୟ। ଏହି ଅଶୋଭନୀୟ ଆଚରଣ ପାଇଁ ବିଧାୟକଙ୍କ ନାଁରେ ଆସିକା ଥାନାରେ ସରକାରୀ ଅଧିକାରୀ ସମୀର ଜେନା କରିଥିବା ଏତଲାର ନିରପେକ୍ଷ ତଦନ୍ତ କରାଯାଉ। ଯଦି ବିଧାୟକ ଦୋଷୀ ପ୍ରମାଣିତ ହୁଅନ୍ତି, ତେବେ ଆଇନ ଅନୁଯାୟୀ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। କୌଣସି ରାଜନୈତିକ ବା ବ୍ୟକ୍ତିଗତ ହସ୍ତକ୍ଷେପ ବିନା ସରକାରୀ ସହାୟତା ଯେପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରିବ, ତାହାର ତଦାରଖ ରାଜ୍ୟ ସରକାର କରନ୍ତୁ। ନିଜ ଦାୟିତ୍ୱ ସମ୍ପାଦନ କରୁଥିବା ଜଣେ ସରକାରୀ ଅଧିକାରୀଙ୍କୁ ରାଜନୈତିକ ଚାପ କିମ୍ବା ଧମକ ଦେଇ ଟାର୍ଗେଟ୍ କରାଯିବା ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ପ୍ରତିଫଳିତ କରୁଛି। ରିଲିଫ ବଣ୍ଟନରେ ରାଜନୈତିକ ହସ୍ତକ୍ଷେପକୁ କେବେ ବି ବରଦାସ୍ତ କରାଯିବ ନାହିଁ। ରାଜନୈତିକ ଗୋଷ୍ଠୀ ବିବାଦ କାରଣରୁ ରିଲିଫ୍ ବଣ୍ଟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ବେଳେ ବିଜେପି ସରକାର କ'ଣ ପାଇଁ ଚୁପ୍ ରହିଛନ୍ତି ? ବିଜେଡି ଅନ୍ୟାୟ ବିରୋଧରେ ନିଜର ସ୍ୱର ଉତ୍ତୋଳନ ଜାରି ରଖିବ ବୋଲି ସେ କହିଛନ୍ତି।



ଭାଙ୍ଗିଲା ଦମ୍ଭ: ସିଡ଼ିଓଙ୍କ ଏତଲା ଓ ଉପରୁ ଚାପ ପଡ଼ିବା ପରେ ବୁଝାମଣା କଲେ ଆସ୍କା ବିଧାୟକ। ଦକ୍ଷିଣାଞ୍ଚଳ ଆରଡ଼ିସି ବିଜୟ ଅମୃତ କୁଲାଙ୍ଗେଙ୍କ ମଧ୍ୟସ୍ଥତାରେ ଅନୁଷ୍ଠିତ ବୈଠକରେ ବିଧାୟକ ସରୋଜ ପାଢ଼ୀ ଓ ସିଡ଼ିଓ ସମୀର କୁମାର ଜେନା। ଦିନକ ତଳେ ସିଡ଼ିଓ ଶ୍ରୀ ଜେନାଙ୍କୁ ମାରି ମାଟିରେ ମିଶାଇ ଦେବାକୁ ଧମକ ଦେଇଥିଲେ ବିଧାୟକ।

ଜିଲ୍ଲା ଜଜ୍ କ୍ୟାଡର୍‌ର ୮୪ଟି ଖାଲି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି

କଟକ, ୬।୧୧(ସମିସ): ଓଡ଼ିଶା ହାଇକୋର୍ଟ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଖାଲି ପଡିଥିବା ୮୪ଟି ଜିଲ୍ଲା ଜଜ୍ କ୍ୟାଡରର ପଦ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୬ ପାଇଁ ଜିଲ୍ଲା ଜଜ୍ କ୍ୟାଡ଼ରରେ ସିଧାସଳଖ ଏବଂ ସୀମିତ ବିଭାଗୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ଜରିଆରେ ନିଯୁକ୍ତି ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଅନଲାଇନ୍ ଆବେଦନ ଆହ୍ୱାନ କରାଯାଇଛି। ସିଧାସଳଖ ନିଯୁକ୍ତି ପାଇଁ ମୋଟ ୩୮ଟି ଖାଲି ପଦ ରହିଥିବା ବେଳେ ଏଥିରୁ ମହିଳାଙ୍କ ପାଇଁ ୧୩ଟି ପଦ ସଂରକ୍ଷିତ ରହିଛି। ସିଧାସଳଖ ନିଯୁକ୍ତି ପାଇଁ ଆବେଦନ କରିବା ସମୟରେ ୭ବର୍ଷର ନିରନ୍ତର ଓକିଲାତି କିମ୍ବା ବିଚାର ବିଭାଗ ଅଧିକାରୀ ଏବଂ ଓକିଲାତିର ମିଳିତ ଅଭିଜ୍ଞତା ୭ବର୍ଷ ହୋଇଥିବା ଦରକାର। ସେହିଭଳି ସୀମିତ ବିଭାଗୀୟ ପ୍ରତିଯୋଗିତାମୂଳକ ପରୀକ୍ଷା କ୍ଷେତ୍ରରେ ମୋଟ ୪୬ଟି ଖାଲି ପଦ ପାଇଁ ଆବେଦନ ଆହ୍ୱାନ କରାଯାଇଛି। ଏଥିପାଇଁ ଜଣେ ସିଭିଲ୍ ଜଜ୍ (ସିନିୟର ଡିଭିଜନ୍) ଭାବେ ୩ ବର୍ଷର ଏବଂ ସିଭିଲ୍ ଜଜ୍ (ଜୁନିୟର ଡିଭିଜନ୍ ଓ ସିନିୟର ଡିଭିଜନ୍ ମିଶି) ସର୍ବନିମ୍ନ ୭ ବର୍ଷର ଚାକିରି ଅଭିଜ୍ଞତା ଥିବା ଆବଶ୍ୟକ। ଆସନ୍ତା ନଭେମ୍ବର ୯ରୁ ୨୫ତାରିଖ ଯାଏଁ ଅନଲାଇନ ଆବେଦନ ଓଡ଼ିଶା ହାଇକୋର୍ଟର ୱେବସାଇଟକୁ ଯାଇ କରିପାରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ସେହିଭଳି ୩୦ଟି ସିନିଅର ସିଭିଲ ଜଜ୍ ଖାଲି ପଦ ବିଭାଗୀୟ ପରୀକ୍ଷା ମାଧ୍ୟମରେ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ସିଭିଲ ଜଜ୍ ଜୁନିଅର ଭାବେ ୩ ବର୍ଷର ଅଭିଜ୍ଞତାକୁ ଯୋଗ୍ୟତା ମାପଦଣ୍ଡ ରଖାଯାଇଛି।

୧୪ଟି ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଛି ୧୦୫ ପାଠାଗାର କର୍ମଚାରୀ ପଦ

କଟକ,୬।୧୧(ସମିସ): ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରେ ପାଠାଗାର କର୍ମଚାରୀ ପଦ ଖାଲି ପଡିଥିବା ବେଳେ ଏହା ପୂରଣ କରାଯାଉ ନଥିବା ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାର ଆଜି ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ତରଫରୁ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଗୁଡିକର କୁଳସଚିବଙ୍କୁ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୬ରେ ହେବ। ଆବେଦନକାରୀ ଦର୍ଶାଇଛନ୍ତି ଯେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଏହି ବିଶ୍ୱବିଦ୍ୟାଳୟଗୁଡିକର ମୋଟ ୧୧୩ଟି ପାଠାଗାର କର୍ମଚାରୀଙ୍କ ଅନୁମୋଦିତ ପଦରୁ ୧୦୫ଟି ଖାଲି ଅଛି। ଏନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ବିଧାନସଭାକୁ ଅବଗତ କରାଇଛନ୍ତି। ସୂଚନାନୁସାରେ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୨ଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୦ଟି, ମଧୁସୂଦନ ଆଇନ

ସମସ୍ତ କୁଳସଚିବଙ୍କୁ ହାଇକୋର୍ଟଙ୍କ ନୋଟିସ

ବିଶ୍ୱବିଦ୍ୟାଳୟରେ ୫ଟି, ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୧୦ଟି ଓ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ସମସ୍ତ ୯ଟି ଅନୁମୋଦିତ ପଦ ଖାଲି ପଡ଼ିଛି। ଏହି ବିଶ୍ୱବିଦ୍ୟାଳୟଗୁଡିକ ପ୍ରତିଷ୍ଠା ହେବା ପରେ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିଭଳି ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୬ଟି ପଦରୁ ୧୫ଟି, ଉତ୍କଳ ବିଶ୍ୱବିଦ୍ୟାଳୟର ୨୯ଟିରୁ ୧୭ଟି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୧ଟିରୁ ୭ଟି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୬ଟିରୁ ୫ଟି, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୯ଟି ପାଠାଗାର କର୍ମଚାରୀ ପଦରୁ ୨ଟି ଖାଲି ପଡ଼ିଛି। ଦୁଇଟି ରାଜ୍ୟ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଶ୍ୱବିଦ୍ୟାଳୟ ଏବଂ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଅନୁମୋଦିତ ପାଠାଗାର କର୍ମଚାରୀ ପଦ ସୃଷ୍ଟି ହୋଇନାହିଁ। ଛାତ୍ରଛାତ୍ରୀଙ୍କ ନିମନ୍ତରେ ଶିକ୍ଷା ଓ ଗବେଷଣା ପାଇଁ ପାଠାଗାର ଗୁରୁତ୍ୱ ବହନ କରୁଥିବା ବେଳେ ବିଶ୍ୱବିଦ୍ୟାଳୟର ଖାଲି ପଡ଼ିଥିବା ଲାଇବ୍ରେରୀ କର୍ମଚାରୀ ପଦ ପୂରଣ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଛି।


ଡ୍ରିମ୍‌ସ ମେଡିକାଲ କଲେଜ ନବାଗତ ବିଦ୍ୟାର୍ଥୀଙ୍କ ସଂକଳ୍ପ ସମାରୋହ

'ଡାକ୍ତରୀ ବୃତ୍ତିର ମହନୀୟତା ପାଇଁ ସାଧନା ଜାରି ରଖ'

କଟକ,୬।୧୧(ସମିସ): ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲ୍‌ଥ ସାଇନ୍ସ ଓ ହସ୍ପିଟାଲର ନବାଗତ ଏମ୍‌ବିବିଏସ୍ (୨୦୨୬-୨୭) ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସଂକଳ୍ପ ପାଠ (ହ୍ୱାଇଟ୍ କୋଟ୍ ଉତ୍ସବ) ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମାରୋହକୁ ଉଦ୍‌ଘାଟନ କରିବା ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରି ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଜ୍ୟ ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ (ଡିଏମ୍‌ଇଟି) ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ କହିଲେ ଗ୍ରାମାଞ୍ଚଳରେ ଗଢି ଉଠିଥିବା ଡ୍ରିମ୍‌ସ ସମ୍ଭବତଃ ରାଜ୍ୟର ପ୍ରଥମ ମେଡିକାଲ କଲେଜର ଗୌରବ ବହନ କରେ। ଏଥିପାଇଁ ଏହି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡ. ରଥ ଧନ୍ୟବାଦର ପାତ୍ର ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି



ଏମ୍‌ବିବିଏସ୍ ଛାତ୍ରଛାତ୍ରୀମାନେ 'ଡ୍ରିମ୍‌ସ ପରିବାର'ର ନୂତନ ସଦସ୍ୟ ଭାବରେ ପରିଗଣିତ ହେବା ସହିତ ଶିକ୍ଷାନୁଷ୍ଠାନର ଅଗ୍ରଗତି ଓ ସୁନାମ ବୃଦ୍ଧିରେ ପ୍ରମୁଖ ଅଂଶୀଦାର ହେବେ ବୋଲି ଆଶା ବ୍ୟକ୍ତ କରିଥିଲେ। ଶିକ୍ଷାନୁଷ୍ଠାନର 'ଡିନ୍' ପ୍ରଫେସର ଡା. ରଂଜନ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ଡ. ଗୋପାଳକୃଷ୍ଣ ନାୟକ ଡାକ୍ତରୀ ଭଳି ଏକ ମହତ୍ୱପୂର୍ଣ୍ଣ ଓ ଆହ୍ୱାନମୂଳକ ବୃତ୍ତିକୁ ସଠିକ୍ ଭାବରେ ନିର୍ବାହ ଲାଗି ନିଜକୁ ପ୍ରସ୍ତୁତ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ପ୍ରଫେସର ଡା. ଗଙ୍ଗାଧର ସାହୁ ତାଙ୍କ ବକ୍ତବ୍ୟରେ ଉତ୍ତମ ବ୍ୟବହାର, ସହାନୁଭୂତିଶୀଳ ମନୋଭାବ ଏବଂ ଆଧ୍ୟାତ୍ମିକ ଚିନ୍ତନ ଭିତରେ ମାନବ ସମାଜର କଲ୍ୟାଣ ନିମନ୍ତେ ନିଜର ଦକ୍ଷତା ବିନିଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଡ୍ରିମ୍‌ସ ମେଡିକାଲ କଲେଜର ଚେୟାରମ୍ୟାନ୍ ଇଂ ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶିକା ପ୍ରଫେସର ଡା. ଲୁସି ଦାସ, ପ୍ରଫେସର ଡା. ସଂଧ୍ୟାରାଣୀ ମହାରଣା, ପ୍ରଫେସର ଡା. ନିରୂପମା ଚୟନୀ. ପ୍ରଫେସର ଡା. ଅର୍ପିତା ପ୍ରିୟଦର୍ଶିନୀ ତ୍ରିପାଠୀ, ଡା. ପ୍ରଜ୍ଞାଦାରିଚା ଯୋଶୀ ପ୍ରମୁଖ ଡାକ୍ତରୀ ଶିକ୍ଷାର ଗୁରୁତ୍ୱ ଓ ହ୍ୱାଇଟ୍ କୋଟ୍‌ର ମର୍ଯ୍ୟାଦା ଉପରେ ଆଲୋକପାତ କରିଥିଲେ। ମେଡିକାଲ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର ଡା. ଜୟପ୍ରକାଶ ରୁସେଲ ରାବଣ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଓ ଅଭିଭାବକ ସେମାନଙ୍କର ଅନୁଭୂତି ଉପସ୍ଥାପନ କରିଥିଲେ। ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ପ୍ରଫେସର ଡା. ମନୋରଂଜନ ମଲ୍ଲିକ, ପ୍ରଫେସର ଡା. ମାୟା ପାଢୀଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଓ ପଦାଧିକାରୀ ଉତ୍ସବରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥ ଓ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।





ବିଶେଷ ଟିପ୍ପଣୀ



ମୋ' ବିରୁଦ୍ଧରେ ମହାଅଭିଯୋଗ ପ୍ରସ୍ତାବ ଆଣିଲେ ଡେମୋକ୍ରାଟ୍‌ମାନେ ବର୍ବାଦ ହୋଇଯିବେ।
-ଡୋନାଲ୍ଡ ଟ୍ରମ୍ପ (ଆମେରିକା ରାଷ୍ଟ୍ରପତି)



ଯାହା ହୋଇଯାଉ ପଛେ ମୁଁ ଡିସେମ୍ବରରେ ହିଁ ବାଂଲାଦେଶ ଫେରିଯିବି।
-ଶେଖ୍ ହାସିନା ୱାଜେଦ୍
(ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ

ଜେନ୍ Z

ପ୍ରଧାନମନ୍ତ୍ରୀ ମୋଦୀ ପୁଣିଥରେ ବିଫଳ ହୋଇଥିବାରୁ 'ଦିମାଗୀ ନକ୍ସଲ' ଶବ୍ଦର ବ୍ୟବହାର କରୁଛନ୍ତି। ଭୋଟ ଚୋରି ଅଭିଯୋଗ ଉପରେ ତାଙ୍କ ପାଖରେ କୌଣସି ଉତ୍ତର ନାହିଁ। ଭାରତର ସ୍ୱାର୍ଥକୁ ବିଦେଶୀ ଶକ୍ତିଙ୍କ ପାଖରେ ବନ୍ଧକ ରଖିଥିବା ପ୍ରସଙ୍ଗରେ ରାହୁଲ ଗାନ୍ଧୀଙ୍କ ଖୋଲା ବିତର୍କ ଆହ୍ୱାନର ମଧ୍ୟ ଜବାବ ଦେଉନାହାନ୍ତି।

-@kharge

ଭାରତରେ ପ୍ରତି ମିନିଟ୍‌ରେ ପ୍ରଦୂଷଣ ନେଉଛି ୪ ଜୀବନ



ଦିନକୁ ୫୫୦୦, ବର୍ଷକୁ ୨୦ ଲକ୍ଷରୁ ଅଧିକ ମୃତ୍ୟୁ

ନୂଆଦିଲ୍ଲୀ,୫।୧୧(ଏଜେନ୍ସି): ବାୟୁ ପ୍ରଦୂଷଣ ଭାରତରେ ଗମ୍ଭୀର ଜନସ୍ୱାସ୍ଥ୍ୟ ସଙ୍କଟରେ ପରିଣତ ହୋଇଛି। 'ଷ୍ଟେଟ୍ ଅଫ୍ ଗ୍ଲୋବାଲ୍ ଏୟାର୍-୨୦୨୫' ରିପୋର୍ଟ ଅନୁଯାୟୀ, ଦେଶରେ ପ୍ରତି ମିନିଟ୍‌ରେ ପ୍ରାୟ ୪ ଜଣଙ୍କ ମୃତ୍ୟୁ ବାୟୁ ପ୍ରଦୂଷଣ ଯୋଗୁଁ ହେଉଛି। ଏହି ହିସାବରେ ଦିନକୁ ୫୫୦୦ରୁ ଅଧିକ ଏବଂ ବର୍ଷକୁ ୨୦ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଉଛନ୍ତି। ଆଇକ୍ୟୁଏୟାର୍‌ର ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟ-୨୦୨୫ ଅନୁଯାୟୀ, ବିଶ୍ୱର ସବୁଠାରୁ ପ୍ରଦୂଷିତ ଦେଶ ତାଲିକାରେ ଭାରତ ଷଷ୍ଠ ସ୍ଥାନରେ ରହିଥିଲା। ଦିଲ୍ଲୀରେ ବାର୍ଷିକ ହାରାହାରି ପିଏମ୍ ୨.୫ ସାନ୍ଦ୍ରତା ଘନମିଟର ପ୍ରତି ୯୯.୬ ମାଇକ୍ରୋଗ୍ରାମ୍ ଥିଲା। ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୁପାରିସ ସୀମାଠାରୁ ପ୍ରାୟ ୨୦ ଗୁଣ ଅଧିକ। ପ୍ରଦୂଷଣ ଯୋଗୁଁ ରୋଗୀଙ୍କ ସଂଖ୍ୟା, ହସ୍ପିଟାଲ ଖର୍ଚ୍ଚ ଓ କାର୍ଯ୍ୟସ୍ଥଳରେ ଅନୁପସ୍ଥିତି ବଢ଼ୁଛି। ୨୦୨୦ରେ ଗ୍ରୀନ୍‌ପିସ୍ ଓ ଅନ୍ୟ ସଂସ୍ଥାଙ୍କ ସହଯୋଗରେ ହୋଇଥିବା ଏକ ଅଧ୍ୟୟନ ଅନୁଯାୟୀ, ବାୟୁ ପ୍ରଦୂଷଣ ଯୋଗୁଁ ଦିଲ୍ଲୀର ବାର୍ଷିକ ମୋଟ ଘରୋଇ ଉତ୍ପାଦର ୫.୮ ପ୍ରତିଶତ କ୍ଷତି ହୋଇଥିଲା। ୨୦୨୦ର ପ୍ରଥମ ଛଅ ମାସରେ ଏହି ଆର୍ଥିକ କ୍ଷତି ୩.୫ ବିଲିୟନ୍ ଡଲାର ଆକଳନ କରାଯାଇଥିଲା। ଯାନବାହନ ଧୂଆଁ, ଶିଳ୍ପ କାରଖାନା, ନିର୍ମାଣ କାର୍ଯ୍ୟର ଧୂଳି, ଆବର୍ଜନା ଓ ଫସଲ ଅବଶେଷ ପୋଡ଼ିବା ପ୍ରଦୂଷଣର ପ୍ରମୁଖ କାରଣ। କମ୍ ପବନ ଓ ପାଣିପାଗର ଅନୁକୂଳ ନଥିବା ସ୍ଥିତିରେ ପ୍ରଦୂଷିତ ବାୟୁ ଭୂପୃଷ୍ଠ ନିକଟରେ ଜମା ହୋଇ ରହେ। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କେବଳ ଶୀତଦିନରେ କଟକଣା ଲଗାଇଲେ ହେବନାହିଁ। କେନ୍ଦ୍ର ସରକାର ସହ ଦିଲ୍ଲୀ, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ଓ ରାଜସ୍ଥାନ ସରକାରଙ୍କ ମଧ୍ୟରେ ସମନ୍ୱୟ ଆବଶ୍ୟକ। ପାଣିପାଗ ବିଭାଗ ଅନୁଯାୟୀ, ନଭେମ୍ବର ୬ ଓ ୭ରେ ଦିଲ୍ଲୀରେ ହାଲୁକା କୁହୁଡ଼ି ରହିବ। ତାପମାତ୍ରା ୧୬ରୁ ୨୮ ଡିଗ୍ରୀ ମଧ୍ୟରେ ରହିବା ସହ ବର୍ଷାର ସମ୍ଭାବନା ନାହିଁ। ଏହି ସମୟରେ ବାୟୁର ମାନ ଆହୁରି ଖରାପ ହୋଇ 'ଗମ୍ଭୀର' ସ୍ତରକୁ ଯାଇପାରେ।

ଦିଲ୍ଲୀ ସମେତ ଉତ୍ତର ଭାରତର ବିଭିନ୍ନ ଅଞ୍ଚଳରେ ଶୀତଋତୁ ଆରମ୍ଭ ସହ ପ୍ରଦୂଷଣ ସ୍ଥିତି ଉଦ୍‌ବେଗଜନକ ହୋଇପଡ଼ିଛି। ନଭେମ୍ବର ୪ରେ ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ ୩୭୭ରେ ପହଞ୍ଚିଥିଲା। ଏହା 'ଅତି ଖରାପ' ଶ୍ରେଣୀରେ ରହିଥିବା ବେଳେ ୫୯ଟି ନିରୀକ୍ଷଣ କେନ୍ଦ୍ର ମଧ୍ୟରୁ ୨୨ଟିରେ ବାୟୁର ମାନ 'ଗମ୍ଭୀର' ସ୍ତରକୁ ଖସିଥିଲା। ନୋଏଡା, ଗ୍ରେଟର ନୋଏଡା ଓ ଗୁରୁଗ୍ରାମରେ ମଧ୍ୟ ପ୍ରଦୂଷଣ ସ୍ଥିତି ଖରାପ ରହିଛି। ପ୍ରଦୂଷଣରେ ଥିବା ପିଏମ୍ ୨.୫ ନାମକ ଅତି ସୂକ୍ଷ୍ମ ଧୂଳିକଣା ଫୁସ୍‌ଫୁସ୍‌ର ଗଭୀର ଅଂଶକୁ ପ୍ରବେଶ କରି ରକ୍ତରେ ମିଶିପାରେ। ଏହା ହୃଦ୍‌ରୋଗ, ମସ୍ତିଷ୍କ ଆଘାତ, ଫୁସ୍‌ଫୁସ୍ କର୍କଟ ଓ ଦୀର୍ଘକାଳୀନ ଶ୍ୱାସଜନିତ ରୋଗର ଆଶଙ୍କା ବଢ଼ାଏ। ଶିଶୁ, ବୟସ୍କ ଓ ପୂର୍ବରୁ ଅସୁସ୍ଥ ଥିବା ବ୍ୟକ୍ତି ଏହାଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି।

ଶେଷରେ ନଇଁଲେ ନିର୍ବାଚନ କମିସନ

ଫର୍ମ-୬ରୁ ଅଲଗା ହେଲା ଏସ୍‌ଆଇଆର୍ ଘୋଷଣାପତ୍ର

- **ଦୁଇ ନିର୍ବାଚନ କମିସନର ଉଠାଇଥିଲେ ଆପତ୍ତି**
- **ଇସିନେଟ୍ ପୋର୍ଟାଲରେ ବି ଲାଗୁ ହେଲା ନୂଆ ବ୍ୟବସ୍ଥା**

ନୂଆଦିଲ୍ଲୀ,୫।୧୧(ଏଜେନ୍ସି): ଭୋଟର ତାଲିକାରେ ନୂଆ ନାମ ସାମିଲ କରିବା ପାଇଁ ଉଦ୍ଦିଷ୍ଟ ଫର୍ମ-୬ରୁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ସମ୍ପର୍କିତ ଘୋଷଣାପତ୍ରକୁ ଅଲଗା କରିଛି ଭାରତୀୟ ନିର୍ବାଚନ କମିସନ (ଇସିଆଇ)। ଦୁଇ ନିର୍ବାଚନ କମିସନରଙ୍କ ଆପତ୍ତି ପରେ ଏହି ପଦକ୍ଷେପ ନିଆଯାଇଛି। ନଭେମ୍ବର ୪ ଓ ୫ ତାରିଖରେ ଇସିନେଟ୍ ପୋର୍ଟାଲରେ ଏହି ପରିବର୍ତ୍ତନ ଲାଗୁ ହୋଇଛି। ନୂଆ ବ୍ୟବସ୍ଥା ଅନୁଯାୟୀ, ଭୋଟର ତାଲିକାରେ ନାମ ଯୋଡ଼ିବା ପାଇଁ ଆବେଦନକାରୀଙ୍କୁ ଏଣିକି ଫର୍ମ-୬ ସହିତ ଏସ୍‌ଆଇଆର୍ ଘୋଷଣାପତ୍ର ଦାଖଲ କରିବାକୁ ପଡ଼ିବନାହିଁ। ପୂର୍ବରୁ ଏସ୍‌ଆଇଆର୍ ପ୍ରକ୍ରିୟା ଶେଷ ହୋଇଥିବା ରାଜ୍ୟଗୁଡ଼ିକରେ ଏହି ଘୋଷଣାପତ୍ରକୁ ଫର୍ମ-୬ରୁ ହଟାଯାଇଥିଲା। ଏବେ ଏହି ବ୍ୟବସ୍ଥା ଚାଲୁଥିବା ରାଜ୍ୟଗୁଡ଼ିକରେ ମଧ୍ୟ ଲାଗୁ ହୋଇଛି।

ସୂଚନାନୁଯାୟୀ, ମେ' ୧୬ ତାରିଖରେ ନିର୍ବାଚନ କମିସନର ବିବେକ ଯୋଶୀ ଆନୁଷ୍ଠାନିକ ସଂଶୋଧନ ବିନା ଫର୍ମ-୬ରେ ଏହି ଘୋଷଣାପତ୍ର ଯୋଡ଼ାଯିବାକୁ ବିରୋଧ କରିଥିଲେ। ଅଗଷ୍ଟ ୧୩ରେ ଅନ୍ୟ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ମଧ୍ୟ ଏହାକୁ ଅନଧିକୃତ ଓ ବେଆଇନ ବୋଲି ଦର୍ଶାଇଥିଲେ। ସେପ୍ଟେମ୍ବର ୨୬ରେ ପୂର୍ଣ୍ଣାଙ୍ଗ କମିସନ ଏହି ଘୋଷଣାପତ୍ରକୁ କେତେକ ରାଜ୍ୟରେ ଜାରି ରଖିବା ଏବଂ ଅନ୍ୟ ରାଜ୍ୟରେ ହଟାଇବାକୁ ନିଷ୍ପତ୍ତି ନେଇଥିଲେ। ପରେ ଅକ୍ଟୋବର ୨୧ରେ ଏହାକୁ ଅଲଗା କରିବା ନିଷ୍ପତ୍ତି ହୋଇଥିଲା। ଅକ୍ଟୋବର ୨୬ରେ ସୁପ୍ରିମକୋର୍ଟରେ ଦାଖଲ ସତ୍ୟପାଠରେ କମିସନ ଏହା ସ୍ପଷ୍ଟ କରିଥିଲେ। ଅନ୍ୟପକ୍ଷରେ କମିସନ ନିଜର ଆଭ୍ୟନ୍ତରୀଣ କାର୍ଯ୍ୟପ୍ରଣାଳୀରେ ମଧ୍ୟ କିଛି ପରିବର୍ତ୍ତନ କରିଛନ୍ତି। ଏଣିକି ବୈଠକର ଏଜେଣ୍ଡା ପୂର୍ବରୁ ବଣ୍ଟନ କରାଯିବ ଏବଂ ବୈଠକର ବିବରଣୀ ଔପଚାରିକ ଭାବେ ପ୍ରକାଶ ପାଇବ। ବିଦେଶ ଗସ୍ତ ପୂର୍ବରୁ ଅଧିକାରୀମାନେ କମିସନଙ୍କ ଅନୁମତି ନେବେ। ନୂଆ ସୂଚନା ପ୍ରଯୁକ୍ତି ମଡ୍ୟୁଲ୍ ପ୍ରସ୍ତାବ ମଧ୍ୟ କମିଟି ଯାଞ୍ଚ ପରେ କମିସନଙ୍କ ନିକଟକୁ ଯିବ। ଏସ୍‌ଆଇଆର୍‌କୁ ନେଇ ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ମଧ୍ୟରେ ଏହି ପରିବର୍ତ୍ତନକୁ ନିର୍ବାଚନ କମିସନଙ୍କ କାର୍ଯ୍ୟପ୍ରଣାଳୀରେ ସ୍ୱଚ୍ଛତା ଓ ପ୍ରକ୍ରିୟାଗତ ସ୍ପଷ୍ଟତା ଆଣିବା ଦିଗରେ ଏକ ପଦକ୍ଷେପ ଭାବେ କୁହାଯାଉଛି।

୬ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ


- **ନଭେମ୍ବର ୩୦ରେ ପ୍ରକାଶ ପାଇବ ଚିଠା ତାଲିକା**
- **୨୦୨୭ ଜାନୁଆରୀ ୨୧ରେ ଚୂଡ଼ାନ୍ତ ତାଲିକା**

ନୂଆଦିଲ୍ଲୀ,୫।୧୧(ଏଜେନ୍ସି): ଓଡ଼ିଶା ସମେତ ୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) ପାଇଁ ଘୋଷଣା କରିଛନ୍ତି ନିର୍ବାଚନ ଆୟୋଗ। ଏହି ତାଲିକାରେ ଅରୁଣାଚଳ ପ୍ରଦେଶ, ଚଣ୍ଡିଗଡ଼, ଦାଦ୍ରା ଓ ନଗର ହାବେଲୀ ଏବଂ ଦାମନ ଓ ଦିଉ, ମିଜୋରାମ, ଓଡ଼ିଶା ଓ ସିକିମ ରହିଛି। ନଭେମ୍ବର ୩୦ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ୨୦୨୭ ଜାନୁଆରି ୨୧ରେ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯିବ। ଏହି ସଂଶୋଧନ ପ୍ରକ୍ରିୟାରେ ସମସ୍ତ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ସହ ତ୍ରୁଟି ସୁଧାରିବା ଉପରେ ଗୁରୁତ୍ୱ ଦିଆଯିବ। ବିଶେଷକରି ଯୁବ ଓ ପ୍ରଥମ ଥର ଭୋଟ ଦେବାକୁ ଥିବା ମତଦାତାଙ୍କୁ ତାଲିକାଭୁକ୍ତ କରାଯିବ। ୨୦୨୭ ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ରେ ୧୮ ବର୍ଷ ବୟସରେ ପହଞ୍ଚୁଥିବା ଯୁବକଯୁବତୀ ମଧ୍ୟ ଆଗୁଆ ଆବେଦନ କରିପାରିବେ। ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନରେ ପୂର୍ବରୁ ଥିବା ଭୋଟର ତାଲିକାକୁ ଆଧାର କରି ନୂଆ ନାମ ଯୋଡ଼ିବା ଓ ତ୍ରୁଟି ସୁଧାରିବା କାର୍ଯ୍ୟ କରାଯାଏ। ଅନ୍ୟପକ୍ଷରେ, ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍‌ଆଇଆର୍) ରେ ଘରକୁ ଘର ବୁଲି ଭୋଟରଙ୍କ ଯାଞ୍ଚ କରାଯାଏ। ଏହାପୂର୍ବରୁ ଅକ୍ଟୋବର ୧୫ରେ ନିର୍ବାଚନ ଆୟୋଗ ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଏସ୍‌ଆର୍ ଘୋଷଣା କରିଥିଲେ। ସେଠାରେ ନଭେମ୍ବର ୧୨ରେ ଚିଠା ତାଲିକା ଏବଂ ୨୦୨୭ ଜାନୁଆରି ୪ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ସଂଶୋଧନ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ଆବଶ୍ୟକ କର୍ମଚାରୀ ଓ ସମ୍ବଳ ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟସଭାକୁ ନିର୍ବାଚିତ ହେଲେ ହରଦୀପ ପୁରୀ

ଭୋପାଳ,୫।୧୧(ଏଜେନ୍ସି): ବିଜେପି ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ ମଧ୍ୟପ୍ରଦେଶରୁ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗୁରୁବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ସମୟ ସରିବା ପରେ ତାଙ୍କ ନିର୍ବାଚନ ଔପଚାରିକ ଭାବେ ଘୋଷଣା କରାଯାଇଛି। ପୁରୀଙ୍କ ପ୍ରାର୍ଥିପତ୍ରରେ ୧୦୦ରୁ ଅଧିକ ତ୍ରୁଟି ଥିବା କଂଗ୍ରେସ ଅଭିଯୋଗ କରିଥିଲା। ତାଙ୍କ ପତ୍ନୀଙ୍କ ନାମ, ବିଦେଶରେ ଥିବା ସମ୍ପତ୍ତି ଓ ବ୍ୟାଙ୍କ ଖାତା ସମ୍ପର୍କିତ ତଥ୍ୟକୁ ନେଇ ଦଳ ପ୍ରଶ୍ନ ଉଠାଇଥିଲା। ତେବେ ରିଟର୍ଣ୍ଣିଂ ଅଫିସର ଉମେଶ କୁମାର ଶର୍ମା ସମସ୍ତ ଆପତ୍ତିକୁ ଖାରଜ କରିଥିଲେ। କଂଗ୍ରେସ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ରାଜକୁମାର ଲୋହାନି ଓ କାନ୍ତେ ସାୟାନ୍ନାଙ୍କ ପ୍ରାର୍ଥିପତ୍ର ମଧ୍ୟ ନାକଚ ହୋଇଥିଲା। ଫଳରେ ପୁରୀ ଏକମାତ୍ର ବୈଧ ପ୍ରାର୍ଥୀ ରହିଥିଲେ ଏବଂ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

ରାହୁଲଙ୍କୁ ଆଶ୍ୱସ୍ତି



ଏଫ୍‌ଆଇଆର୍ ଦାଖଲ ଆବେଦନ ଖାରଜ କଲେ ଆହ୍ଲାବାଦ ହାଇକୋର୍ଟ

ପ୍ରୟାଗରାଜ,୫।୧୧(ଏଜେନ୍ସି): ଆମେରିକା ଗସ୍ତ ସମୟରେ ଶିଖ୍ ସମ୍ପ୍ରଦାୟକୁ ନେଇ ଦେଇଥିବା କଥିତ ମନ୍ତବ୍ୟକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଏଫ୍‌ଆଇଆର୍ ଦାଖଲ କରିବା ଲାଗି ହୋଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି ଆହ୍ଲାବାଦ ହାଇକୋର୍ଟ। ଏହାଦ୍ୱାରା ଲୋକସଭାର ବିରୋଧୀ ଦଳ ନେତା ରାହୁଲଙ୍କୁ ଆଶ୍ୱସ୍ତି ମିଳିଛି। ବାରାଣସୀ ଅଦାଲତଙ୍କ ପୂର୍ବ ନିଷ୍ପତ୍ତିକୁ ହାଇକୋର୍ଟ କାଏମ ରଖିଛନ୍ତି। ୨୦୨୪ରେ ଆମେରିକା ଗସ୍ତ ସମୟରେ ରାହୁଲ ଭାରତରେ ଶିଖ୍‌ମାନେ ସୁରକ୍ଷିତ ଅନୁଭବ କରୁନାହାନ୍ତି ବୋଲି କହିଥିବା କିଛି ଖବରକାଗଜରେ ପ୍ରକାଶ ପାଇଥିଲା। ଏହାକୁ ଆଧାର କରି ନାଗେଶ୍ୱର ମିଶ୍ର ତାଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଆବେଦନ କରିଥିଲେ। ୨୦୨୫ ଅକ୍ଟୋବର ୧୭ରେ ବାରାଣସୀ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଏହି ଆବେଦନକୁ ଖାରଜ କରିଥିଲେ। ପରେ ଜୁଲାଇ ୯ରେ ସେସନ୍ସ ଅଦାଲତ ମଧ୍ୟ ଏହି ନିଷ୍ପତ୍ତିକୁ କାଏମ ରଖିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୫୨୮ ଅନୁଯାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ବିକ୍ରମ ଡି ଚୌହାନ ମାମଲାର ଶୁଣାଣି କରି କହିଥିଲେ ଯେ, ରାହୁଲଙ୍କ କଥିତ ମନ୍ତବ୍ୟ ସମ୍ପର୍କରେ କେବଳ କିଛି ଖବରକାଗଜରେ ପ୍ରକାଶିତ ରିପୋର୍ଟକୁ ଆଧାର କରାଯାଇଛି। କିନ୍ତୁ ଏହି ମନ୍ତବ୍ୟ କେବେ, କେଉଁ ସମୟରେ ଓ କେଉଁ ସ୍ଥାନରେ ଦିଆଯାଇଥିଲା, ତାହା ଆବେଦନରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ନାହିଁ। ଏଭଳି ସ୍ଥିତିରେ କାହା ବିରୋଧରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି।

ଅଟକ ସମୟରୁ ଗଣାହେବ ଗିରଫ ଅବଧି

୨୪ ଘଣ୍ଟାରୁ ଅଧିକ ରଖିଲେ ତୁରନ୍ତ ମୁକ୍ତ କରିବାକୁ ସୁପ୍ରିମ କୋର୍ଟ ନିର୍ଦ୍ଦେଶ

ନୂଆଦିଲ୍ଲୀ,୫।୧୧(ଏଜେନ୍ସି): କୌଣସି ବ୍ୟକ୍ତିଙ୍କୁ ପୁଲିସ ଅଟକ ରଖିବା ମୁହୂର୍ତ୍ତରୁ ୨୪ ଘଣ୍ଟାର ସାମ୍ବିଧାନିକ ସମୟସୀମା ଆରମ୍ଭ ହେବ। ଆନୁଷ୍ଠାନିକ ଭାବେ ଗିରଫ କରିବା ସମୟଠାରୁ ଏହି ସମୟ ଗଣନା ହେବ ନାହିଁ। ସୁପ୍ରିମ କୋର୍ଟ ଆଜି ଏସଂପର୍କରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଏହା ସ୍ପଷ୍ଟ କରିଛନ୍ତି। ମାମଲାର ଶୁଣାଣି ବେଳେ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁ ଓ ଜଷ୍ଟିସ ଅତୁଲ ଏସ୍ ଚାନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ସମ୍ବିଧାନର ଧାରା ୨୨(୨) ଅନୁଯାୟୀ, ଗିରଫ ଓ ଅଟକ ମଧ୍ୟରେ କୃତ୍ରିମ ପାର୍ଥକ୍ୟ କରାଯାଇପାରିବ ନାହିଁ। ଖଣ୍ଡପୀଠ କହିଛନ୍ତି ଯେ ଗିରଫ ବ୍ୟକ୍ତିଙ୍କୁ ୨୪ ଘଣ୍ଟା ମଧ୍ୟରେ ନିକଟତମ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରିବା ଆବଶ୍ୟକ। ତେବେ ଅଟକ ସ୍ଥାନରୁ ଅଦାଲତ ପର୍ଯ୍ୟନ୍ତ ଯାତ୍ରା ପାଇଁ ଆବଶ୍ୟକ ଯୁକ୍ତିଯୁକ୍ତ ସମୟକୁ ଏହି ୨୪ ଘଣ୍ଟାର ଗଣନାରୁ ବାଦ୍ ଦିଆଯାଇପାରିବ। ପଚରାଉଚରା, ତଦନ୍ତ, ତଲାସି କିମ୍ବା ଜବତ ଭଳି କାର୍ଯ୍ୟ ପାଇଁ ଆନୁଷ୍ଠାନିକ ଗିରଫ ପୂର୍ବରୁ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିଲେ, ସେହି ସମୟକୁ ୨୪ ଘଣ୍ଟାର ଗଣନା (ଗିରଫ)ରୁ ବାଦ୍ ଦିଆଯାଇପାରିବ ନାହିଁ। ଏହା ସମ୍ବିଧାନର ନିର୍ଦ୍ଦେଶର ଉଲ୍ଲଂଘନ ହେବ ବୋଲି ଅଦାଲତ ମତ ଦେଇଛନ୍ତି। ଅଟକ ନାମରେ ହାଜତରେ ହେଉଥିବା ନିର୍ଯାତନାକୁ କୋର୍ଟ ଭୟଙ୍କର ମାନବିକ ନିର୍ଯାତନା ବୋଲି କହିଛନ୍ତି। ଏହାକୁ ଏଡ଼ାଇବା ଲାଗି ସାମ୍ବିଧାନିକ ବ୍ୟବସ୍ଥା ପାଳନ କରାଯିବା ଜରୁରୀ। ଏହି ରାୟରେ ସୁପ୍ରିମକୋର୍ଟ ଆର୍ଯ୍ୟମାନ ପଟ୍ଟନାୟକ ମାମଲାରେ ଓଡ଼ିଶା ହାଇକୋର୍ଟ ସମେତ ଅନ୍ୟ ମାମଲାରେ ମାଡ୍ରାସ ଓ କେରଳ ହାଇକୋର୍ଟଙ୍କ ମତକୁ ଗ୍ରହଣ କରିନାହାନ୍ତି। ୨୪ ଘଣ୍ଟାରୁ ଅଧିକ ସମୟ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର ନକରି ଅଟକ ରଖାଯାଇଥିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ମୁକ୍ତ କରିବାକୁ ପଡ଼ିବ। ଅଟକର ପ୍ରକୃତ ତାରିଖ ଓ ସମୟ ଲିପିବଦ୍ଧ କରିବା ସହ ନିୟମ ପାଳନ ହୋଇଛି କି ନାହିଁ, ତାହା ମାଜିଷ୍ଟ୍ରେଟ୍ ନିଜେ ଯାଞ୍ଚ କରିବେ। ଏପରିକି ଅଟକ ଅବଧି ଅଯଥାରେ ଅଧିକ ହେଲେ ରିମାଣ୍ଡ ଅନୁମତିକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିପାରିବେ ବୋଲି ସର୍ବୋଚ୍ଚ ଅଦାଳତ କହିଛନ୍ତି।

ଟ୍ରମ୍ପଙ୍କ ବିରୋଧରେ ଆସିପାରେ ମହାଭିଯୋଗ




- **ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିରେ ବିଦ୍ରୋହ**
- **ତଡ଼ା ଖାଇବେ ରୁବିଓ**

ୱାସିଂଟନ,୫।୧୧(ଏଜେନ୍ସି): ମଧ୍ୟବର୍ତ୍ତୀ ନିର୍ବାଚନରେ ପରାଜୟ ପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ସଂସଦରେ ସଂଖ୍ୟାଗିଷ୍ଠତା ପାଇଥିବା ଡେମୋକ୍ରାଟିକ୍ ପାର୍ଟି ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଯୋଜନା କରୁଥିବାର ଖବର ମିଳିଛି। ପ୍ରଶାସନରେ ଦୁର୍ନୀତି ଏବଂ ବିଶେଷ କରି ନିଜ ପରିବାରକୁ ବ୍ୟାବସାୟିକ ଫାଇଦା ଦେବା ଲାଗି କ୍ଷମତାର ଦୁରୁପଯୋଗ ନେଇ ଟ୍ରମ୍ପଙ୍କ ବିରୋଧରେ ଅଭିଯୋଗ ରହିଛି। କେବଳ ଏତିକି ନୁହେଁ, ଏପଷ୍ଟାଇନ ଫାଇଲରେ ତାଙ୍କର ନାମ ରହିଛି ଏବଂ ଏହାକୁ ଚପାଇବା ଲାଗି ଟ୍ରମ୍ପ ଉଦ୍ୟମ ଚଳାଇଛନ୍ତି। ଅନ୍ୟାନ୍ୟ ଅନିୟମିତତା ସହିତ ଏହିସବୁ ଅଭିଯୋଗକୁ ଆଧାର କରି ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ ଆଣିବାକୁ ପ୍ରସ୍ତୁତି ଚାଲିଛି।

ଅନ୍ୟପଟେ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିରେ ବିଦ୍ରୋହର ସ୍ୱର ଉଠିଛି। ଦଳର ପରାଜୟ ପାଇଁ ଟ୍ରମ୍ପଙ୍କ ଇରାନ ଯୁଦ୍ଧ ନୀତି, ଶୁଳ୍କ ନୀତି ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପ୍ରତି ସମର୍ଥନକୁ ଦାୟୀ କରିଛନ୍ତି ଦଳୀୟ ନେତା। ଟ୍ରମ୍ପଙ୍କ ଘନିଷ୍ଠ ସମର୍ଥକମାନେ ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ୍‌ଙ୍କୁ ଟାର୍ଗେଟ୍ କରିଛନ୍ତି। ଯୁଦ୍ଧ ଶେଷ କରିବା ପାଇଁ ସ୍ପଷ୍ଟ ଯୋଜନା ନଥାଇ ସେ ରାଷ୍ଟ୍ରପତିଙ୍କୁ ଇରାନ ଯୁଦ୍ଧରେ ସାମିଲ କରାଇଥିବା ଅଭିଯୋଗ ହୋଇଛି। ବୈଦେଶିକ ମନ୍ତ୍ରୀ ରୁବିଓ ମଧ୍ୟ ତଡ଼ା ଖାଇପାରନ୍ତି। ତାଙ୍କ ସ୍ଥାନରେ ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋରଙ୍କୁ ବୈଦେଶିକ ମନ୍ତ୍ରୀ କରାଯାଇପାରେ। ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ଇରାନ ଯୁଦ୍ଧ ଯୋଗୁଁ ପରାଜୟ ହୋଇଥିବା କହିଛନ୍ତି। ୪୩୫ ଆସନ ବିଶିଷ୍ଟ ଆମେରିକାର ପ୍ରତିନିଧି ସଭାରେ ଡେମୋକ୍ରାଟିକ୍ ପାର୍ଟି ୨୪୭ଟି ଆସନ ଜିତିଥିବାବେଳେ ରିପବ୍ଲିକାନ୍ ପାର୍ଟି ୧୫୩ଟି ଆସନ ପାଇଛି। ସିନେଟରେ ଡେମୋକ୍ରାଟଙ୍କୁ ୫୪ ଓ ରିପବ୍ଲିକାନଙ୍କୁ ୪୪ ଆସନ ମିଳିଛି।

ଆମେରିକା ନିର୍ବାଚନରେ ୬ ଜଣ ଭାରତୀୟ ବଂଶୋଦ୍ଭବ ବିଜୟୀ



ୱାସିଂଟନ,୫।୧୧(ଏଜେନ୍ସି): ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀମାନେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଆମେରିକାର ପ୍ରତିନିଧି ସଭାକୁ ୬ ଜଣ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ସମସ୍ତେ ଡେମୋକ୍ରାଟିକ୍ ଦଳର। ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ ରୋ ଖାନ୍ନା, ଅମି ବେରା, ପ୍ରମିଳା ଜୟପାଲ, ସୁହାସ ସୁବ୍ରମଣ୍ୟମ, ପିଆ ଦାଣ୍ଡିଆ ଓ ଅମିଶ ଶାହ ଅଛନ୍ତି। ଅମି ବେରା କ୍ରମାଗତ ଅଷ୍ଟମ ଥର ପାଇଁ କାଲିଫର୍ଣ୍ଣିଆରୁ ବିଜୟୀ ହୋଇଛନ୍ତି। ରୋ ଖାନ୍ନା ଷଷ୍ଠ ଥର ଏବଂ ପ୍ରମିଳା ଜୟପାଲ ମଧ୍ୟ ଷଷ୍ଠ ଥର ପାଇଁ ବିଜୟ ହାସଲ କରିଛନ୍ତି। ସୁହାସ ସୁବ୍ରମଣ୍ୟମ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିବାବେଳେ ପିଆ ଦାଣ୍ଡିଆ ପ୍ରଥମ ଥର ପ୍ରତିନିଧି ସଭାକୁ ଯାଇଛନ୍ତି। ଅମିଶ ଶାହ ଆରିଜୋନାରୁ ବିଜୟୀ ହୋଇ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ଏହି ରାଜ୍ୟରୁ ଆମେରିକା କଂଗ୍ରେସକୁ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସମର୍ଥନ ସତ୍ତ୍ୱେ ବିବେକ ରାମସ୍ୱାମୀ ଡେମୋକ୍ରାଟିକ୍ ପ୍ରାର୍ଥୀ ଏମି ଆକ୍ଟନଙ୍କଠାରୁ ୨ ଲକ୍ଷରୁ ଅଧିକ ଭୋଟ୍‌ରେ ହାରିଛନ୍ତି। ଏହାବ୍ୟତୀତ ମେରିଲାଣ୍ଡର ଉପଗଭର୍ଣ୍ଣର ଅରୁଣା ମିଲର ପୁନଃନିର୍ବାଚିତ ହୋଇଛନ୍ତି। ଟେକ୍ସାସ, ପେନ୍‌ସିଲଭାନିଆ, ଜର୍ଜିଆ ଓ ଇଲିନୟରେ ମଧ୍ୟ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି। ଜର୍ଜିଆରେ ଜ୍ୟୋତ ସିଂହ ପ୍ରଥମ ଭାରତୀୟ ବଂଶୋଦ୍ଭବ ଓ ଶିଖ୍ ଆମେରିକୀୟ ଭାବେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇ ଇତିହାସ ରଚିଛନ୍ତି।

ଜ୍ଞାନେଶ କୁମାରଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ



ଥିରୁବନନ୍ତପୁରମ, ୫।୧୧: ଲାଞ୍ଚ ମାମଲାରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି କେରଳମ ସରକାର। ୧୯୮୮ ବ୍ୟାଚ୍‌ର ଆଇଏଏସ୍ ଅଫିସର ଜ୍ଞାନେଶ କୁମାର ୨୦୦୬ରେ କେରଳ ପିଡବ୍ଲ୍ୟୁଡି ସଚିବ ଥିବା ବେଳେ ମାଲେସିଆର ଜଣେ ଯନ୍ତ୍ରୀଙ୍କ ଠାରୁ ଉତ୍କୋଚ ଦାବି କରିଥିଲେ। କେରଳ ପରିବହନ ପ୍ରକଳ୍ପର ନିର୍ମାଣ ଦାୟିତ୍ୱରେ ଥିଲା ପାଟି-ବେଲ୍ ନାମକ ଅନ୍ତର୍ଜାତିକ ସଂସ୍ଥା। ଏହାର ମୁଖ୍ୟ ପ୍ରକଳ୍ପ ମ୍ୟାନେଜର ଥିଲେ ମାଲେସିଆର ଯନ୍ତ୍ରୀ ଲି ସି ବିନ୍। ବିଲ୍ ଅନୁମୋଦନ ପାଇଁ ଜ୍ଞାନେଶ କୁମାର ତାଙ୍କ ଠାରୁ ଉତ୍କୋଚ ଦାବି କରିଥିଲେ। ଏହାକୁ ନେଇ ଚାପରେ ଥିବା ଲି ଆତ୍ମହତ୍ୟା କରିଥିଲେ ବୋଲି ଅଭିଯୋଗ ହୋଇଛି। ବିଶ୍ୱ ବ୍ୟାଙ୍କ ସହାୟତାରେ ଏହି ପ୍ରକଳ୍ପରେ ରାସ୍ତା ନିର୍ମାଣ ହୋଇଥିଲା। ୨୦୦୨ରେ ପ୍ରକଳ୍ପର ନିର୍ମାଣ କାମ ଆରମ୍ଭ ହୋଇଥିଲା। ରାଜ୍ୟରେ କଂଗ୍ରେସ ସରକାର ଆସିବା ପରେ ଜ୍ଞାନେଶ କୁମାରଙ୍କ ବିରୋଧରେ ଏହି ଦୁର୍ନୀତି ଫାଇଲ ଖୋଲିଛନ୍ତି।

ନେତନ୍ୟାହୁଙ୍କ ହାତ ଛାଡ଼ିଲେ ସହଯୋଗୀ; ସରକାର ଗଢ଼ିବେ ଆଇଜେନକୋଟ୍



- **ଆଇଜେନକୋଟ୍‌ଙ୍କୁ ୬୭, ନେତାନ୍ୟାହୁଙ୍କୁ ୫୩ ସାଂସଦଙ୍କ ସମର୍ଥନ**
- **ସମର୍ଥନ ଜଣାଇଲେ ଆରବ ଦଳ**

ତେଲ୍ ଆଭିଭ୍,୫।୧୧(ଏଜେନ୍ସି): ଇସ୍ରାଏଲ୍‌ରେ ନୂଆ ସରକାର ଗଠନରେ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କୁ ଗୁରୁତର ଝଟକା ଲାଗିଛି। ସହଯୋଗୀ ଦଳ ତାଙ୍କ ହାତ ଛାଡ଼ି ବିରୋଧୀ ଦଳକୁ ସମର୍ଥନ ଘୋଷଣା କରିଛି। ଫଳରେ ବିରୋଧୀ ନେତା ଗାଡି ଆଇଜେନକୋଟ୍ ନୂଆ ସରକାର ଗଠନ କରିବା ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ତାଙ୍କୁ ୬୭ ଜଣ ସାଂସଦଙ୍କ ସମର୍ଥନ ମିଳିଥିବା ବେଳେ ବେଞ୍ଜାମିନ୍ ନେତନ୍ୟାହୁଙ୍କୁ ୫୩ ଜଣ ସାଂସଦ ସମର୍ଥନ କରିଛନ୍ତି। ୧୨୦ ସଭ୍ୟ ବିଶିଷ୍ଟ ସଂସଦରେ ସରକାର ଗଠନ କରିବା ଲାଗି ୬୧ ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ଆଇଜେନକୋଟ୍‌ଙ୍କ ସପକ୍ଷରେ ୬ଯାଇ ଅଧିକ ସମର୍ଥନ ରହିଛି। ୧୯ ଜଣିଆ ଆରବ ଦଳ ସମର୍ଥନ ଘୋଷଣା କରିବା ପରେ ଆଇଜେନକୋଟ୍ ସ୍ଥିତି ମଜବୁତ ହୋଇଛି।

ଅକ୍ଟୋବର ୨୭ରେ ହୋଇଥିବା ନିର୍ବାଚନରେ କୌଣସି ମେଣ୍ଟ ବହୁମତ ପାଇନଥିଲା। ଏହି ପରିସ୍ଥିତିରେ ବିରୋଧୀ ଦଳର ଚାରି ନେତା ଆଇଜେନକୋଟ୍, ନାଫ୍‌ତାଲି ବେନେଟ୍, ୟାଇର ଲାପିଡ୍ ଓ ୟାଇର ଗୋଲାନ୍ ଏକାଠି ହୋଇ ନେତନ୍ୟାହୁଙ୍କୁ କ୍ଷମତାରୁ ହଟାଇବାକୁ ଉଦ୍ୟମ କରୁଛନ୍ତି। ଆଇଜେନକୋଟ୍‌ଙ୍କ ପାଇଁ ଆରବ ଦଳଙ୍କ ସମର୍ଥନ ଗୁରୁତ୍ୱପୂର୍ଣ୍ଣ। ରାମ୍ ଦଳ ତାଙ୍କୁ ସମର୍ଥନ ଘୋଷଣା କରିଛି। ଅନ୍ୟପକ୍ଷରେ ନିର୍ବାଚନରେ ଜାଲିଆତି ଖବରକୁ ରାଷ୍ଟ୍ରପତି ଆଇଜାକ୍ ହର୍ଜଗ୍ ଅଗ୍ରାହ୍ୟ କରିଦେଇଛନ୍ତି।

ୟୁରୋପରେ ବିମାନକୁ ଘନଘନ ବୋମା ଧମକ



- **୭ଟି ବିମାନର ଗତିପଥ ପରିବର୍ତ୍ତନ**
- **ଅନେକ ବିମାନର ଜରୁରୀ ଅବତରଣ**

ନୂଆଦିଲ୍ଲୀ,୫।୧୧(ଏଜେନ୍ସି): ୟୁରୋପରେ ବିଭିନ୍ନ ଦେଶକୁ ଯାଉଥିବା ଏକାଧିକ ବାଣିଜ୍ୟିକ ବିମାନକୁ ବୋମା ଧମକ ମିଳିବା ପରେ ବିମାନ ଚଳାଚଳରେ ବିଭ୍ରାଟ ସୃଷ୍ଟି ହୋଇଛି। ଅଷ୍ଟ୍ରିଆ, ଫ୍ରାନ୍ସ, ଇଟାଲୀ, ବେଲଜିୟମ, ଚେକିଆ ଓ ବୁଲଗେରିଆରେ କେତେକ ବିମାନକୁ ସୁରକ୍ଷା ଦୃଷ୍ଟିରୁ ଅନ୍ୟ ବିମାନବନ୍ଦରରେ ଅବତରଣ କରାଯାଇଛି। ଏକ ସପ୍ତାହ ମଧ୍ୟରେ ଏହା ଦ୍ୱିତୀୟ ଥର ଏଭଳି ଧମକ ମିଳିଛି। ଡବ୍ଲ୍ୟୁ ରିପୋର୍ଟ ଅନୁଯାୟୀ, ଡବ୍ଲିନ୍‌ରୁ ରୋମ୍ ଯାଉଥିବା ଏୟାରଲିଙ୍ଗସ୍‌ର ଏକ ବିମାନକୁ ବୋମା ଧମକ ପରେ ଫ୍ରାନ୍ସର ଏଭ୍ରୁ ବାୟୁସେନା ଘାଟିରେ ଅବତରଣ କରାଯାଇଥିଲା। ଫିନଲାଣ୍ଡରୁ ଆସୁଥିବା ଏକ ବିମାନ ରୋମ୍‌ରେ ଅବତରଣ କରିଥିବାବେଳେ ଏହାକୁ ସାମରିକ ବିମାନ ସୁରକ୍ଷା ଦେଇଥିଲା। ବ୍ରସେଲ୍ସ ଓ ଭିଏନାରେ ମଧ୍ୟ ବିମାନ ଅବତରଣ କରିଛି। ଏହା ପୂର୍ବରୁ ମଙ୍ଗଳବାର ୟୁରୋପରେ ୭ଟି ବିମାନ ଓ ଏକ ଜାହାଜକୁ ବୋମା ଧମକ ମିଳିଥିଲା। ଯାଞ୍ଚ ପରେ କୌଣସି ବିସ୍ଫୋରକ ମିଳି ନଥିଲା। ବର୍ତ୍ତମାନର ଧମକଗୁଡ଼ିକର ତଦନ୍ତ ଚାଲିଛି।

୨୩ ବର୍ଷ-୨୩୪ ମ୍ୟାଚ୍-୧୪୬ ଗୋଲ୍

ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରୁ ରୋନାଲ୍ଡୋଙ୍କ ଅବସର

ଲିସ୍‌ବନ, ୫।୧୧(ଏଜେନ୍ସି)



ବିଶ୍ୱର ମହାନ ଫୁଟବଲର୍ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଗୁରୁବାର ଅଚାନକ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରି କ୍ରୀଡ଼ାଜଗତକୁ ସ୍ତବ୍ଧ କରିଦେଇଛନ୍ତି। ୪୧ ବର୍ଷୀୟ ରୋନାଲ୍ଡୋ ବେଶ୍ ଭାବପ୍ରବଣ ହୋଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଅବସର ସୂଚନା ଦେଇଥିଲେ। ଫଳରେ ବିନା ବିଶ୍ୱକପ୍ ବିଜୟରେ ରୋନାଲ୍ଡୋଙ୍କ ୨୩ ବର୍ଷର ଜ୍ୱାଜଲ୍ୟମୟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

୨୦୦୩ରୁ ଯାତ୍ରା ଆରମ୍ଭ

୨୦୦୩ ଅଗଷ୍ଟରେ ମାତ୍ର ୧୮ ବର୍ଷ ବୟସରେ କାଜାଖସ୍ତାନ ବିପକ୍ଷରେ ଖେଳି ରୋନାଲ୍ଡୋ ପର୍ତ୍ତୁଗାଲ୍ ପାଇଁ ପଦାର୍ପଣ କରିଥିଲେ। ପାଖାପାଖି ଅଢ଼େଇ ଦଶନ୍ଧିର କ୍ୟାରିୟରରେ ରୋନାଲ୍ଡୋ ଦେଶ ପାଇଁ ୨୩୪ଟି ମ୍ୟାଚ୍ ଖେଳି ବିଶ୍ୱରେକର୍ଡ ୧୪୬ଟି ଗୋଲ୍ ଦେଇଛନ୍ତି। ପୁରୁଷ ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରେ ସର୍ବାଧିକ ମ୍ୟାଚ୍ ଖେଳିବା ଓ ଗୋଲ୍ ଦେବାର ରେକର୍ଡ ରୋନାଲ୍ଡୋଙ୍କ ନାମରେ ଲିପିବଦ୍ଧ ରହିଛି। ତାଙ୍କ ନେତୃତ୍ୱରେ ପର୍ତ୍ତୁଗାଲ୍ ୨୦୧୬ରେ ୟୁରୋପୀୟ ଚାମ୍ପିଅନ୍‌ସିପ୍ ଏବଂ ୨୦୧୯ ଓ ୨୦୨୫ରେ ନେସନ୍ସ ଲିଗ୍ ଟ୍ରଫି ଜିତିଛି। ସେହିଭଳି ଏକମାତ୍ର ଖେଳାଳି ଭାବରେ ୬ଟି ବିଶ୍ୱକପରେ ଗୋଲ୍ ଦେବାର ରେକର୍ଡ ତାଙ୍କ ନାମରେ ରହିଛି। ତେବେ ପର୍ତ୍ତୁଗାଲ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଜର୍ଜ ଜେସୁସ୍‌ଙ୍କ ସହ ମତଭେଦ ତାଙ୍କ ଅନ୍ତିମ ଦିନଗୁଡ଼ିକୁ ବିବାଦୀୟ କରିଥିଲା। ନରୱେ ବିପକ୍ଷ ମ୍ୟାଚ୍‌ରେ ଖେଳିବାର ସୁଯୋଗ ନ ମିଳିବାକୁ ନେଇ ରୋନାଲ୍ଡୋ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଦଳୀୟ ଶିବିର ଛାଡ଼ିବା ଘଟଣା ପାଇଁ ସେ କ୍ଷମା ମାଗିଥିଲେ। ଫେଡେରେସନ୍ ତାଙ୍କୁ ୩୦ ଦିନର ନିଲମ୍ବନ ଓ ୨୫୫ ୟୁରୋ ଜରିମାନା କରିଥିଲା। ଅବସର ବାର୍ତ୍ତାରେ ରୋନାଲ୍ଡୋ କହିଛନ୍ତି, ପର୍ତ୍ତୁଗାଲ୍ ପାଇଁ ସେ ସବୁକିଛି ଦେଇଛନ୍ତି। ଏବେ ୭ ନମ୍ବର ଜର୍ସି ନୂଆ ପିଢ଼ିର ଖେଳାଳିଙ୍କ ହାତକୁ ଯିବ।

ଗୋଟିଏ ବର୍ଷରେ ୩ ମହାରଥୀଙ୍କ ବିଦାୟ

ବର୍ଷ ୨୦୨୬ରେ ବିଶ୍ୱର ୩ଜଣ ମହାରଥୀ ଅନ୍ତର୍ଜାତୀୟ ଫୁଟବଲ୍‌କୁ ଅଲ୍‌ବିଦା କରିଛନ୍ତି। ଫିଫା ବିଶ୍ୱକପ୍‌ରେ ଶୋଚନୀୟ ପରାଜୟବରଣ ପରେ ବ୍ରାଜିଲ ଅଧିନାୟକ ନେମାର ପ୍ରଥମେ ଅବସର ନେଇଥିଲେ। ପରବର୍ତ୍ତୀ ସମୟରେ ଆର୍ଜେଣ୍ଟିନା ସୁପରଷ୍ଟାର୍ ମଧ୍ୟ ବାଏ ବାଏ କରିଥିଲେ। ଶେଷରେ ରୋନାଲ୍ଡୋ ଏହି ଦୁଇ ଖେଳାଳିଙ୍କ ପଦାଙ୍କ ଅନୁସରଣ କରି ସନ୍ନ୍ୟାସ ନେଇଛନ୍ତି।



ଓଡ଼ିଶାର ତନ୍ୱୀଙ୍କୁ ଐତିହାସିକ ରୌପ୍ୟ


ଭୁବନେଶ୍ୱର, ୫।୧୧ (ସମିସ): ଓଡ଼ିଶାର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍ୱି ପତ୍ରୀ ସେନେଗାଲ୍‌ର ରାଜଧାନୀ ଡାକାରରେ ଚାଲିଥିବା ୟୁଥ୍ ଅଲିମ୍ପିକ୍ସରେ ଐତିହାସିକ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ବାଳିକା ସିଙ୍ଗଲ୍ସ ଫାଇନାଲରେ ତନ୍ୱୀ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ୨୧-୧୫, ୨୩-୨୧, ୨୪-୨୬ ଗେମରେ ଚୀନର ୟି ଜିନ୍ ଝାଙ୍ଗ'ଙ୍କ ନିକଟରୁ ହାରିଯାଇଥିଲେ। ଏଥିସହ ତନ୍ୱୀ ପ୍ରଥମ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବରେ ୟୁଥ୍ ଅଲିମ୍ପିକ୍ସରେ ରୌପ୍ୟ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି।



ଭାରତକୁ ହ୍ୟାଟ୍ରିକ୍ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି

ମୋହାଲି, ୫।୧୧ (ଏଜେନ୍ସି): ହ୍ୟାଟ୍ରିକ ସହ ରେକର୍ଡ ଷଷ୍ଠଥର ଲାଗି ଭାରତ ଏସିଆନ ଚାମ୍ପିଅନ୍ସ ଟ୍ରଫି ପୁରୁଷ ହକିରେ ଚାମ୍ପିଅନ ହୋଇଛି। ଗୁରୁବାର ବଲ୍‌ବୀର ସିଂହ ଇଣ୍ଟରନ୍ୟାସନାଲ ହକି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଭାରତ ୪-୧ ଗୋଲରେ ଜାପାନକୁ ପରାସ୍ତ କରିଥିଲା। ଡିଫେଣ୍ଡିଂ ଚାମ୍ପିଅନ ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ଶିଲାନନ୍ଦ ଲାକ୍ରା, ଦିଲପ୍ରୀତ୍ ସିଂହ, ଯୁଗରାଜ ସିଂହ ଓ ସୁଖଜିତ୍ ସିଂହ ଗୋଟିଏ ଲେଖାଏ ଗୋଲ୍‌ସ୍କୋର କରିଥିଲେ। ମ୍ୟାଚରେ ଜାପାନ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ ଗୋଲ୍‌ରେ ଅଗ୍ରଣୀ ରହିଥିଲା। ଘରୋଇ ଭାରତ ଦ୍ୱିତୀୟାର୍ଦ୍ଧରେ ଲଢୁଆ ପ୍ରଦର୍ଶନ କରି ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ଭାରତ ଏଥିପୂର୍ବରୁ ୨୦୧୧, ୨୦୧୬, ୨୦୧୮, ୨୦୨୩ ଓ ୨୦୨୪ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଟାଇଟଲ୍ ଜିତିଥିଲା। ମାଲେସିଆ ୫-୨ ଗୋଲରେ ଦ.କୋରିଆକୁ ହରାଇ କାଂସ୍ୟ ପଦକ ହାସଲ କରିଛି।





ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।



✓ ପ୍ରଭାତ କୁମାର ପ୍ରଧାନ

ସୂତାହାଟ, ଖ୍ରୀଷ୍ଟିଆନ ସାହି, କଟକ

ଆବିର୍ଭାବ-୧୫.୦୨.୧୯୨୨
ତିରୋଧାନ-୨୨.୧୦.୨୦୨୨

ଆପଣଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ଜୀବନରେ ପାଥେୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଅନନ୍ତକୋଟି ପ୍ରାର୍ଥନା।

ଶୋକସନ୍ତପ୍ତ : ଭାଇ-ପ୍ରଶାନ୍ତ, ଭାସ୍କର, ମେଘା, ସୁଇଟି, ଜିସ୍, କ୍ରିସ୍, ଶୋହାନୀ, ନିମୁ ଓ ଟୁଇନ୍‌ସିଟି ପରିବାର

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY